



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-179 ♦THURSDAY ♦25 DECEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୭୯ ♦ଗୁରୁବାର ♦୨୫ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଚଳନ୍ତା କାର୍‌ରେ ଆଇଟି କମ୍ପାନୀ ମ୍ୟାନେଜରଙ୍କୁ ଗଣଦୁଷ୍କର୍ମ

■ ଉଦୟପୁର, ୨୪।୧୨ (ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଚଳନ୍ତା କାର୍‌ରେ ଜଣେ ଆଇଟି କମ୍ପାନୀ ମ୍ୟାନେଜର ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି। ଏକ ଜନ୍ମଦିନ ପାର୍ଟିରେ ଯୋଗ ଦେବା ପରେ ଘରେ ଛାଡିଦେବା ବାହାନାରେ ଷଡଯନ୍ତ୍ରପୂର୍ବକ ଏହି କାଣ୍ଡ ଘଟାଯାଇଛି। ପୀଡିତା ଯୁବତୀ ଏଥିପାଇଁ ନିଜ କମ୍ପାନୀ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ଓ ତାଙ୍କ ପତିଙ୍କ ବିରୋଧରେ ଦୁଷ୍କର୍ମ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସମ୍ପୂର୍ଣ୍ଣ ଅଘଟଣ ସୁଖେର ଅଞ୍ଚଳରେ ଘଟିଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ, ଯୁବତୀ ଜଣକ ଏକ ଘରୋଇ ଆଇଟି କମ୍ପାନୀର ମ୍ୟାନେଜର ଅଛନ୍ତି। ଡିସେମ୍ବର ୨୦ ତାରିଖରେ କମ୍ପାନୀର ସିଇଓଙ୍କ ଜନ୍ମଦିନ ଓ ନୂଆବର୍ଷ ପାର୍ଟି ଥିଲା। ଏହା ଶୋଭାଗପୁରାସ୍ଥିତ ଏକ ହୋଟେଲରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ସମସ୍ତେ ମଦ୍ୟପାନ କରିଥିଲେ। ରାତି ୯ଟାରେ ହୋଟେଲ ପହଞ୍ଚିବା ପରେ ସେଠାରେ ଏହି ୩ ଜଣ ଥିଲେ। ପାର୍ଟିରୁ ସମସ୍ତେ ଗଲା ପରେ ଏହି ୩ ଜଣ ତାଙ୍କୁ ଘରେ ଛାଡି ଦେବାକୁ କହିଥିଲେ ରାସ୍ତାରେ ତାଙ୍କୁ ସିଗାରେଟ ଭଳି ଏକ ପଦାର୍ଥ ପିଇବାକୁ ଦିଆଯାଇଥିଲା ଓ ଯୁବତୀ ଜଣକ ବେହୋସ ▶ପୃଷ୍ଠା-୧୦



## ମହାକାଶକୁ ଇସ୍ରୋ ପଠାଇଲା ସବୁଠୁ ଓଜନିଆ ଉପଗ୍ରହ

### ଆମେରିକୀୟ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ-୨' ଉତ୍କ୍ଷେପଣ

### ମହାକାଶରୁ ସ୍ମାର୍ଟଫୋନକୁ ସିଧା କଲ୍ ହୋଇପାରିବ

■ ଶ୍ରୀହରିକୋଟା, ୨୪।୧୨ (ଏଜେନ୍ସି): ଭାରତର ସବୁଠାରୁ ଓଜନିଆ ବାହୁବଳୀ ରକେଟ ଏଲ୍‌ଭିଏମ୍‌୩-ଏମ୍‌୬ (ଲଞ୍ଚ୍ ଭେଇକଲ ମାର୍କ-୩ ଏମ୍‌୬) ଆଜି ସକାଳ ୮ଟା ୫୫ରେ ଆମେରିକୀୟ ଉପଗ୍ରହ ବ୍ଲୁବାର୍ଡ ବ୍ଲକ-୨ ମହାକାଶ ।।ରେ ଛାଡିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ରକେଟ ଜରିଆରେ ୬, ୧୦୦କେଜି ଓଜନର ଏହି ଆମେରିକୀୟ ଉପଗ୍ରହ ଉତ୍କ୍ଷେପଣ କରିଛି। ବ୍ଲୁବାର୍ଡ ହେଉଛି ଭାରତ ମାଟିରୁ ଉତକ୍ଷେପଣ ହୋଇଥିବା ସବୁଠାରୁ ଓଜନିଆ ଉପଗ୍ରହ। ଉତକ୍ଷେପଣ ହେବାର ୧୫ ମିନିଟ୍ ପରେ ରକେଟଠାରୁ ଏହି ଉପଗ୍ରହ ଅଲଗା ହୋଇଥିଲା ଓ ୫୨୦ କିମି ଉପରେ ମହାକାଶ କକ୍ଷରେ ସଫଳତାର ସହ ସ୍ଥାପିତ ହୋଇଥିଲା।

ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ ଏହାକୁ ଦେଶ ପାଇଁ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବରୁ ନଭେମ୍ବରରେ ଉଦ୍‌କ୍ଷେପଣ କରାଯାଇଥିବା ଏଲ୍‌ଭିଏମ୍‌୩- ଏମ୍‌୫ ଯୋଗାଯୋଗ ଉପଗ୍ରହ-୦୩ ପ୍ରାୟ ୪, ୪୦୦ କେଜି ଓଜନର ଥିଲା। ଏହାକୁ ଜିଓସିଙ୍କ୍ରୋନାସ ଟ୍ରାନ୍ସଫର ଅରବିଟ୍ (ଜଟିଓ)ରେ ସ୍ଥାପିତ କରାଯାଇଥିଲା। ବ୍ଲୁବାର୍ଡ ଉତ୍କ୍ଷେପଣ କରିଥିବା ଏଲଭିଏମ୩-ଏମ୍‌୬ ରକେଟର ▶ପୃଷ୍ଠା-୧୦

## ଦିବ୍ୟାଙ୍ଗ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା

# ଚାନ୍ଦବାଲି ଅଶାନ୍ତ, ରାଜ୍ୟ ହୁଲସ୍ଥୁଲ

### ମୁଖ୍ୟ ଅଭିଯୁକ୍ତ ଗିରଫ, ଘର, ଦୋକାନ ଉଚ୍ଛେଦ

■ ଭଦ୍ରକ, ୨୪।୧୨ (ସମିସ): ଚାନ୍ଦବାଲି ଏନ୍‌ଏସି ରାମପଲ୍ଲୀ ଗାଁ(୧୫ ନମ୍ବର ୱାର୍ଡ) ରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚାନ୍ଦବାଲି ଜଳୁଥିବା ବେଳେ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଲୋକମାନେ ଶବ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣା ଘଟିଥିବା ବାଲିଗାଁ ଛକରେ ପ୍ରବଳ ନିଶା କାରବାର ଯୋଗୁଁ ଏହି ଘଟଣା ଘଟିଥିବା ଏସ୍‌ପି ଶ୍ରୀ ରାଉତଙ୍କ ନିକଟରେ ▶ପୃଷ୍ଠା-୧୦

**ଆଜି ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ**



### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ; ୧୦ ଲକ୍ଷ ସହାୟତା

■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ▶ପୃଷ୍ଠା-୧୦

### ରାଜ୍ୟବାସୀ ବିଚଳିତ ଓ ଆତଙ୍କିତ: ନବୀନ



■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଓ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

### ଆଣ୍ଠେଇଲା ବାଂଲାଦେଶ

## ଭାରତକୁ ମାଗିଲା ଚାଉଳ



### ୫୫ ହଜାର ଟନ୍ ଶସ୍ତା ଚାଉଳ ପଠାଇବାକୁ ଅନୁରୋଧ

■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ପରାଜୟ ଆଶଙ୍କାରେ ସାଧାରଣ ନିର୍ବାଚନ ଘୁଞ୍ଚାଇବା ପାଇଁ ବାଂଲାଦେଶରେ ଜାଣିଶୁଣି ହିଂସା କରାଉଛନ୍ତି ୟୁନୁସ୍ ସରକାର। ଛାତ୍ର ନେତା ଉସ୍‌ମାନ ହାଦିଙ୍କୁ ହତ୍ୟା କରି ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ଭାରତ ଉପରେ ଏହାର ଦୋଷ ଲଗାଉଛି। ଏହି ଦେଶରେ ଭାରତ ବିରୋଧୀ ବିକ୍ଷୋଭ ଜୋରଦାର ହୋଇଛି। ଏପରି ସମୟରେ ଦେଶର କ୍ଷୁଧା ମେଣ୍ଟାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତ ନିକଟରେ ହାତ ପତେଇଛନ୍ତି। ବାଂଲାଦେଶରେ ଦେଖା ଦେଇଥିବା ଗମ୍ଭୀର ଖାଦ୍ୟ ସଙ୍କଟର ସମାଧାନ ଲାଗି ୟୁନୁସ ସରକାର ଭାରତକୁ ନିବେଦନ କରିଛନ୍ତି। ଦେଶରେ ବହୁତ କମ ଚାଉଳ ଥିବାରୁ ଭାରତକୁ ୫୫ ହଜାର ଟନ୍ ଚାଉଳ ଦେବା ପାଇଁ ଅନୁରୋଧ କରିଛନ୍ତି। ଏପରି ସ୍ଥିତିରେ ବାଂଲାଦେଶକୁ କୌଣସି ଅନୁକମ୍ପା ନ ଦେଖାଇବା ପାଇଁ ଭାରତୀୟ ବ୍ୟବସାୟୀ ସଂଘ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଭାରତ ବିରୋଧୀ ହିଂସା ଚଳାଇଥିବା ଢାକାକୁ ସବୁ ପକାର ରପ୍ତାନୀ ନିଷିଦ୍ଧ କରିବାକୁ ଦାବି କରିଛନ୍ତି। ବାଂଲାଦେଶ ଆର୍ଥିକ ପରାମର୍ଶଦାତା କହିଛନ୍ତି, ଦେଶ ପାଇଁ ରାଜନୀତି ନୁହେଁ; ଅର୍ଥନୀତି ଆଗ। ଭାରତ ସହ ସମ୍ବନ୍ଧ ସବୁଠାରୁ ଖରାପ ସ୍ତରକୁ ପହଞ୍ଚିଯାଇଛି ସତ, କିନ୍ତୁ ଏହାକୁ ସୁଧାରିବା ପାଇଁ ମହମ୍ମଦ ୟୁନୁସ୍ ପ୍ରୟାସ କରୁଛନ୍ତି। କିଛି ନେତା ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରଶ୍ରୟ ଦେଉଛନ୍ତି ସତ, କିନ୍ତୁ ଏହା ବାଂଲାଦେଶର ରାଷ୍ଟ୍ରୀୟ ସ୍ୱାର୍ଥ ନୁହେଁ।

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ବାଂଲାଦେଶ ଛାଡ଼ିବା ପୂର୍ବରୁ କୂଟନୈତିକ ସ୍ତରରେ ଭାରତ ସହ ବାଂଲାଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି। ମାତ୍ର ବାଣିଜ୍ୟ ଦୃଷ୍ଟିରୁ ନୂଆଦିଲ୍ଲୀ ଉପରେ ଢାକା ସମ୍ପୂର୍ଣ୍ଣ ▶ପୃଷ୍ଠା-୧୦

### ନୂଆ ବର୍ଷରେ ପ୍ରଶାସନର ନୂଆ ମୁଖିଆ

## ଅନୁ ଗର୍ଗ ହେବେ ମୁଖ୍ୟ ସଚିବ



**ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ସଚିବ**

**ଜାନୁଆରୀ ପହିଲାରେ ନେବେ ଦାୟିତ୍ୱ**

■ ଭୁବନେଶ୍ୱର, ୨୪।୧୨ (ସମିସ): ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ତଥା ରାଜ୍ୟ ଉନ୍ନୟନ କମିସନର ଅନୁ ଗର୍ଗ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ। ଆସନ୍ତା ଜାନୁଆରୀ ପହିଲାରେ ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ମୁଖ୍ୟ ସଚିବ ଭାବରେ ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିବେ। ୧୯୬୯ ମାର୍ଚ୍ଚ ୧ରେ ଜନ୍ମିତ ଅନୁ ଗର୍ଗ ମାତ୍ର ୨୨ବର୍ଷ ବୟସରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡ଼ର ଅଧିକାରୀ ଭାବରେ ସେ ▶ପୃଷ୍ଠା-୧୦

## ସୁଧୁରୁନି ଧାନ କିଣା ଅଚଳାବସ୍ଥା

### ପ୍ରଶାସନ ସହ ଆଲୋଚନା ବିଫଳ; କୃଷକ ସଂଘର ଆନ୍ଦୋଳନ ଜାରି



■ ଉମରକୋଟ, ୨୪।୧୨(ସମିସ): ନବରଙ୍ଗପୁର ଜିଲ୍ଲାରେ ସୁଧୁରୁନି ଧାନକିଣା ଅଚଳାବସ୍ଥା। ଧାନମଣ୍ଡି ଅବ୍ୟବସ୍ଥା ଏବଂ ମକାର ଏମ୍‌ଏସ୍‌ପି ବୃଦ୍ଧି ଦାବିରେ ଚାଷୀଙ୍କ ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ଗତକାଲି(ମଙ୍ଗଳବାର) ବିଳମ୍ବିତ ରାତିରେ ଜିଲ୍ଲା ପ୍ରଶାସନ ସହ କୃଷକ ମହାସଂଘର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଛି। ଏଣୁ ଆନ୍ଦୋଳନକୁ ଅଧିକ ତୀବ୍ର କରିବାକୁ ନିଷ୍ପତ୍ତି ନେଇଛି କୃଷକ ମହାସଂଘ। ଆଲୋଚନା ▶ପୃଷ୍ଠା-୧୦

### ଜିଲ୍ଲାପାଳଙ୍କୁ କୋଟପାଡ଼ କୃଷକ କଲ୍ୟାଣ ମଞ୍ଚର ଦାବିପତ୍ର

■ କୋରାପୁଟ, ୨୪।୧୨ (ସମିସ): କୋଟପାଡ଼ ବ୍ଲକରେ ଧାନ ମଣ୍ଡି ଖୋଲା ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ ଧାନ କ୍ରୟ ଆରମ୍ଭ ନ ହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ନେଇ କୋଟପାଡ଼ ବ୍ଲକ କୃଷକ କଲ୍ୟାଣ ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ▶ପୃଷ୍ଠା-୧୦


## ଆଜିଠୁ ବଢ଼ିବ ଶୀତ

### ଦୁଇରୁ ତିନି ଡିଗ୍ରୀ ଖସିବ ପାରଦ

■ ଭୁବନେଶ୍ୱର, ୨୪।୧୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟରେ ପୁଣି ବଢ଼ିବ ଶୀତ। ଗୁରୁବାରଠାରୁ ରାଜ୍ୟକୁ କ୍ରମାଗତ ଭାବେ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏହାଦ୍ୱାରା ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ଥଣ୍ଡା ବାୟୁର ପ୍ରବାହ ହେତୁ ବିଭିନ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଏହ ଧାରାରେ ଆଗକୁ ମଧ୍ୟ ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ବଡ଼ଦିନଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ପୁଣି ଥରେ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ତାପମାତ୍ରା ୬.୧, ସେମିଳିଗୁଡ଼ିରେ ୬.୬, ଝାରସୁଗୁଡ଼ାରେ ୬.୮, ଦାରିଙ୍ଗବାଡ଼ି ୭.୫, ଜି ▶ପୃଷ୍ଠା-୧୦







# ପରକୀୟା ସନ୍ଦେହରେ ବ୍ୟାଙ୍କ ମ୍ୟାନେଜରଙ୍କ ପତ୍ନୀଙ୍କୁ ହତ୍ୟା କଲେ ଇଞ୍ଜିନିୟର ପତି



ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ବେଙ୍ଗାଲୁରୁରେ ଜଣେ ସଫ୍ଟୱାର ଇଞ୍ଜିନିୟର ମଙ୍ଗଳବାର ସନ୍ଧ୍ୟାରେ ସଡ଼କ ଉପରେ ହିଁ ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହାପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ପତ୍ନୀ ପରକୀୟା ପ୍ରୀତିରେ ଥିବା ପତି ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବହୁ ଦିନ ହେବ ବିବାଦ ଜାରି ରହିଥିଲା। ମୃତ ମହିଳା ହେଉଛନ୍ତି ୩୯ ବର୍ଷୀୟ ଭୁବନେଶ୍ୱରୀ। ସେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବସବେଶ୍ୱରନଗର ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ। ସେହିପରି ଅଭିଯୁକ୍ତ ସ୍ୱାମୀ ବାଲାମୁରୁଗାନ ଏକ ଘରୋଇ ଆଇଟି ଫାର୍ମରେ ସଫ୍ଟୱାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଦୁଇଜଣ ତାମିଲନାଡୁର ସଲେମ ଜିଲ୍ଲାର ବାସନ୍ଦା। ୧୮ ମାସ ହେବ ଦୁହେଁ ଅଲଗା ରହୁଥିଲେ। ଏହା ମଧ୍ୟରେ ସ୍ୱାମୀ ଚାକିରି ଛାଡି ସ୍ତ୍ରୀଙ୍କ ଉପରେ ନଜର ରଖିଥିଲେ। ଏହି ମାମଲାରେ ପୁଲିସ ଏକ ମାମଲା ଦାଏର କରିଛି। ପୁଲିସ କହିବା ଅନୁସାରେ ରାଜାଜୀନଗର ଇଣ୍ଡଷ୍ଟ୍ରିଆଲ ଏରିଆର ମେନ୍ ରୋଡ଼ ଉପରେ ମଙ୍ଗଳବାର ପାଖାପାଖି ସନ୍ଧ୍ୟା ୬.୩୦ରେ ବାଲାମୁରୁଗାନ ଅତିନିକଟରୁ ଭୁବନେଶ୍ୱରୀଙ୍କ ଉପରେ ୪ଟି ଗୁଳି ଚଳାଇଥିଲେ। ଦୁଇଟି ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଆଉ ଦୁଇଟି ଗୁଳି ତାଙ୍କ ବାମହାତରେ ଲାଗିଥିଲା। ଆହତ ଅବସ୍ଥାନରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ୨୦୧୧ରେ ଦୁହେଁ ବିବାହ କରିଥିଲେ ଓ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ଗତ ଦେଢ଼ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ବିବାଦ ଓ ଝଗଡ଼ା ହୋଇଥିଲା। ଭୁବନେଶ୍ୱରୀଙ୍କଠାରୁ ଛାଡ଼ପତ୍ରର ନୋଟିସ ମିଳିବା ପରେ ମାମଲ ଆଗକୁ ବଢ଼ିଯାଇଥିଲା ଓ ବାଲାମୁରୁଗାନଙ୍କ ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ଦୁହିଁଙ୍କ ଗୋଟିଏ ପିଲା ମଧ୍ୟ ରହିଛି ବୋଲି ପୁଲିସ କହିଛି।

# ବିମାନ ଦୁର୍ଘଟଣାରେ ଲିବ୍ୟା ସେନା ମୁଖ୍ୟଙ୍କ ମୃତ୍ୟୁ


ତ୍ରିପୋଲି, ୨୪।୧୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବିଆ ସେନାବାହିନୀର ମୁଖ୍ୟ ଲେଫ୍‌ନାଣ୍ଟ ଜେନେରାଲ ମହମ୍ମଦ ଅଲ- ହଦ୍ଦାକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ରାତିରେ ତୁର୍କୀରେ ଏହି ବିମାନ ଦୁର୍ଘଟଣା ଘଟିଥିଲା। ଏହି ବିମାନରେ ୮ ଜଣ ଲୋକ ଯାତ୍ରା କରୁଥିଲେ। ସେନା ମୁଖ୍ୟଙ୍କ ସମେତ ମୋଟ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ତୁର୍କୀ ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ, ଫାଲକନ- ବିମାନର ଭଗ୍ନାବଶେଷ ତୁର୍କୀ ରାଜଧାନ ଆଙ୍କାର ନିକଟସ୍ଥ ମେମାନା ଅଞ୍ଚଳରେ ଠାବ କରାଯାଇଥିଲା। ଉଡାଣ ଭରିବାର ୩୦ ମିନିଟ୍ ପରେ ବିମାନଟି ଏକ ଯାନ୍ତ୍ରୀକ ତ୍ରୁଟିର ସମ୍ମୁଖୀନ ହୋଇ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗର ଉନ୍ନତି ପାଇଁ ଲିବିଆର ଏକ ସାମରିକ ପ୍ରତିନିଧି ଦଳ ତୁର୍କୀ ସହିତ ଆଲୋଚନା ପାଇଁ ଆଙ୍କାରାରେ ଥିଲେ। ବୈଠକ ସାରି ଏମାନେ ଲିବିଆ ଫେରୁଥିଲେ। ଏହା ଦେଶ ପାଇଁ ଏକ ବଡ଼ କ୍ଷତି ବୋଲି ଲିବିଆ ପ୍ରଧାନମନ୍ତ୍ରୀ ଅବଦୁଲ-ହମିଦ ଦବେବା କହିଛନ୍ତି। ବିମାନ ସ୍ଥାନୀୟ ସମୟ ରାତି ୮ଟାରେ ଆଙ୍କାରାର ଏସନବୋଗା ବିମାନ ବନ୍ଦରରୁ ଉଡାଣ ଭରିଥିଲା ଓ ଏହାର କିଛି ସମୟ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ତୁର୍କୀର ଗୃହମନ୍ତ୍ରୀ କହିଛନ୍ତି। ଅବତରଣ କରିବାକୁ ବିମାନର ପାଇଲଟ ସଂକେତ ପଠାଇଥିଲେ। ତେବେ ବିମାନ ସହ ସମ୍ପର୍କ ଛିର୍ଣ୍ଣ ହୋଇଥିଲା ବୋଲି ସେ କହିଛନ୍ତି। ଏହି ବିସ୍ଫୋରଣ ପରେ ଆଙ୍କାର ବିମାନ ବନ୍ଦରଙ୍କୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥିଲା।

# ତାଇୱାନରେ ଭୂକମ୍ପ

## ଚୀନ୍, ଫିଲିପାଇନ୍ସ, ଜାପାନରେ ଝଟ୍‌କା

ତାଇପେ, ୨୪।୧୨(ଏଜେନ୍ସି): ତାଇୱାନର ଦକ୍ଷିଣପୂର୍ବ ଅଞ୍ଚଳରେ ବୁଧବାର ସନ୍ଧ୍ୟା ୫.୪୭ ମିନିଟ୍‌ରେ ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଭୂକମ୍ପର ଝଟ୍‌କା ଚୀନ୍, ଫିଲିପାଇନ୍ସ ଓ ଜାପାନରେ ମଧ୍ୟ ଅନୁଭୂତ ହୋଇଥିଲା। ସେଣ୍ଟ୍ରାଲ ୱେଦର ଆଡମିନିଷ୍ଟ୍ରେସନ (ସିଡବ୍ଲ୍ୟୁଏ) ଅନୁସାରେ, ଭୂକମ୍ପର କେନ୍ଦ୍ର ତାଇତୁଙ୍ଗ କାଉଣ୍ଟି ହଲରୁ ୧୦.୧ କିମି ଦୂରରେ ଥିଲା ଓ ଏହାର ଗଭୀରତା ୧୧.୯ କିମି ଥିଲା। ଗୋଟିଏ ବର୍ଷ ପୂର୍ବରୁ ତାୱାନର ହୁଲିଏନ କ୍ଷେତ୍ରରେ ୨୦୨୪ ଏପ୍ରିଲ ୩ରେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଗତ ୨୫ ମଧ୍ୟରେ ଏହାଥିବା ଏହି ଅଞ୍ଚଳର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ। ଏଥିରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବହୁ କୋଠା ଧ୍ୱଂସସ୍ତୂପରେ ପରିଣତ ହେବା ସହ ପାହାଡରୁ ଭୂସ୍ଖଳନ ମଧ୍ୟ ହୋଇଥିଲା। ଦୁଇଟି ଟେକ୍ଟୋନିକ ପ୍ଲେଟ ଉପରେ ତାଇୱାନ ସୃଷ୍ଟି ହୋଇଛି।

# କାନାଡ଼ାରେ ଭାରତୀୟ ମହିଳାଙ୍କୁ ହତ୍ୟା



ଟରଣ୍ଟୋ, ୨୪।୧୨(ଏଜେନ୍ସି): କାନାଡ଼ାର ଟରଣ୍ଟୋ ସହରରେ ଜଣେ ୩୦ ବର୍ଷୀୟା ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ ସଂଦୀଗ୍ଧ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରାଯାଇଛି। ପୁଲିସ ସୂଚନା ମୁତାବିକ, ଡିସେମ୍ବର ୧୯ରେ ଷ୍ଟ୍ରଚାନ ଆଭେନ୍ୟୁ ଓ ୱେଲିଂଟନ ଷ୍ଟ୍ରିଟ୍ ଅଞ୍ଚଳରୁ ଜଣେ ମହିଳ ନିଖୋଜ ହୋଇଥିବାର ରିପୋର୍ଟ କରାଯାଇଥିଲା। ପରଦିନ ସକାଳେ ୨୦ ତାରିଖରେ ପୁଲିସ ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ଏକ ହତ୍ୟାକାଣ୍ଡ ଭାବେ ବିଚାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକ ମହିଳାଙ୍କ ଟରଣ୍ଟୋ ନିବାସୀ ହିମାଂଶୀ ଖୁରାନା ବୋଲି ପୁଲିସ କହିଛି। ଏହି ଘଟଣା ସଂଦୀଗ୍ଧ ବ୍ୟକ୍ତି ଅବଦୁଲ ଗଫୁର (୩୨) ପୀଡିତାଙ୍କୁ ଜାଣିଛନ୍ତି ଓ ସେ ମଧ୍ୟ ଟରଣ୍ଟୋରେ ରହୁଥିଲେ। ତା ବିରୋଧରେ ହତ୍ୟା ଅଭିଯୋଗ କରାଯାଇଛି। ଟରଣ୍ଟୋରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି। ଦୂତାବାସ ହିମାଂଶୀଙ୍କ ପରିବାରଙ୍କୁ ସମବେଦନା ଜଣାଇଛି ଓ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଜନସାଧାରଣଙ୍କୁ ନିବେଦନ କରିଛି।

# ଜଳୁଛି ଆସାମ: ପୁଲିସ ଗୁଳିରେ ୨ ମୃତ

## କାର୍ବି ଆଙ୍ଗଲଙ୍ଗରେ ସେନା ମୁତୟନ


ଗୌହାଟୀ, ୨୪।୧୨(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର ପଶ୍ଚିମ କର୍ବି ଆଙ୍ଗଲଙ୍ଗରେ ଦେଖାଦେଇଥିବା ହିଂସା ନେଇ ଏବେ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ହିଂସା କାରଣରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହାପରେ ରାଜ୍ୟ ସରକାର ସୁରକ୍ଷା ନେଇ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ ଉଚ୍ଚସ୍ତରୀୟ ମନିଟରିଂ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଜନଜୀବନର କ୍ଷତି ନେଇ ଦୁଃଖ ପ୍ରକାଶ କରିଛନ୍ତି। ମଙ୍ଗଳବାର ଖେରୋନୀରେ ହୋଇଥିବା ପୋଡ଼ାଜଳା ଘଟଣା ପରେ ସ୍ଥିତି ଉତ୍ତେଜନାମୂଳକ ରହିଛି। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରୟସା କରାଯାଉଛି। ଏଥିପାଇଁ ସେନାକୁ ମୁତୟନ କରାଯାଇଛି ଓ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୁଲିସ ମହାନିର୍ଦ୍ଦେଶକ ହରମିତ ସିଂ ବୁଧବାର କହିଛନ୍ତି। ଗତ ଦୁଇଦିନ ଧରି ହିଂସା କିଭଳି ସୃଷ୍ଟି ହେଲା ଓ କିପରି ଉଗ୍ରରୂପ ଧାରଣ କଲା ସେ ନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି।



ବାଂଲାଦେଶରେ ପ୍ରାକ ନିର୍ବାଚନୀ ହିଂସା ଚାଲିଥିବା ବେଳେ ଏବେ ଆସାମରେ ମଧ୍ୟ ଅଶାନ୍ତି ସୃଷ୍ଟି ହୋଇଛି। କର୍ବି ଆଙ୍ଗଲଙ୍ଗରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ୨ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ ଜଣ ପୁଲିସ କର୍ମଚାରୀଙ୍କ ସମେତ ୪୫ ଜଣ ଲୋକ ଆହତ ହୋଇଛନ୍ତି। ଆନ୍ଦୋଳନକାରୀ ମାନେ ସ୍ଥାନେ ସ୍ଥାନେ ପୋଡ଼ାଜଳା କରିବା ସହ ହିଂସା ସୃଷ୍ଟି କରିଥିଲେ। ଫଳରେ ପୁଲିସକୁ ଲାଠି ଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ଛାଡିବାକୁ ପଡ଼ିଥିଲା।

ମଙ୍ଗଳବାର ଜବରଦଖଲ ହଟାଇବା ଦାବିରେ ଆନ୍ଦୋଳନ ହିଂସାର ରୂପ ନେବା ପରେ ହିଁ ଏହି ସ୍ଥିତି ଉପୁଜିଥିଲା। କର୍ବି ସମ୍ପ୍ରଦାୟର ଲୋକ ଗତ ୧୫ ଦିନ ହେବ ଅନଶନରେ ବସିଥିଲେ। ଆନ୍ଦୋଳନ ତଥା ପ୍ରତିବାଦ ଆଳରେ ଦୁର୍ବୃତ୍ତମାନେ ଦୋକାନରୁ ଜିନିଷ ପତ୍ର ଲୁଟି ନେଇଥିଲେ, ଯାନବାହନ ଜାଳି ଦେଇଥିଲେ ଓ ଜିଲ୍ଲାର ସ୍ୱୟଂଶାସିତ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ଘରକୁ ପୋଡି ଦେଇଥିଲେ। ଆନ୍ଦୋଳନକାରୀଙ୍କ ଦୁଇ ଗୋଷ୍ଠୀ ସାମ୍ନାସାମ୍ନି ହୋଇଥିଲେ। ଏହାପରେ ପରସ୍ପରକୁ ଟେକା ପଥର ଫିଙ୍ଗିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ଇଣ୍ଟରନେଟ ସେବାକୁ ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସହିତ ଜଡିତ ଆନ୍ଦୋଳନକରୀମାନେ କର୍ବି ଆଙ୍ଗଲଙ୍ଗ ଓ ପଶ୍ଚିମ କର୍ବି ଆଙ୍ଗଲଙ୍ଗ ପ୍ରଫେସନାଲ ଗ୍ରେଜିଂ ରିଜର୍ଭ (ପିଜିଆର) ଓ ଭିଲେଜ ଗ୍ରେଜିଂ ରିଜର୍ଭ (ଭିଜିଆର)ରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ନେଇ ଦାବି ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଖେରୋନୀ ଅଞ୍ଚଳରେ ସବୁଠାର ଅଧିକ ପ୍ରଭାବିତ ହୋଇଛି।

# ହିନ୍ଦୁ-ମୁସଲମାନ ସମସ୍ୟା ପାଇଁ କଂଗ୍ରେସ ଦାୟୀ: ଗଡ଼କରୀ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଦେଶରେ ସୃଷ୍ଟି ହେଉଥିବା ହିନ୍ଦୁ- ମୁସଲମାନ ସମସ୍ୟା ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି। କଂଗ୍ରେସର ତଥାକଥିତ ଧର୍ମନିରପେକ୍ଷତାର ଭୁଲ ଚିନ୍ତାଧାରା ଓ ଭୋଟ ବ୍ୟାଙ୍କର ରାଜନୀତି କାରଣରୁ ଏହି ସାମ୍ପ୍ରଦାୟିକ ସମସ୍ୟା ଚାଲିଆସୁଛି। ପ୍ରକୃତପକ୍ଷେ କଂଗ୍ରେସ ଧର୍ମନିରପେକ୍ଷତାର ଭୁଲ ବ୍ୟାଖ୍ୟା କରିଥିଲା। ଧର୍ମ ନିରପେକ୍ଷତାର ଅର୍ଥ ହେଉଛି ସର୍ବ ଧର୍ମ ସମଭାବ। କିନ୍ତୁ ଏହାର ଅର୍ଥ ତୁଷ୍ଟିକରଣ ଆଦୌ ନୁହେଁ। ଅର୍ଥାତ୍ ସବୁଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବେ ସମ୍ମାନ କରିବା, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଏବଂ ସମାନ ଭାବେ ବ୍ୟବହାର କରିବା ବୋଲି ସେ କହିଛନ୍ତି। ଗଡ଼କାରୀ ରାଜସ୍ଥାନ ବିଧାନସଭାର ବାଚସ୍ପତି ବାସୁଦେବ ଦେବନାନୀଙ୍କ ପୁସ୍ତକ 'ସନାତନ ସଂସ୍କୃତି କି ଅଟଳ ଦୃଷ୍ଟି'ର ଲୋକାର୍ପଣ ସମାରୋହରେ ଯୋଗ ଦେଇ ଏହି କଥା କହିଛନ୍ତି। ଏହି ଅବସରରେ ଉପ-ରାଷ୍ଟ୍ରପତି ସିପି ରାଧାକ୍ରୃଷ୍ଣନ ମଧ୍ୟ ଉପସ୍ଥିତ ଥିଲେ। ଭାରତ ପୂର୍ବରୁ, ବର୍ତ୍ତମାନ ଓ ଭବିଷ୍ୟତରେ ଧର୍ମ ନିରପେକ୍ଷ ରହିବ। ତେବେ ଏହା କେବଳ ହିନ୍ଦୁ ସଂସ୍କୃତି କାରଣରୁ ସମ୍ଭବ ବୋଲି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ମନ୍ତବ୍ୟକୁ ଦୋହରାଇ କହିଥିଲେ। ଭାରତୀୟ ସଂସ୍କୃତି ସହିଷ୍ଣୁ, କରୁଣାମୟ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରୟାସ କରିଥାଏ। କେବେ କୌଣସି ହିନ୍ଦୁ ରାଜା କୌଣସି ଧାର୍ମିକ ସ୍ଥଳ ନଷ୍ଟ କରିଥିବାର ଉଦାହଣ ଇତିହାସରେ ମିଳେନାହିଁ ବୋଲି ସେ କହିଛନ୍ତି।

# ୨୦ ବର୍ଷ ପରେ ଏକାଠି ହେଲେ ଉଦ୍ଧବ ଓ ରାଜ ଠାକରେ

ମୁମ୍ବଇ, ୨୪।୧୨(ଏଜେନ୍ସି): ଠାକରେ ପରିବାରର ଦୁଇ ଭାଇ ଉଦ୍ଧବ ଓ ରାଜ ଠାକ୍‌ରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଛନ୍ତି। ବୃହନମୁମ୍ବଇ ନଗର ନିଗମ (ବିଏମ୍‌ସି) ନିର୍ବାଚନ ଦୁହେଁ ସାଥି ହୋଇ ଲଢ଼ିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ୨୦ ବର୍ଷ ପରେ ଶିବସେନା (ୟୁଟିବି) ଓ ରାଜଙ୍କ ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ମେଣ୍ଟ ହୋଇଛି। ପୂର୍ବରୁ ୨୦୦୫ରେ ରାଜ୍ ଶିବସେନାଠାରୁ ଅଲଗା ହୋଇ ଏମ୍‌ଏନ୍‌ଏସ୍ ପାର୍ଟି ଗଠନ କରିଥିଲେ। କିନ୍ତୁ ଏବେ ସାଥିରେ ହୋଇ ନିର୍ବାଚନ ଲଢ଼ିବେ ବୋଲି ଯୁଗ୍ମ ସମ୍ବାଦିକ ସମ୍ମିଳନୀରେ ଦୁହେଁ ଘୋଷଣା କରିଛନ୍ତି। ଆମର ଚିନ୍ତାଧାର ଗୋଟିଏ। ତେଣୁ ଆମେ ଅଲଗା ହେବୁ ତାହାଲେ ଭାଙ୍ଗିଯିବୁ। ମହାରାଷ୍ଟ୍ର ପାଇଁ ଆମେ ସମସ୍ତେ ଏକଜୁଟ ହୋଇଛୁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଉଭୟ ନେତା ଶିବାଜୀ ପାର୍କରେ ବାଲାସାହେବ ଠାକରେଙ୍କ ସ୍ମାରକୀ ପରିଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସନ୍ତବର୍ଷ ଜାନୁଆରୀ ୧୫ରେ ମହାରାଷ୍ଟ୍ରର ୨୯ଟି ନଗର ନିଗମ ପାଇଁ ନିର୍ବାଚନ ହେବ। ୧୭ ତାରିକରେ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ମୁମ୍ବାଇର ମେୟର ଜଣେ ମରାଠି ହେବେ ଓ ସେ ଆମରି ଦଳର ସଦସ୍ୟ ହେବେ ବୋଲି ରାଜ କହିଛନ୍ତି। ୨୦୨୫ ଜୁଲାଇ ୫ରେ ଦୁହେଁ ହିନ୍ଦୀ ଭାଷାକୁ ନେଇ ଚାଲିଥିବା ବିବାଦରେ ଦୁଇ ନେତା 'ମରାଠୀ ଏକତା' ପାଇଁ ବର୍ଲି ଡୋମ୍‌ରେ ଏକାଠି ହୋଇଥିଲେ। ଦୁଇ ଦଳ ଓ ନେତାଙ୍କ ମଧ୍ୟରେ ଆସନ ବୁଝାମଣା ହୋଇଛି। ଉଦ୍ଧବଙ୍କ ଦଳକୁ ୧୪୫ରୁ ୧୫୦ ଓ ରାଜଙ୍କୁ ୬୫ରୁ ୭୦ଟି ଆସନରେ ନିର୍ବାଚନରେ ଅବଦୀର୍ଣ୍ଣ ହେବେ। ସେହିପରି ଶରତ ପାୱାରଙ୍କ ଏନ୍‌ସିପି ଦଳ ଏହି ମେଣ୍ଟର ଅଂଶୀଦାର ହେବେ ଓ ତାଙ୍କୁ ୧୦ରୁ ୧୨ଟି ଆସନ ମିଳିପାରେ ବୋଲି ଆଶା କରାଯାଉଛି। ଦୁହେଁ ଏକାଠି ହେବା ଦ୍ୱାର ବିଜେପି ଉପରେ ଚାପ ବୃଦ୍ଧି ପାଇବ। ମରାଠୀ ଭୋଟର ଏକାଠି ହେବେ ଓ ଶିନ୍ଦେ ଗୋଷ୍ଠୀର ଶିବସେନା ଉପରେ ମଧ୍ୟ ଚାପ ବୃଦ୍ଧି ପାଇବ। ବିଏମ୍‌ସି ଦେଶରୁ ସବୁଠାର ଧନୀ ନଗର ନିଗମ ମଧ୍ୟରୁ ଅନ୍ୟତମ। ଏଠାରେ ଦୀର୍ଘବର୍ଷ ଧରି ଶିବସେନାର ପତିଆର ରହିଆସିଥିଲା। ତେଣୁ ରାଜ ଓ ଉଦ୍ଧବ ଏକାଠି ହେବା ଦ୍ୱାରା ମୁମ୍ବଇରେ ହରାଇ ଥିବା ଗୌରବକୁ ଫେରିବେ ବୋଲି ଆଶା ରଖିଛନ୍ତି।

**ଏକାଠି ଲଢ଼ିବେ ମୁମ୍ବଇ ନଗର ନିଗମ ନିର୍ବାଚନ**

**ଅଜିତ ପାୱାରଙ୍କ ଉପରେ ନଜର**

# ଭାରତକୁ ସତର୍କ କରାଇଲା ଆମେରିକା

## ଚୀନ୍ ଚଳାଉଛି ଦ୍ୱୈତ ଚାଲ୍

ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ଚୀନ୍‌ର ଦ୍ୱୈତ ରଣନୀତି ତଥା ଚାଲ ନେଇ ଆମେରିକା ପୁଣିଥରେ ଭାରତକୁ ସତର୍କ କରାଇଦେଇଛି। ପେଣ୍ଟାଗନର ୨୦୨୫ ରିପୋର୍ଟ ମୁତାବକ ଚୀନ ଗୋଟିଏ ପଟେ ଭାରତ ସହ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ରେ ତିକ୍ତତା କମ୍ କରିବାକୁ ଚାହୁଁଛି। କିନ୍ତୁ ଅନ୍ୟପଟେ ପାକିସ୍ତାନ ସହ ସୈନ୍ୟ ସହଯୋଗ ବୃଦ୍ଧି କରୁଛି। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୪ ଅକ୍ଟୋବରରେ ଭାରତ ଓ ଚୀନ୍ ଏଲ୍‌ଏସିରେ ସଂଘର୍ଷ ହୋଇଥିବା କ୍ଷେତ୍ରରୁ ପଛକୁ ହଟିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ଚୀନ୍‌ର କିଛି ଅଲଗା ଲକ୍ଷ୍ୟ ରହିଛି। ପେଣ୍ଟାଗନ୍‌ର ଆକଳନ ଅନୁସାରେ ଚୀନ୍ ଭାରତ ସହିତ ସମ୍ପର୍କ ସାମାନ୍ୟ କରି ଆମେରିକାର ଆହୁରି ନିକଟକୁ ଯିବାକୁ ନ ଦେବା। ଭାରତ ଓ ଚୀନ୍ ମଧ୍ୟରେ ବିଶ୍ୱାସ ଓ ଭରସା ଏବେ ମଧ୍ୟ କମ୍ ରହିଛି ଓ ଅବିଶ୍ୱାସର ବାତାବରଣ ଜାରି ରହିଛି। ଦୁଇ ଦେଶ ମଧ୍ୟରେ ଅରୁଣାଚଳ ପ୍ରଦେଶକୁ ନେଇ ଏବେ ମଧ୍ୟ ବଡ଼ ବିବାଦ ରହିଛି। ଅରୁଣାଚଳକୁ ଚୀନ୍ ନିଜର ବୋଲି ଦାବି କରୁଛି। ଏହାଦ୍ୱାରା ଭାରତର ସାର୍ବଭୌମତ୍ୟ ଉପରେ ପ୍ରଶ୍ନ ଉତ୍ଥାପିତ ହେଉଛି। ଚୀନ୍ ତାଇୱାନ ଓ ଦକ୍ଷିଣ ଚୀନ୍ ସାଗର ଭଳି ଅରୁଣାଚଳକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେଉଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେପଟେ ଚୀନ୍ ପାକିସ୍ତାନକୁ କ୍ରମାଗତ ଭାବେ ଅସ୍ତ୍ରଶସ୍ତ୍ର, ଡ୍ରୋନ୍ ଓ ଅନ୍ୟ ସାମରିକ ଉପକରଣ ପ୍ରଦାନ କରୁଛି। ପାକିସ୍ତାନ ଓ ଚୀନ୍ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ସହଯୋଗ ନେଇ ପେଣ୍ଟାଗନ ଚିନ୍ତା ପ୍ରକଟ କରିଛି। ରିପୋର୍ଟ ଅନୁସାରେ ଚୀନ୍ ପାକିସ୍ତାନକୁ ୨୦୨୦ରୁ ଏପର୍ଯ୍ୟନ୍ତ ୩୬ଟି ଜେ-୧୦ସି ଲଢୁଆ ବିମାନ ପ୍ରଦାନ କରିଛି। ଏହାକୁ ବାଦ୍ ଦେଲେ ଦୁଇ ଦେଶ ସାଥି ହୋଇ ଜେଏଫ୍-୧୭ ଜେଟ୍ ତିଆରି କରୁଛନ୍ତି। ପାକିସ୍ତାନକୁ ଚୀନ୍ ନୌସେନା ଉପକରଣ ମଧ୍ୟ ପ୍ରଦାନ କରୁଛି। ପୁଣି ଭବିଷ୍ୟତରେ ଚୀନ୍ ପାକିସ୍ତାନରେ ସାମରିକ ଘାଟି ପ୍ରତିଷ୍ଠା କରିପାରେ। ତେଣୁ ଏ ସଂକ୍ରାନ୍ତରେ ଭାରତ ସତର୍କ ରହିବା ଉଚିତ ବୋଲି ପେଣ୍ଟାଗନ ପରାମର୍ଶ ଦେଇଛି।

# ରାଜସ୍ଥାନ ସୀମା ନିକଟରେ ନୂଆ ଏୟାରବେସ୍

**■ ମାତ୍ର କେତେ ସେକେଣ୍ଡରେ ପାକିସ୍ତାନର ୩ ବଡ଼ ପ୍ରତିରକ୍ଷା ଠିକଣାରେ ପହଞ୍ଚିବ ଭାରତୀୟ ଲଢୁଆ ବିମାନ**

ଯୋଧପୁର, ୨୪।୧୨(ଏଜେନ୍ସି): ରାଜସ୍ଥାନରେ ଥିବା ଭାରତ- ପାକିସ୍ତାନ ସୀମାରେ ଏବେ ନୂଆ ଏୟାରବେସ୍ ନିର୍ମାଣ ନେଇ ବାଟ ଫିଟିଛି ଏହି ଏୟାର ବେଶଠାରୁ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଭାରତୀୟ ଲଢୁଆ ବିମାନ ପାକିସ୍ତାନର ୩ଟି ବଡ଼ ସୁରକ୍ଷା ଘାଟିରେ ପହଞ୍ଚି ପାରିବ। ଏହି ନୂଆ ଏୟାରବେସ୍ ନିର୍ମାଣ ପାଇଁ ଶ୍ରୀଗଙ୍ଗାନରଗର ସାଦୁଲଶହରର ତହସିଲ ଚାରିପାଖରେ ଜମି ଅଧିଗ୍ରହଣ ପାଇଁ ପଥ ପରିଷ୍କାର ହୋଇଛି। ଜମି ଅଧିଗ୍ରହଣ ବିରୋଧ କରି ୫୮ ଜଣ ଚାଷୀ ଓ ଜମିମାଲିକ ଆବେଦନ କରିଥିଲେ। ତେବେ ଡିସେମ୍ବର ୧୮ରେ ହୋଇଥିବା ଏକ ଶୁଣାଣିରେ ରାଜସ୍ଥାନ ହାଇକୋର୍ଟ (ଯୋଧପୁର) ସବୁ ଆବେଦନଗୁଡିକୁ ଖାରଜ କରିଥିଲେ। ଜଷ୍ଟିସ ନୁପୁର ଭାଟି କମ୍ପୋଜିଟ୍ ଆଭିଏସନ ବେସ୍ (ଏଫ୍‌ସିଏବି) ପାଇଁ ଜମି ଅଧିଗ୍ରହଣକୁ ସମର୍ଥନ କରିଥିଲେ। ହାଇକୋର୍ଟ କହିଛନ୍ତି ଯେ, ଏହି ଆବେଦନ କେବଳ ବୈଷୟିକ ଆପତ୍ତି ଉପରେ ଆଧାରିତ ଓ ରାଷ୍ଟ୍ରୀୟ ମହତ୍ତ୍ୱର ଏକ ପ୍ରତିରକ୍ଷା ପ୍ରକଳ୍ପକୁ ପଥଚ୍ୟୁତ କରିବା ପାଇଁ ଏକ ପ୍ରୟାସ ମାତ୍ର। ଜାତୀୟ ସୁରକ୍ଷା ସହିତ ଜଡିତ ପ୍ରକଳ୍ପଗୁଡିକରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଜନହିତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୋର୍ଟ କହିଛନ୍ତି। ସୀମାଠାରୁ ଏହି ଏୟାରବେସ୍ ମାତ୍ର ୪୦ କିମି ଦୂରରେ ଅବସ୍ଥିତ। ସୁରତଗଡ଼ ଏୟାରବେସ ଷ୍ଟେସନ ପରେ ଏହା ଶ୍ରୀଗଙ୍ଗାନଗର ଜିଲ୍ଲାରେ ଏହା ଦ୍ୱିତୀୟ ବାୟୁସେନା ଷ୍ଟେସନ ହେବ। ରାଜସ୍ଥାନର ସୀମାନ୍ତ ଜିଲ୍ଲାଗୁଡିକରେ ପୂର୍ବରୁ ୪ଟି ବାୟୁସେନା ଷ୍ଟେସନ କାର୍ଯ୍ୟକ୍ଷମ। ନିର୍ମାଣ ହେବାକୁ ଥିବା ଏହି ନୂଆ ଏୟାରବେସରୁ ଯୁଦ୍ଧ ବିମାନଗୁଡିକ ପାକିସ୍ତାନର ଜାକୋବାବାଦ୍, ଭୋଲାରି ଓ ରହିମ ୟାର ଖାନ୍ ଏୟାରବେସ୍‌କୁ ଅତିଶୀଘ୍ର ପହଞ୍ଚି ପାରିବ।

**ଉନ୍ନାଓ ଗଣଦୁଷ୍କର୍ମ ମାମଲା; କୁଳଦୀପଙ୍କ ଜାମିନଙ୍କୁ ବିରୋଧ**

# ପୀଡ଼ିତା ପରିବାରକୁ ଘୋଷାଡ଼ିଲା ପୁଲିସ; ଗାଡ଼ିରୁ ଫୋପାଡ଼ି ଦେଲା

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଗଣଦୁଷ୍କର୍ମ ମାମଲାର ଦୋଷୀ ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତାଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ମଧ୍ୟ ହଟାଇ ଦେଇଛନ୍ତି। ଏହି ରାୟକୁ ବିରୋଧ କରି ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲ ତଥା ସାମାଜିକ କର୍ମୀ ଯୋଗିତା ଭୟାନା ଇଣ୍ଡିଆ ଗେଟ୍ ସାମ୍‌ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାୟ ବଦଳାଇବାକୁ ଦାବି କରିଥିଲେ। ସେମାନେ ଗଣମାଧ୍ୟମରେ ନିଜ ମତ ରଖୁଥିବାବେଳେ ପୁଲିସ ଟିମ୍ ବର୍ବରତାର ସବୁ ସୀମା ଉଲ୍ଲଙ୍ଘନ କରିଦେଇଥିଲା। ଆନ୍ଦୋଳନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ସେ ନ ଶୁଣିବାରୁ ଜୋର ଜବରଦସ୍ତି ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲଙ୍କୁ ପୁଲିସ ଉଠାଇ ନେଇଥିଲା। ପୀଡ଼ିତାଙ୍କ ମାଆଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇ ଭ୍ୟାନରେ ଭର୍ତ୍ତି କରିଥିଲା। ଯୋଗିତା ଏହାର ଭିଡିଓ ଜାରି କରିଛନ୍ତି। ଦୁଷ୍କର୍ମ ପୀଡ଼ିତାଙ୍କ ସହ ପୁଲିସ କିଭଳି ଭାବେ ବ୍ୟବହାର କରୁଛି ତାହା ଦେଖାଯାଉଛି।

ବୁଧବାର ସକାଳେ ପୀଡ଼ିତା ଏବଂ ତାଙ୍କ ମାଆ ମଣ୍ଡି ହାଉସ ନିକଟରେ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। କିନ୍ତୁ ଏସ୍କର୍ଟ ଦେଉଥିବା ସିଆରପିଏଫ ବସ ଏଠାରେ ଅଟକି ନ ଥିଲା। ମଣ୍ଡି ହାଉସ କିମ୍ବା ଇଣ୍ଡିଆ ଗେଟ୍ କୋଉଠି ବି ଅନୁମତି ମିଳି ନାହିଁ ବୋଲି କୁହାଯାଇଥିଲା। ଉଭୟଙ୍କୁ ଜନ୍ତରମନ୍ତର କିମ୍ବା ନିଜ ଘରକୁ ପଠାଇ ଦିଆଯିବ। ଏହାର କିଛି ସମୟରେ ପୀଡ଼ିତାଙ୍କ ମାଆଙ୍କୁ ଏକ ଚଳନ୍ତା ବସ୍‌ର ଫାଟକ ନିକଟରେ ଦେଖିବାକୁ ମିଳିଥିଲା। ସିଆରପିଏଫ ଅଧିକାରୀ ତାଙ୍କୁ ବସ୍‌ରୁ ଡେଇଁବାକୁ ବାଧ କରିଥିଲେ। ତେବେ ଚିନ୍ତାର ବିଷୟ ଏହି କି ଯେ ଉକ୍ତ ବସ୍‌ରେ କୌଣସି ମହିଳା ସୁରକ୍ଷାକର୍ମୀ ନ ଥିଲେ। ସିଆରପିଏଫ ଅଧିକାରୀ ଧକ୍କା ଦେବା ପରେ ମହିଳା ବସ୍ ତଳକୁ ପଡ଼ି ଯାଇଥିଲେ।



ପୀଡ଼ିତା କହିଛନ୍ତି ଯେ ମୋ ମାଆଙ୍କୁ ଗାଡ଼ିରୁ ଫୋପାଡ଼ି ଦିଆଯାଇଥିଲା। ଆମକୁ ବନ୍ଦୀ କରି ରଖାଯାଇଥିଲା। ଓକିଲଙ୍କ ପାଖକୁ ବି ଯିବାକୁ ଦିଆଯାଇ ନ ଥିଲା। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶରେ ଏପରି କରାଯାଇଥିବା କୁହାଯାଇଥିଲା। ସେହିପରି ପୀଡ଼ିତାଙ୍କ ମାଆ କହିଛନ୍ତି ଯେ ହାଇକୋର୍ଟଙ୍କ ନିଷ୍ପତ୍ତି ଆମ ପାଇଁ କାଳ ସହ ସମାନ। ଆମେ ନ୍ୟାୟ ପାଇ ନାହୁଁ। ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ସେମାନେ ଆମକୁ ମାରିବାକୁ ଚାହୁଁଛନ୍ତି। ସିଆରପିଏଫ ଅଧିକାରୀ ମୋତେ ଗାଡ଼ିରୁ ଫୋପାଡ଼ି ଝିଅକୁ ନେଇ ଚାଲି ଯାଇଛନ୍ତି। ଅନ୍ୟପଟେ ପୀଡ଼ିତା ସନ୍ଧ୍ୟାରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ପୀଡ଼ିତା କହିଛନ୍ତି ଯେ ଦେଶର ପ୍ରଥମ ଦୁଷ୍କର୍ମ ମାମଲାରେ ଭାବେ ଏଥିରେ ଦଣ୍ଡ ଉପରେ କଟକଣା ଲଗାଇ ଜାମିନ ଦିଆଯାଇଛି। ଦେଶର ସବୁ ଝିଅ ଏବେ ଭୟଭୀତ। କାରଣ ଦୁଷ୍କର୍ମର ଶିକାର ହେଲେ ଏଭଳି ଭାବେ ଅପରାଧୀ ବଞ୍ଚିଯିବେ। କୁଲଦୀପଙ୍କୁ ୫ କିମି ଭିତରେ ରହିବାକୁ ଅନୁମତି ଦେଇ ଆମକୁ କୋର୍ଟ ଘରେ କଏଦ କରି ରଖିଛନ୍ତି। ସୁପ୍ରିମକୋର୍ଟରୁ ନ୍ୟାୟ ମିଳିବ ବୋଲି ଆଶା। ଏହି ମାମଲାରେ ପୀଡ଼ିତା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ନ୍ୟାୟ ମିଳିବ ବୋଲି ସେ ଆଶା କରୁଛନ୍ତି।

ରାହୁଲ ଗାନ୍ଧୀ ଏହାକୁ ନେଇ ପୁଲିସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ପୁଲିସକୁ ପ୍ରଶ୍ନବାଣ ମାରିଛନ୍ତି। ଗଣଦୁଷ୍କର୍ମ ପୀଡ଼ିତାଙ୍କ ସହ ଏଭଳି ବ୍ୟବହାର ଉଚିତ କି? ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା ତାଙ୍କର ଭୁଲ୍ କି? ପୂର୍ବତନ ବିଜେପି ବିଧାୟକ ସେଙ୍ଗରଙ୍କୁ ଏହି ମାମଲାରେ ଜାମିନ ଦେବା ନୈରାଶ୍ୟଜନକ ଏବଂ ଅତ୍ୟନ୍ତ ଚିନ୍ତାର ବିଷୟ। ଦୁଷ୍କର୍ମୀଙ୍କୁ ଜାମିନ ଏବଂ ପୀଡ଼ିତାଙ୍କୁ ଅପରାଧୀ ଭଳି ବ୍ୟବହାର ଏହା କେମିତିକା ନ୍ୟାୟ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରରେ ଅସହମତିକୁ ନେଇ ସ୍ୱର ଉଠାଇବା ଅଧିକାର ଏବଂ ଏହାକୁ ଦବାଇ ଅପରାଧ ବୋଲି ରାହୁଲ କହିଛନ୍ତି।

## ଚାନ୍ଦବାଲି ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ନାବାଳିକାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ

### ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, ବାସଭବନ ଘେରଉ କଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ଭୁବନେଶ୍ୱର,୨୪।୧୨(ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଗାଁରେ ତୃତୀୟ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ନାବାଳିକା ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ ଥିବାବେଳେ

- ୧୮ ମାସର ବିଜେପି ଶାସନରେ କ୍ରମାଗତ ଭାବେ ନାବାଳିକା ଦୁଷ୍କର୍ମର ଶିକାର
- ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥାଇ ଯଦି ମୁଖ୍ୟମନ୍ତ୍ରୀ ପାରୁନାହାନ୍ତି ଗାଦି ଛାଡ଼ନ୍ତୁ

ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦଳ ଦାବି କରିଛି। ଯୁବ ଓ ଛାତ୍ର ବିଜେଡିର ବହୁସଂଖ୍ୟକ କର୍ମକର୍ତ୍ତା ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଉଦ୍ୟମ କରିଥିଲେ। ଧଉଳି ଗଣଦୁଷ୍କର୍ମ ଓ ସହୀଦ ନଗର ନାବାଳିକା ଦୁଷ୍କର୍ମ ଘଟଣା ଏଯାବତ୍ ରାଜ୍ୟବାସୀଙ୍କ ମନରୁ ଲିଭିନାହିଁ। ଏପରି ସମୟରେ ଚାନ୍ଦବାଲିର ଲୋମହର୍ଷଣକାରୀ ଘଟଣା ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବିଜେପି ସରକାର ଶାସନକୁ ଆସିବା ପରେ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ






ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଗୋପାଳପୁର, ବାଲିହରଚଣ୍ଡୀ, ଧଉଳି, ଶହୀଦ ନଗର, ମାଲକାନଗିରି ଗଣଦୁଷ୍କର୍ମର ଲମ୍ବା ତାଲିକା ଦେଖେଇ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ଦଳର ହଜାର ହଜାର ଯୁବ ଓ ଛାତ୍ର ଆଜି ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିଥିଲେ ।ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହିତ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି ।୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳା ଓ ନାବାଳିକାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ, ଅପରାଧୀ ମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି । ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଇଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟୁଛି। ଯଦି ରାଜ୍ୟର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଧୃତି ମାର୍ଥା, ଜ୍ୟୋସ୍ନାମୟୀ ପରିଡ଼ା, ସୋଫିଆ ଆଲାମ, ତାରିଣୀ ପ୍ରସାଦ ନାୟକ, ଶୁଭ୍ରଜିତ୍ ପାଢ଼ୀ, ନୀଳମାଧବ ମହାନ୍ତି, ସୁଜିତ ପାଲଟାସିଂହ, ଅସ୍ମିତ ଦାସ, ସ୍ନେହାଶିଷ, ତବରେଜ ଖାନ, ଫାତିମା ଖାତୁନ, ଲଗ୍ନାଦୀପ ମିଶ୍ର, ଦୀପକ ଜେନା, ସତ୍ୟଜିତ୍ ପଟ୍ଟନାୟକ, ଦୀପକ ସାହୁ, ସୌମ୍ୟ ରଞ୍ଜନ ତ୍ରିପାଠୀ, ଜଗମୋହନ ବଲିଆରସିଂହ, ସୁଦୀପ୍ତ କୁମାର ସାମଲ, ଶେଖ ଅମୀର ଅହମ୍ମଦ, ସୌମ୍ୟ ଶଙ୍କର ରାୟ, ଦୀପକ ମହାପାତ୍ର, ମନୋଜ ମହାନ୍ତି, ସଙ୍ଗୀତ ମହାନ୍ତି, ମନୋଜ ସେନାପତି, ଅମରଜିତ୍ ସେନାପତି, ଅରୁପ ଶ୍ରୀଚନ୍ଦନ, ପ୍ରଶାନ୍ତ ସ୍ୱାଇଁ, ସ୍ମୃତି ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ, ସ୍ୱାଗତିକା ମହାନ୍ତି, ଦୀପକ ବେହେରା, ଜ୍ୟୋତି ପ୍ରକାଶ ସାମଲ, ମନୋରଞ୍ଜନ ସ୍ୱାଇଁ, ବିକ୍ରମ ପଟ୍ଟନାୟକ, ଇଲା ସାସମଲ, ରାଜେଶ ରୋଶନ, ଶ୍ରୀଚନ୍ଦନ ପାତ୍ର, ମନୋଜ ମାରାଣ୍ଡି, ଦିବ୍ୟସିଂହ ସେଠୀ, ଶେଖ ନିୱାଜ, ସମିମ ଅଖତର, ସାଗର ବଳବନ୍ତରାୟ, ସାଇରାମ ସେଠୀ, ଶୁଭମ ବେହେରା, ଅମିତ କୁମାର ଜେନା, ଅଶୋକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଚାନ୍ଦବାଲି ଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ରାଜ୍ୟବାସୀଙ୍କୁ କି ଆଶ୍ୱାସନା ଦେବେ ମନମୋହନ




ଭୁବନେଶ୍ୱର,୨୪ ।୧୨(ସମିସ): ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ଦୁଷ୍କର୍ମ ଏବଂ ହତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ତୃତୀୟ ଶ୍ରେଣୀର ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଅତ୍ୟନ୍ତ ବେଦନାଦାୟକ। ଦୁଷ୍କର୍ମକାରୀ ଝିଅର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛି। ଏହା ଖୋଦ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଘଟିଥିବା ବେଳେ ଦୀର୍ଘ ୧୦ ମାସ ହେଲା ଚାନ୍ଦବାଲିରେ ଏସ୍‌ଡିପିଓ ନାହାନ୍ତି। ସ୍ଥାନୀୟ ଆଇଆଇସି ଚୋରା ମଦର କଣ୍ଟ୍ରୋଲ ରୁମ ଖୋଲିଥିବା ନେଇ କଂଗ୍ରେସ ଅଭିଯୋଗ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଓ ସ୍ଥାନୀୟ ଆଇଆଇସିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

ଦଳ ପକ୍ଷରୁ ପୂର୍ବତନ ସାଂସଦ ଅନନ୍ତ ସେଠୀ ଓ କଂଗ୍ରେସ ନେତା ମନୋଜ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଜେପି ସଭାପତି ପଦରେ ମନମୋହନ ସାମଲ ଅଛନ୍ତି। ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟବାସୀଙ୍କୁ ସେ କି ଆଶ୍ୱାସନା ଦେବେ ବୋଲି ପ୍ରଶ୍ନ କରିବା ସହ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱର ନାରୀ ନିର୍ଯ୍ୟାତନାର ହବ ପାଲଟିଛି ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ସରକାର ବର୍ତ୍ତମାନ ଜନତାଙ୍କ ପାଇଁ ଧୃତରାଷ୍ଟ୍ର ସାଜିଛି। ଛୋଟ ଝିଅଙ୍କ ପାଇଁ କଂସ ଅତ୍ୟାଚାର କରୁଛି। ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଯଦି ସରକାର ଚେତିଥାନ୍ତେ ତେବେ ସୌମ୍ୟାଶ୍ରୀ ବଲଙ୍ଗା ଏବଂ ବର୍ତ୍ତମାନର ଧଉଳି, ଚାନ୍ଦବାଲି ଘଟଣା ଦେଖିବାକୁ ମିଳି ନଥାନ୍ତା। ଯେହେତୁ ସରକାର ଏବଂ

- ୧୦ ମାସ ହେଲା ଚାନ୍ଦବାଲି ଏସ୍‌ଡିପିଓ ପଦବୀ ଖାଲି ପଡିଛି
- ରାଜ୍ୟରେ ଏକ ନିଲ୍ଲଠା, ଅଲାଜୁକ ସରକାରଙ୍କ ଶାସନ ଚାଲିଛି

ପୁଲିସ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ହେଲେ ତେଣୁ ଅପରାଧୀଙ୍କ ମନୋବଳ ବୃଦ୍ଧି ପାଇଲା ବୋଲି ଦଳ କହିଛି। ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଫୁଲମାଳ ଦେଉଥିବା ଦଳଙ୍କଠାରୁ ଆଉ କ'ଣ ଆଶା କରାଯାଇପରେ ଦଳ କହିଛି। ରାଜ୍ୟରେ ବର୍ତ୍ତମାନ ଅଯୋଗ୍ୟ ଏବଂ ନିକମ୍ମା ମହିଳା କମିଶନ ଅଛନ୍ତି। ତାଙ୍କ ସଦସ୍ୟ ରାତି ୮ ଟାରେ ଘରୁ ଝିଅପିଲା ନ ବାହାରିବା ପାଇଁ ତାଗିଦ କରୁଛନ୍ତି। ପ୍ରକୃତରେ ଆମେ ଏକ ନିଲ୍ଲଠା, ଅଲାଜୁକ ସରକାର ଦ୍ୱାରା ଶାସିତ ହେଉଛୁ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଦୁଇ କଲରାପତରିଆ ବାଘ ଛାଲ ଜବତ; ୫ ଗିରଫ

କାଶୀପୁର/ଟିକିରି ୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳରୁ ଦୁଇଟି କଲରାପତରିଆ ବାଘ ଛାଲ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ବନ ବିଭାଗ ଗିରଫ କରିଛି। ରାୟଗଡ଼ା ଡିଏଫ୍‌ଓ ଓ କଳାହାଣ୍ଡି ଡିଏଫଓଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। କାଶୀପୁର ସଦର ମହୋକୁମା ସ୍ଥିତ ହନୁମାନ ମନ୍ଦିର ନିକଟରେ ଏହି ବାଘ ଚମଡ଼ାକୁ



ପ୍ରାୟ ୩୦ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା ଚାଲୁଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସ୍ଥାନୀୟ ରେଞ୍ଜର ସୂଚନା ଦେଇଛନ୍ତି।ଅଭିଯୁକ୍ତଙ୍କ ଠାରୁ ଦୁଇଟି କଲରାପତରିଆ ବାଘ ଛାଲ, ୩ଟି ମୋଟର ସାଇକଲ, ୪ଟି ମୋବାଇଲ ଫୋନ୍, ଗୋଟିଏ ଧାରୁଆ ଛୁରି ଜବତ କରାଯାଇଛି।ଏହି ଚଢ଼ଉ ରାୟଗଡା ଡିଏଫଓ ସଚିନ ଓଲହା ସାହେବ ଓହେଲ ଏବଂ କଳାହାଣ୍ଡି ଡିଏଫଙ୍କ ନେତୃତ୍ୱରେ ଟିକିରି ରେଞ୍ଜର ଅନିଲ ପାଣିଗ୍ରାହୀ, କଲ୍ୟାଣସିଂହପୁର ରେଞ୍ଜର ଚନ୍ଦନ ଗମାଙ୍ଗ, କାଶୀପୁର ଫରେଷ୍ଟର ଦୀନବନ୍ଧୁ ଶବର,ବଳରାମ କାଡ୍ରାକାଙ୍କ ସହ କାଶୀପୁର, ଟିକିରି, କଲ୍ୟାଣସିଂହପୁର ଅଞ୍ଚଳର ବନବିଭାଗ କର୍ମଚାରୀ ସାମିଲ ଥିଲେ।

## ଆନ୍ଧ୍ରକୁ ରାଜସ୍ୱ ମନ୍ତ୍ରୀଙ୍କ ଚରମବାଣୀ

# କୋଟିଆରେ ପଶିଲେ ବନ୍ଧାହେବେ ଅଧିକାରୀ

ଭୁବନେଶ୍ୱର,୨୪ ।୧୨(ସମିସ): ଆନ୍ଧ୍ର ଅଧିକାରୀ ମାନେ କୋଟିଆକୁ ପ୍ରବେଶ କଲେ ସେମାନଙ୍କୁ ବନ୍ଧାଯିବ। ଯେଉଁମାନେ କୋଟିଆକୁ ଭ୍ରମ ସୃଷ୍ଟି କରିବାକୁ ଆସୁଛନ୍ତି ଓ ଏହାଦ୍ୱାରା ଉତ୍ତେଜନା ସୃଷ୍ଟି ହେଉଛି, ସେ କ୍ଷେତ୍ରରେ ପୁରୁଣା ସିଆର୍‌ପିସିର ଧାରା ୧୦୭ ଲାଗୁ ହେବ। ଏହି ଆଇନ୍‌ର ବ୍ୟବହାର କରିବାକୁ କୋରାପୁଟ ଏସ୍‌ପି ଓ

- ଓଡ଼ିଶା କୋଟିଆର ମା'; ଆନ୍ଧ୍ର ମାଉସୀ ହୋଇ ରହୁ
- କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ

ସ୍ଥାନୀୟ ଡିଆଇଜିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି। ନିକଟରେ କୋଟିଆ ଗସ୍ତ କରିଥିବା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସେଠାରୁ ଫେରିବା ପରେ ଆଜି କୋଟିଆ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ, କୋଟିଆକୁ ଆସିବା ଓ ବୁଲିବା ପାଇଁ କାହାରିକୁ ମନା ନାହିଁ। ମାତ୍ର ବିଚିତ୍ର କାର୍ଯ୍ୟ କଲେ ଅବା ଲିଫ୍‌ଲେଟ୍ ବାଣ୍ଟିଲେ ଆଇନକୁ ବ୍ୟବହାର କରାଯିବ। ଯଦି ସେମାନେ (ଆନ୍ଧ୍ର ଅଧିକାରୀ) ଆଇନ୍ ଦେଖିବାକୁ ଚାହୁଁଛନ୍ତି ତେବେ ଓଡ଼ିଶା ସରକାର ସେମାନଙ୍କୁ ଆଇନ୍ ଦେଖାଇବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଓଡିଶା କୋଟିଆର ମାଆ, ଆନ୍ଧ୍ର ହେଉଛି ମାଉସୀ। ମାଆ ବଞ୍ଚିଥିବା ପର୍ଯ୍ୟନ୍ତ ମାଉସୀର ଆବଶ୍ୟକତା ନାହିଁ। ଆମ ସରକାର ପାଇଁ ଭୁବନେଶ୍ୱର ଯେତିକି ଗୁରୁତ୍ୱପୂର୍ଣ୍ଣ କୋଟିଆ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। କୋଟିଆ ଗାଁକୁ ବିକଶିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାରଙ୍କ ଗଠିତ କମିଟି ସବୁ ଦିଗକୁ ଦୃଷ୍ଟିରେ ରଖି କାମ କରୁଛି। ୩ ମାସ ପୂର୍ବେ ଏହି କମିଟିର ବୈଠକ ବସିଥିଲା। ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର କିପରି କୋଟିଆରେ ସଠିକ୍ ରୂପାୟନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ ଆଧାର କରି ବାସ୍ତବ ସ୍ଥିତି ଦେଖିବାକୁ ମୁଁ କୋଟିଆ ଗସ୍ତ କରିଥିଲି। ସେଠାରେ ବାସ୍ତବ ସ୍ଥିତି ଦେଖିଲି।

ସ୍ଥାନୀୟ ବିଧାୟକ ଓ ବ୍ଲକ୍ ଅଧ୍ୟକ୍ଷଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କଲି। ରଥଯାତ୍ରା ସମୟରେ ପ୍ରଥମେ ସେଠାକୁ ଯାଇଥିଲି। ସେଥର ଓ ଏଥର ମଧ୍ୟରେ କୋଟିଆବାସୀଙ୍କ ମଧ୍ୟରେ ବ୍ୟାପକ ଭାବଭଙ୍ଗୀରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ସେଠାରେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି। ଏସବୁ ଦେଖି ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି, ଓଡ଼ିଶା ଆମ କଥା ବୁଝିବ। ଯେଉଁ ଅଧିକାରୀମାନେ କୋଟିଆ ବାସୀଙ୍କୁ ପ୍ରଲୋଭବନ୍ ଦେଖାଇବାକୁ ଆସିଥିଲେ, ସେମାନଙ୍କୁ ଆମ ଅଧିକାରୀମାନେ ଘଉଡ଼ାଇଦେବା ସହ ସୀମା ପାର୍ କରିଦେଲେ। ଆନ୍ଧ୍ର ପ୍ରଦେଶ ସହିତ ଆଗକୁ ଏହି ପ୍ରସଙ୍ଗରେ ଆଲୋଚନା ହୋଇପାରେ। ସେଥିପାଇଁ କିଛି ଅଧ୍ୟୟନ କରାଯାଉଛି। ମାତ୍ର କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରହିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଗଠନ ହେବ ଅର୍ଥନୈତିକ କ୍ଷେତ୍ର

# ନିର୍ମାଣ ହେବ ୬୪୫ କିଲୋମିଟର ରିଙ୍ଗ୍ ରୋଡ୍



ଭୁବନେଶ୍ୱର,୨୪।୧୨(ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଅର୍ଥନୈତିକ କ୍ଷେତ୍ର(ଇକୋନୋମିକ୍ ରିଜିଅନ୍ ) ଗଠନ କରାଯିବ। ଏହି ସମଗ୍ର ଅଞ୍ଚଳରେ ଥିବା ସହର ଗୁଡିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବୁଧବାର ଲୋକସେବା ଭବନରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସୂଚନା ଅନୁସାରେ ଅର୍ଥନୈତିକ କ୍ଷେତ୍ରରେ ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥିରେ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟରର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (୧୧୧ କିଲୋମିଟର) ସହିତ ସମନ୍ୱିତ କରି ନିର୍ମାଣ କରାଯିବ। କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କିଲୋମିଟରର ଏକ ଆଉଟର ରିଙ୍ଗ୍ ରୋଡ୍

### 'ଗ୍ରୋଥ୍ ହବ୍'ହେବ ସମଗ୍ର ଅଞ୍ଚଳର ସହରାଞ୍ଚଳ: ମୁଖ୍ୟମନ୍ତ୍ରୀ

ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋ ଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କିଲୋମିଟରର ଏକ ଇନ୍‌ର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବାର ଯୋଜନା ରହିଛି। ଏହିପରି ସମୁଦାୟ ୬୪୫ କିଲୋମିଟରର ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥି ସହିତ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କିଲୋମିଟର ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡା ଦେଇ ୭୦ କିଲୋମିଟର ରେଳପଥ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

ଏହି ରିଜିଅନ୍ ମଧ୍ୟରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକ୍‌ଚରିଙ୍ଗ୍, ପରିବହନ, ବନ୍ଦର ଭିତ୍ତିକ ଶିଳ୍ପ, କେମିକାଲ୍‌ସ, ଟେକ୍ସଟାଇଲ୍‌ସ, ଆଇ.ଟି. ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠିବ। ଏସବୁ ଅଞ୍ଚଳ ଗୁଡିକରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକ ସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର

# ଆରମ୍ଭ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା

ଭୁବନେଶ୍ୱର,୨୪।୧୨(ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଲାଗୁ କରିବା ନିଷ୍ପତ୍ତି ଉପରେ ମୋହର ବାଜିଛି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ପାଇଁ ୨୫ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରଣ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ପାଇଁ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବ। ଏଥିପାଇଁ ରାଜ୍ୟ ସରକାର ୩୪୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏତଦ୍ ବ୍ୟତୀତ ବୈଠକରେ ୭ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ ମୋହର ବାଜିଛି।

ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଐତିହ୍ୟ ଗ୍ରାମ ଯୋଜନା ଅଧିନରେ ବରପୁତ୍ରମାନଙ୍କର

### ୨୫ ଗାଁ ଚିହ୍ନଟ, ପ୍ରତି ଗାଁକୁ ୧୫ କୋଟି ଟଙ୍କା

ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବ ।ସେମାନଙ୍କର ପ୍ରତିମୂର୍ତ୍ତି, ସ୍ମାରକୀ ନିର୍ମାଣ ସହ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁଉଦ୍ୟାନ ସ୍ଥାପନ ସହ ଆନୁଷଙ୍ଗିକ ବିକାଶ କରାଯିବ। ବରପୁତ୍ରଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ଏବଂ ସଭା କରାଯିବ ।

ସେହିପରି କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ଯୋଜନାରେ ପୁରୀ ସରକାରୀ ଆଇଟିଆଇ, ବଲାଙ୍ଗୀର ସରକାରୀ ଆଇଟିଆଇ, କୋରାପୁଟର ଅମ୍ବାଗୁଡ଼ା ସରକାରୀ ଆଇଟିଆଇ, କେନ୍ଦ୍ରାପଡାର ରାଜକନିକା ସରକାରୀ ଆଇଟିଆଇ ଓ ସୁନ୍ଦରଗଡ଼ର ରାଉରକେଲା ସରକାରୀ ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ରୂପାନ୍ତରିତ କରାଯିବ। ଏଥିପାଇଁ ଆଗାମୀ ୩ ବର୍ଷରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ୫ଟି ଆଇଟିଆଇରେ ବର୍ତ୍ତମାନ ସମୁଦାୟ ୨୮୦୦ ସିଟ୍ ଥିବାବେଳେ ଏହାକୁ ୬୦୦୦କୁ ବୃଦ୍ଧି କରାଯିବ। ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ଏକ ସଂରକ୍ଷଣ ନୀତି ପ୍ରଣୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି।ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ)ଅଧାଦେଶ, ୨୦୨୫ର ପ୍ରଣୟନକୁ ସ୍ୱୀକୃତି ମିଳିଛି। ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟଟିକୁ ଏକକ ଭାବରେ ବିଚାର କରିବାକୁ ଏହି ଅଧାଦେଶରେ ପ୍ରସ୍ତାବ ରହିଛି। ସେହିପରି ଜଳସମ୍ପଦ ବିଭାଗର ଦୁଇଟି ପ୍ରସ୍ତାବ ଅନୁଯାୟୀ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅନ୍ତର୍ଗତ କ୍ଲଷ୍ଟର ୩୩ ଏବଂ ୩୨ ମାଧ୍ୟମରେ ୮ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ। ଏହି ୮ ପ୍ରକଳ୍ପ ପାଇଁ ମୋଟ ୩୪୪ କୋଟି ୨୧ ଲକ୍ଷ ୫୧ ହଜାର ୭୧୬ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ୧୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୭ କୋଟି ୫୩ ଲକ୍ଷ ୭୨ ହଜାର ୧୩୭ ଟଙ୍କା ଖର୍ଚ୍ଚ ହେବ। ସେହିପରି ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଅଧିନସ୍ଥ ୫୦୦୦ ହେକ୍ଟର ଚାଷ ଉପଯୋଗୀ ଜମି ପାଇଁ ୟୁଜିପିଏଲ ପ୍ରଣାଳୀର ନିର୍ମାଣ କାର୍ଯ୍ୟକୁ ଇପିସି ଓ ଟର୍ଣ୍ଣ କି ପଦ୍ଧତିରେ ସମ୍ପାଦନକୁ ଅନୁମୋଦନ ମିଳିଛି। ଏଥିପାଇଁ ୧୫୪ କୋଟି ୭୨ ଲକ୍ଷ ୯୧୬୨୦ ଟଙ୍କା ଖର୍ଚ୍ଚ ହେବକୁ ଥିବାବେଳେ ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ।

# ପ୍ରଦୂଷଣ ପ୍ରମାଣପତ୍ର କଟକଣା ଆଉ ମାସେ କୋହଳ

ଭୁବନେଶ୍ୱର,୨୪ ।୧୨(ସମିସ): ମୋଟର ଯାନର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରିବା ପରେ ସରକାର 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ନିଷ୍ପତ୍ତିକୁ ଘୁଞ୍ଚାଇ ଦେଇଛନ୍ତି। ପୂର୍ବରୁ ନୂଆବର୍ଷ ଜାନୁଆରୀ ପହିଲାରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିମାଲିକମାନେ ଯାନର ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

ରାଜ୍ୟରେ ଏଭଳି ନିୟମ ଲାଗୁ ନେଇ ପରିବହନ ବିଭାଗ କଡ଼ା ନିର୍ଦ୍ଦେଶନାମା ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି। ଏଥିପାଇଁ ୩-୪ ଦିନ ହେବ ସବୁ ପ୍ରଦୂଷଣ ସାର୍ଟିଫିକେଟ୍ କେନ୍ଦ୍ରଗୁଡ଼ିକ ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ମୁଖ୍ୟତଃ ଯେଉଁମାନଙ୍କର ପ୍ରଦୂଷଣ ପ୍ରମାଣପତ୍ର ନାହିଁ, ସେମାନଙ୍କୁ ପୁରୁଣା ଚାଲାଣ ବାବଦ ଅର୍ଥରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗାଡ଼ିମାଲିକମାନେ ସେମାନଙ୍କ ପୁରୁଣା ଚାଲାଣ ବାବଦ ଜରିମାନା ରାଶି ପୈଠ ପାଇଁ ଟ୍ରାଫିକ୍ ଥାନାଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ୍ୟ ଦାନା ବାନ୍ଧିବାରେ ଲାଗିଛି।

ଏହା ବ୍ୟତୀତ ଅନେକ ଗାଡ଼ି ଚାଳକଙ୍କୁ ବିନା କାରଣରେ ଚାଲାଣ ଆସିଥିବା ଅଭିଯୋଗ ହେଉଛି। ଏମିତି କି କାର୍ ଚାଳଣ ମୋଟ୍‌ରସାଇକଲ ଚାଳକଙ୍କୁ ମଧ୍ୟ ଆସୁଛି ବୋଲି ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଓ ଲୋକଙ୍କ ଅସୁବିଧାକୁ ଦେଖି ମଙ୍ଗଳବାର ପରିବହନ ବିଶେଷଜ୍ଞ ସୁବ୍ରତ ନନ୍ଦ ଏହି ଘଟଣାରେ ରାଜ୍ୟ ମାନବାଧିକାର କମିସନଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ତୁରନ୍ତ ଏହି ନିୟମ ଲାଗୁ ପାଇଁ ୬ ମାସ ସମୟ ଦେବାକୁ ଦାବି କରିଥିଲେ।

## ଅବ୍ୟବସ୍ଥିତ ଧାନ କିଣା: ନିଆଁ ଲଗାଇଲା ଯୋଗାଣ ମନ୍ତ୍ରୀଙ୍କ ଟିପ୍ପଣୀ

# ଯେଉଁମାନେ ଆନ୍ଦୋଳନ କରୁଛନ୍ତି, ସେମାନେ ଆନ୍ଦୋଳନଜୀବୀ

ଭୁବନେଶ୍ୱର,୨୪ ।୧୨(ସମିସ): ରାଜ୍ୟରେ ଧାନକିଣା ଡବଲ ସ୍ପିଡରେ ଚାଲିଛି। ସରକାର ଏବେ ସୁଦ୍ଧା ୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିସାରିଛନ୍ତି। ରାସ୍ତାରେ ଯେଉଁମାନେ ଆନ୍ଦୋଳନ କରୁଛନ୍ତି, ସେମାନେ ଆନ୍ଦୋଳନଜୀବୀ ବୋଲି ଆକ୍ଷେପ କରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ନିଜ ଉପରୁ ଦୋଷ ଝାଡ଼ିବା ପାଇଁ ଚାଷୀଙ୍କୁ ଆନ୍ଦୋଳନଜୀବୀ ଆକ୍ଷେପକୁ ନେଇ ଏବେ ସାରା ରାଜ୍ୟରେ ଅସନ୍ତୋଷ ତେଜିଛି । ମନ୍ତ୍ରୀ କ୍ଷମା ନ ମାଗିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚାଷୀନେତାମାନେ ଚେତାବନୀ ଦେଇଛନ୍ତି ।

ବର୍ତ୍ତମାନ ଟୋକନ ପାଇଁ ସମ୍ବଲପୁରରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ସମ୍ବଲପୁରରେ ବନ୍ଦ ପାଳନ କରି ଚାଷୀ ଏହାର ପ୍ରତିବାଦ କରିଛନ୍ତି। ଧାନ ଉଠୁ ନଥିବାରୁ ବଲାଙ୍ଗୀରରେ ମଧ୍ୟ ଚାଷୀମାନେ ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି। କଳାହାଣ୍ଡି, ବରଗଡ ଆଦି ସବୁଠି ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି। ଟୋକନ ସମସ୍ୟା ଓ ଧାନ ଉଠାଣକୁ ନେଇ ଚାଷୀ ହନ୍ତସନ୍ତ ହେଉଥିବା ବେଳେ ସରକାର ସମ୍ପୂର୍ଣ୍ଣ ବେଫିକର। ଧାନ କିଣାକୁ ନେଇ ପୂରା ରାଜ୍ୟରେ ଚାଷୀ ଅସନ୍ତୋଷ ଥିବା ବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାସ୍ତାରେ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ଆନ୍ଦୋଳନଜୀବୀ ବୋଲି ଆକ୍ଷେପ କରିଛନ୍ତି।

ଚାଷୀଙ୍କୁ ଯୋଗାଣମନ୍ତ୍ରୀ ଆନ୍ଦୋଳନଜୀବୀ ଆକ୍ଷେପକୁ ନେଇ କଡା ଜବାବ ଦେଇଛି ବିଜେଡି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଭୋଟ ନେଇସାରିଲା ପରେ ଚାଷୀଙ୍କୁ ବିଜେପି ସରକାର ଆନ୍ଦୋଳନଜୀବୀ କହୁଛି। ଧାନ କିଣାରେ ସମ୍ପୃକ୍ତ ୩ ବିଭାଗ ମଧ୍ୟରେ ସାମଞ୍ଜସ୍ୟ ନାହିଁ। ସରକାର ଧାନ କିଣିବାକୁ ଅକ୍ଷମ। ଚାଷୀଙ୍କୁ ସାହାଯ୍ୟ କରିବାକୁ ଅକ୍ଷମ। ମିଛ କଥା କହି ସରକାରକୁ ଆସିଥିଲୁ। ଆମେ ତୁମ କଥା ପୂରଣ କରି ପାରିବୁ ନାହିଁ ବୋଲି ସରକାର ଘୋଷଣା କରନ୍ତୁ, ତା'ହେଲେ ଚାଷୀ ତାଙ୍କ ଅନ୍ୟବାଟ ଖୋଜିବେ। ଚାଷୀଙ୍କୁ ମିଛ ପ୍ରତିଶ୍ରୁତି ଦେବାରୁ ସରକାର କ୍ଷାନ୍ତ ହେବା ଦରକାର ବୋଲି ବିଜେଡି କହିଛି। କଂଗ୍ରେସ ମଧ୍ୟ ଚାଷୀ ସମସ୍ୟାକୁ ନେଇ ସରକାରଙ୍କ ଉପରେ ବର୍ଷିଛି। ଚଳିତବର୍ଷ ମାସେ ବିଳମ୍ବରେ ଧାନ କିଣା ଆରମ୍ଭ କରିଛନ୍ତି ସରକାର। ମଣ୍ଡିରେ ଚାଷୀ ନାନା ସମସ୍ୟା ଭୋଗୁଥିବା ବେଳେ ଚାଷୀଙ୍କୁ ଟୋକନ ମିଳୁ ନ ଥିବାରୁ ପଶ୍ଚିମ ଓଡିଶାରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏତେ ସବୁ ପରେ ମଧ୍ୟ ସରକାର ଧାନ କିଣା ସୁରୁଖୁରୁରେ ଚାଲିଛି ବୋଲି କହିବାକୁ କଂଗ୍ରେସ ନାପସନ୍ଦ କରିଛି।

# ରାୟଗଡ଼ା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ରାୟଗଡା,୨୪।୧୨(ସମିସ): ରାୟଗଡ଼ା ମହାବିଦ୍ୟାଳୟର ତିନି ଦିନ ବ୍ୟାପୀ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଯଥା, ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍କାସ, ଜାଭଲିନ, ସର୍ଟପୁଟ, କବାଡି, ଖୋଖୋ, ରିଲେ ରେସ, ଭଲିବଲ୍ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ମା' ମାଝୀଘରିଆଣି ମନ୍ଦିରରୁ ମଶାଲ ଶୋଭାଯାତ୍ରା ଆସିବା ପରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଛାତ୍ରଛାତ୍ରୀ ମାନଙ୍କୁ ସକରାତ୍ମକ ମନବୃତ୍ତି ସହ ଖେଳିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନବୀନ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ବିଜୟୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥଲା। ସେମାନେ ହେଲେ, ରେବତୀ ମାଝୀ, ବି. ରାମ ଚରଣ, ଦୀପିକା ବିଡ଼ିକା, କିଶାନ କୁମାର ପ୍ରଧାନୀ । ପ୍ରଥମ ପର୍ଯ୍ୟାୟରେ ମଞ୍ଚ ପରିଚାଳନା କରିଥିଲେ ସ୍ନାତକୋତ୍ତର ପରିଷଦ ସଭାପତି ପି. ଅରୁଣ କୁମାର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ ପରିଚାଳନା କରିଥିଲେ ଲେଫ୍ଟେନାଣ୍ଟ ଉଦୟ ନାଏକ ଓ ସମଗ୍ର କ୍ରୀଡ଼ା କାର୍ଯ୍ୟକ୍ରମର ଦାୟିତ୍ୱ ନେଇଥିଲେ କ୍ରୀଡ଼ା ପରିଷଦର ସଭାପତି ଟିକେଶ୍ୱର ମାଝୀ ଏବଂ ଉପସଭାପତି ଅଶୋକ ସାହୁ, ନୀତି ମିନିଆକା, ଶ୍ରୁତି ଦିପାଳୀ ସାମଲ, ମନ୍ମଥ ଟୋଇକା, ସ୍ନେହାଞ୍ଜଳି ପାଣ୍ଡେ, ଏବିଭି ଗୁପ୍ତା, ପିଣ୍ଟୁ କାଡ୍ରାକା ଓ କାର୍ଯ୍ୟକ୍ରମର ସଫଳତାରେ ସହାୟତା କରିଥିଲେ ପି ଜ୍ୟୋତି, ସୁବ୍ରତ ପ୍ରଧାନ, ଭବେଶ ମହାନ୍ତି, ରମେଶ ହୁଇକା ଓ ଅଜୟ ରାଇତା। ବିଶେଷ ଭାବେ ସହାୟତା କରିଥିଲେ କ୍ରୀଡ଼ା ଶିକ୍ଷକ ଆଶିଷ ପୂଜାରୀ ଏବଂ ନାଗମଣି କୁମ୍ଭାର। ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ କଲେଜ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଥିଲେ।

## ଘର ଭିତରୁ ବୃଦ୍ଧାଙ୍କ ଦଗ୍ଧ ମୃତଦେହ ଉଦ୍ଧାର ଘଟଣା

# ୩ ନାବାଳକ ସହ ୪ ଧରାପଡ଼ିଲେ



ମୁନିଗୁଡ଼ା,୨୪।୧୨(ସମିସ) : ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଜଣେ ବୃଦ୍ଧାଙ୍କ ଦଗ୍ଧ ମୃତଦେହ ଉଦ୍ଧାର ଘଟଣାରେ ଅମ୍ବାଦୋଳା ପୁଲିସ ୩ ନାବାଳକଙ୍କ ସମେତ ୪ଜଣ ଧରିବାରେ ସଫଳ ହୋଇଛି। ସାନ କୁମୁଡାବାଲିର ଅନୀଲ ବାଗ ଏହି ଘଟଣାରେ ମାଷ୍ଟର ମାଇଣ୍ଡ ବୋଲି ପୁଲିସ ପ୍ରକାଶ କରିଛି। ସୂଚନାଯୋଗ୍ୟଯେ ଅମ୍ବାଦଳା ଥାନା ଅମ୍ଳାଭଟା ପଞ୍ଚାୟତ କ୍ଷେସନ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରିଙ୍କୁ ଗତ ୨୦ ତାରିଖରେ ସଂପୂର୍ଣ ପୋଡାଦେହ ଉଦ୍ଧାର ହୋଇଥିଲା। ବୃଦ୍ଧାଙ୍କ ଆଣ୍ଠୁ ତଳ ଦୁଇ ଗୋଡକୁ ଛାଡିଲେ ଅନ୍ୟାନ୍ୟ ଶରୀର ସଂପୂର୍ଣ ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଖବର ପାଇ ରାୟଗଡା ପୁଲିସ ଘଟଣାରେ ତନାଘନା କରି ମାତ୍ର ୩ ଦିନରେ ହତ୍ୟାକାଣ୍ଡ ଘଟଣାର ପର୍ଦାଫାସ କରିଥିଲା। ୧୯ ତାରିଖ ରାତିରେ ଅନୀଲ ବାଗ ଏବଂ ୩ଜଣ ନାବାଳକ କୁମୁଡାବାଲିର ଏକ ଅଙ୍ଗନାବାଡି କେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଚୋରି କରିଥିଲେ। ଏହା ପରେ ବୃଦ୍ଧାଙ୍କ ଘରକୁ ଚୋରି କରିବାକୁ ଆସି ପ୍ରଥମେ ଧକ୍କା ଦେଇ କବାଟ ଭାଙ୍ଗିଦେଇଥିଲେ। ଦୁଇଜଣ ନାବାଳକ ଗୃହ ମଧ୍ୟକୁ ପ୍ରବେଶ କରି ବୃଦ୍ଧାଙ୍କ ମୁହଁରେ ଗାମୁଛା ବାନ୍ଧି ଦେଇ ପିନ୍ଧିଥିବା ସୁନାକୁ ଟାଣି ନେଇଥିଲେ। କିନ୍ତୁ ବୃଦ୍ଧା ଜଣଙ୍କ 'ମୁଁ ତୁମ ମାନଙ୍କୁ ଚିହ୍ନିଛି କହିବା' ସହ ପାଟି କରିବାରୁ ସେମାନେ ସାଙ୍ଗରେ ଆଣିଥିବା ଛୁରିରେ ବୃଦ୍ଧାଙ୍କ ଗଳା କାଟି ଦେଇଥିଲେ ଏବଂ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁଁ ବୃଦ୍ଧାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଘଟଣାପରେ ଅଭିଯୁକ୍ତ ମାନେ ବୃଦ୍ଧାଙ୍କ ଶାଢୀ ଏବଂ ଅନ୍ୟାନ୍ୟ ଲୁଗା ପକାଇ ନିଆଁ ଲଗାଇ ଦେଇଥିଲେ। ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଛୁରୀ ଉଦ୍ଧାର କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଥିବା ଜଣାପଡିଛି। ନାବାଳକ ମାନଙ୍କୁ ଭବାନୀପାଟଣା ସ୍ଥିତ ସ୍ୱଧାର ଗୃହକୁ ପଠାଇଥିବା ପୁଲିସ ସୂଚନା ଦେଇଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର



କୋଷାଗୁମୁଡ଼ା,୨୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ପାପଡ଼ାହାଣ୍ଡି ମୁଖ୍ୟରାସ୍ତା ଦାନିଗୁଡ଼ା ନିକଟରେ ବୁଧବାର ସନ୍ଧ୍ୟା ୭ଟା ସମୟରେ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବା ସୂଚନା ମିଳିଛି। ଗୁରୁତର ଯୁବକ ଜଣକ କୋଡ଼ିଙ୍ଗା ପଞ୍ଚାୟତ ନୂଆଁଗୁଡ଼ା ଗ୍ରାମର ଭୀମ ଭତ୍ରା(୨୮)। ମିଳିଥିବା ସୂଚନା ଅନୁଯାୟୀ ଭୀମ ନିଜ ମୋଟର ସାଇକେଲରେ ମାଲେକୋଟ ଗ୍ରାମରେ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ସନ୍ଧ୍ୟା ୭ଘଣ୍ଟା ସମୟରେ ଘରକୁ ଫେରୁଥିଲା। ଅପରପକ୍ଷେ କୋଡ଼ିଙ୍ଗା ଠାରୁ ଏକ ମକା ବୋଝେଇ ଟ୍ରକ ଓଡ଼ି୧୬ଏଫ୍ ୮୪୬୩ ସହ ଦାନିଗୁଡ଼ା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଭୀମ ରାସ୍ତାରେ ଟଳି ପଡ଼ିବା ସହ ମୁଣ୍ଡ ମୁହଁ ଗୋଡ ହାତରେ ଗୁରୁତର ଆଘାତ ଲାଗିଛି। ସୂଚନା ପାଇ କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳ ପହଞ୍ଚି ଆହତଙ୍କୁ ପୋଲିସ ଗାଡ଼ିରେ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଠେଇ ଦେବା ସହ ମକା ବୋଝେଇ ଟ୍ରକକୁ କୋଡ଼ିଙ୍ଗା ଥାନାରେ ଅଟକ ରଖିଥିବା କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ସୂଚନା ଦେଇଥିଲେ।

# ଗଛ ପଡି ଦମ୍ପତି ଗୁରୁତର

ଡାବୁଗାଁ, ୨୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଚଚରାଗୁଡା ଗ୍ରାମରେ ଗଛ ପଡି ସ୍ୱାମୀ ଓ ସ୍ତ୍ରୀ ଗୁରୁତର ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏ ନେଇ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମଙ୍ଗଳବାର ଅପରାହ୍ନରେ ଡାବୁଗାଁ ବ୍ଲକ ଅଧୀନ ଚିଚିବାଇ ଗ୍ରାମର ଗୁଞ୍ଜୁ ଜାନୀ ଓ ତାଙ୍କ ସ୍ତ୍ରୀ ମୁକ୍ତା ଜାନୀ ନିଜ ମୋଟର ସାଇକେଲ ନଂ ଓଡି ୨୪ ଜେ ୨୨୮୯ ଯୋଗେ ଯାଉଥିବା ବେଳେ ଗଛ ପଡ଼ି ଆହତ ହୋଇଥିଲେ। ସ୍ୱାମୀର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

## ● ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟାର ପ୍ରତିବାଦ

# ହିନ୍ଦୁ ସମାଜ ପକ୍ଷରୁ ଶୋଭାଯାତ୍ରା



ଜୟପୁର,୨୪।୧୨(ସମିସ): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଓ ସାମ୍ପ୍ରଦାୟିକ ହିଂସାକୁ ଜୟପୁର ଠାରେ ପ୍ରତିବାଦ କରାଯାଇଛି। ଆଜି ସନ୍ଧ୍ୟାରେ ହିନ୍ଦୁ ସମାଜ ପକ୍ଷରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ରଥପଡିଆ ନିକଟରେ ବାଂଲାଦେଶ ଶାସନ ମୁଖ୍ୟ ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିବା ସହ ଉକ୍ତ ଦେଶର ପତାକା ନିଆଁରେ ପୋଡିଥିଲେ। ବାଂଲାଦେଶରେ ମିଥ୍ୟା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଯାହା ବିରୋଧରେ ବିକ୍ଷୋଭକାରୀମାନେ ନ୍ୟାୟ ଦାବି କରିଥିଲେ। ହିନ୍ଦୁ ସମାଜ କର୍ମକର୍ତ୍ତା ମାନେ ହାଇକମିଶନ ନିକଟରେ ଏକାଠି ହୋଇ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିଥିଲେ। ବିକ୍ଷୋଭକାରୀ ମାନେ ସ୍ୱର୍ଗତ ଦୀପୁ ଚନ୍ଦ ଦାସଙ୍କ ପାଇଁ ନ୍ୟାୟ ପ୍ରଦାନ କରିବା ସହ ବାଂଲାଦେଶ କର୍ତ୍ତୃପକ୍ଷ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ଭାରତ ସରକାରଙ୍କୁ ହିନ୍ଦୁ ମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଅନୁରୋଧ କରିବା ସହ ବେଆଇନ ଅନୁପ୍ରବେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ନନ୍ଦପୁରରେ ସାଂସଦ ଖେଳ ମହୋତ୍ସବ



ନନ୍ଦପୁର,୨୪।୧୨ (ସମିସ): କୋରାପୁଟ ସଂସଦୀୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବକୁ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ଗତ ୧୪ ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ଆଜି ଜିଲ୍ଲାର ୯ଟି ବ୍ଲକ ଓ ୩ଟି ସହରାଞ୍ଚଳରେ ଫୁଟବଲ୍, ଖୋଖୋ (ବାଳକ ଓ ବାଳିକା ବିଭାଗ), ୧୦୦ ମିଟର ଦୌଡ଼, ଲମ୍ବ ଡିଆଁ ଓ ଉଚ୍ଚ ଡିଆଁ ଏମିତି ୫ଟି କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ନନ୍ଦପୁର ବ୍ଲକର ପାଡୁଆ ହାଇସ୍କୁଲ ଖେଳ ପଡ଼ିଆରେ ସମନ୍ୱୟ କର୍ତ୍ତା ତଥା ଜାତୀୟ ପରାମର୍ଶଦାତା ଜୟରାମ ଭୋଇଙ୍କ ଅଧ୍ୟକ୍ଷତାରେ ସାଂସଦ ଖେଳ ମହୋତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଜୋନ୨ ସଦସ୍ୟ କାର୍ତ୍ତିକ ଖେମୁଣ୍ଡୁ ଯୋଗଦେଇଥିବା ବେଳେ ଶେଖ୍ ଗଫୁର, ବିଜେପି ଯୁବ ନେତା ମୋହନ ବୈରାଗୀ, ରବିନ୍ଦ୍ର ରାମସିଂହ, ଲାଚାନା ଖିଲ୍ଲ, ରାଜୁ ଖିଲ୍ଲ ଓ ବାସୁଦେବ ବାଙ୍ଗାରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାଗୁଡ଼ିକୁ ସୂଚାରୁ ରୂପେ ପରିଚାଳନା କରିବାରେ ପାଡୁଆ ହାଇସ୍କୁଲର ପିଇଟି ଶିକ୍ଷକ ଧନେଶ୍ୱର ବାଘଙ୍କ ସହ ଶିକ୍ଷକ ଉପେନ୍ଦ୍ର ଖେମୁଣ୍ଡୁ ଓ ମନୋରଞ୍ଜନ ଦାସଙ୍କ ମୂଲ୍ୟବାନ ଅବଦାନ ରହିଥିଲା। ଆସନ୍ତାକାଲି କୋରାପୁଟ ପୁଲିସ୍ ଗ୍ରାଉଣ୍ଡରେ ଆୟୋଜିତ ହେବାକୁ ଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦବୋଧନ ଦେବା ସହ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ବିଜୟୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି।

# ବିଜେପି ନେତାଙ୍କ ଗହଣରେ ଭାସ୍କର ରାଓଙ୍କୁ ନେଇ ଚର୍ଚ୍ଚା



ରାୟଗଡ଼ା,୨୪।୧୨(ସମିସ): ଆଜି ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ବିଜୁ ସ୍ୱାଭିମାନ ମଂଚ ଆବାହକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କରଙ୍କ ସାକ୍ଷାତ ଆଲୋଚନା ହୋଇଥିବା ଦେଖିବାକୁ ମିଳିଛି। ମନ୍ତ୍ରୀ ଶ୍ରୀ ଜେନା ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ପହଞ୍ଚି ଥିବା ବେଳେ ଭାସ୍କର ରାଓ ତାଙ୍କ ସମର୍ଥନମାନେ ଫାଟକ ନିକଟରେ ଉପସ୍ଥିତ ରହିଥିଲେ। ଏହି ସମୟରେ ମନ୍ତ୍ରୀ ଶ୍ରୀ ଜେନା ଆଗକୁ ବଢିବା ବେଳେ ମନ୍ତ୍ରୀଙ୍କୁ ଶ୍ରୀ ରାଓ ନମସ୍କାର ଜଣାଇଥିଲେ। ମନ୍ତ୍ରୀ ଏକ ପାଦ ପଛକୁ ଘୁଞ୍ଚି ଭାସ୍କରଙ୍କ ସହ ହାତ ମିଳେଇ ତାଙ୍କୁ ମଧ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ ସ୍ଥାନକୁ ସାଙ୍ଗରେ ନେଇଯାଇଥିଲେ। ଏଥିସହ ମନ୍ତ୍ରୀଙ୍କ ସାଥିରେ ଆସିଥିବା ଜିଲ୍ଲା କାର୍ଯ୍ୟକର୍ତାଙ୍କ ଗହଣରେ ଭାସ୍କର ରାଓଙ୍କ ଫୋଟୋ ଭିଡିଓ ଏବେ ସୋସିଆଲ ମିଡିଆ ସହ ଗଣମାଧ୍ୟମରେ ଭାଇରାଲ ହୋଇଛି। ତେବେ ଭାସ୍କରଙ୍କ ବିଜେପିରେ ସାମିଲ ହେବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ,ରାଜନୀତିରେ କେହି ଅଛୁଆଁ ନୁହନ୍ତି। ଯିଏ ସମାଜସେବା ପାଇଁ ଆଗେଇ ଆସନ୍ତି ତାଙ୍କ ପାଇଁ ବିଜେପି ଦ୍ୱାର ଖୋଲା ରହିଛି। ଏ ନେଇ ରାଷ୍ଟ୍ରିୟ ଜନଜାତି ମୋର୍ଚ୍ଚା ସାଧାରଣ ସଂପାଦକ କାଳୀରାମ ମାଝିଙ୍କ ପ୍ରତିକ୍ରିୟା ନେବାରୁ ଆଜି ଏକ ସାମାଜିକ କାର୍ଯ୍ୟକ୍ରମ ରହିଥିଲା। ଯେଉଁଥିରେ ମନ୍ତ୍ରୀ ଶ୍ରୀ ଜେନା ଯୋଗ ଦେଇଥିଲେ। ଉକ୍ତ ସ୍ଥାନରେ ଭାସ୍କର ରାଓ ମଧ୍ୟ ଉପସ୍ଥିତ ଥିଲେ। ତେବେ ଭାସ୍କର ବିଜେପିରେ ସାମିଲ ହେବେ କି ନାହିଁ ତାହା ତାଙ୍କର ବ୍ୟକ୍ତିଗତ ବିଷୟ। ଜିଲ୍ଲା ବିଜେପିରେ କିନ୍ତୁ ତାଙ୍କର ସାମିଲ ହେବା ବିଷୟରେ କୌଣସି ଆଲୋଚନା କି ପର୍ଯ୍ୟାଲୋଚନା କରାଯାଉ ନାହିଁ ବୋଲି ଶ୍ରୀ ମାଝି ପ୍ରକାଶ କରିଛନ୍ତି।

# ଜୟପୁର ଚାମ୍ବର ଅଫ୍ କମର୍ସ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୨୪।୧୨(ସମିସ): ଜୟପୁର ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା ଓ ସହରର ବ୍ୟବସାୟୀ ମାନେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝିଙ୍କୁ ନିମନ୍ତ୍ରଣ କରିବା ସହ ଦାବି ଜଣାଇଛନ୍ତି। ଜୟପୁର ଠାରୁ ନବରଙ୍ଗପୁର ଓ ମାଲକାନଗିରି ପର୍ଯ୍ୟନ୍ତ ରେଳଲାଇନ ସଂପ୍ରସାରଣ ହେବା ନେଇ ୧୦ ବର୍ଷ ହେଲା ଘୋଷଣା ହୋଇଥିଲେ ସୁଦ୍ଧା ଏହାର ସର୍ଭେ ହୋଇ ପାରିଲା ନାହିଁ । ତେଣୁ ତୁରନ୍ତ ରେଳ ଲାଇନ କାମ ଆଗେଇବା, ଜଗଦଲପୁର ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନ୍ୟ ଏକ ଟ୍ରେନ ଚାଲୁ କରିବା, ଜଗଦଲପୁର ଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କଲେ ଏଠାକାର ଲୋକେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକୃତ ହୋଇପାରିବେ। ଜୟପୁରରେ ଏଆଇଏମଏସ ସ୍ତରୀୟ ମଲ୍ଟି ସ୍ପେଶାଲିଟ୍ ହସ୍ପିଟାଲ ନିର୍ମାଣ କଲେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଏବଂ ଛତିଶଗଡ ଅଞ୍ଚଳର ରୋଗୀ ଉପକୃତ ହୋଇପାରିବେ। ବିମାନ ବନ୍ଦର ସଂପ୍ରସାରଣ କଲେ ଜୟପୁର ସହରରେ ବ୍ୟବସାୟ, ସ୍ୱାସ୍ଥ୍ୟ ସେବାରେ ବ୍ୟବସାୟ ବୃଦ୍ଧି ପାଇବ। ଏହିପରି ସ୍ଥାନୀୟ ମୁଖ୍ୟ ଡାକଘରର ଠାରେ ପାସପୋର୍ଟ ସେବା ଯୋଗାଇଦେବା ନେଇ ଦାବି ଜଣାଇଥିଲେ। ଉକ୍ତ ଦାବି ଗୁଡିକ ପୁରଣ ହେଲେ ଜୟପୁର ବ୍ୟବସାୟିକ ସଂଘ ଉପକୃତ ହୋଇପାରିବେ ବୋଲି ଚାମ୍ବର ଅଫ କମର୍ସର କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ।

# ମନରେଗା ଯୋଜନାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରିଛି ବିଜେପି: ଭକ୍ତ



ରାୟଗଡ଼ା,୨୪।୧୨(ସମିସ): ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ୧୪ତମ ଶ୍ରାଦ୍ଧ ଦିବସରେ ରାୟଗଡ଼ା ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ମଞ୍ଚରୁ ଭାରତୀୟ ଜନତା ପାର୍ଟି ଉପରେ ବର୍ଷିଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ। ସ୍ୱର୍ଗତଃ ଶ୍ରୀ ଉଲାକାଙ୍କୁ ଶ୍ରଦ୍ଧା ସୁମନ ଜଣାଇ ନିଜ ଭାଷଣ ଆରମ୍ଭରୁ ବିଜେପି ଉପରେ ବର୍ଷିଲେ ଭକ୍ତ। ଦେଶରେ ମନେରଗା ଯୋଜନାରେ ଲକ୍ଷାଧିକ ଗରିବ ଲୋକେ ୧୦୦ଦିନ କାମ ପାଇ ରୋଜଗାର କରିପାରୁ ଥିବା ବେଳେ ଆଜି ମନରେଗା ଯୋଜନାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରିଛି ବିଜେପି। ଏହି ଯୋଜନାକୁ ପତନ କରିଦେବା ପାଇଁ ବିଜେପି ସରକାର ଉଦ୍ୟମ କରିଛି। କେନ୍ଦ୍ର ସରକାର ଏହି ଯୋଜନାରେ ଅନୁଦାନ କମାଇ ଦେଇ ୧୦୦ଦିନର କାମ ବଦଳରେ ୫୦ଦିନର କାମ ଦେଲେ। ଗରିବ,ଖଟିଖିଆ ଲୋକଙ୍କ ଶ୍ରମକୁ ବନ୍ଦ କରିବା ଏବଂ ତାଙ୍କ ପେଟରେ ଏହା ଏକ ପ୍ରହାର ବୋଲି ଶ୍ରୀ ଦାସ କହିଥିଲେ। ଗରିବ ଶ୍ରମିକ ଶ୍ରେଣୀର ଲୋକଙ୍କ ଖାତାକୁ ସିଧାସଳଖ ବ୍ୟାଙ୍କ ଜମା ଖାତାକୁ ଟଙ୍କା ମିଳିବା ନେଇ ୟୁପିଏ ସରକାର ଏହି ଯୋଜନା ମହାତ୍ମା ଗାନ୍ଧୀଙ୍କ ନାମରେ ଆରମ୍ଭ କରିଥିବା ବେଳେ ଆଜି ମନରେଗାରୁ ତାଙ୍କ ନାମକୁ ବାଦ ଦିଆଯାଇଛି ଏବଂ ସମ୍ବିଧାନକୁ ମଧ୍ୟ ପରିବର୍ତ୍ତନ କରିବାକୁ ବିଜେପି ଷଡଯନ୍ତ୍ର କରୁଛି ବୋଲି ଶ୍ରୀ ଦାସ କହିଥିଲେ। ଭୋଟ ଚୋରି କରି ନିର୍ବାଚିତ ହୋଇ ଦେଶରେ ଶାସନ କରୁଛି ବିଜେପି। ଏଥିସହ ଜୀ ରାମଜୀ ଯୋଜନା ଆରମ୍ଭ କରି ଭାରତର ଇତିହାସ ବଦଳେଇବାକୁ ଅପଚେଷ୍ଟା କରୁଥିବାରୁ ବିଜେପିକୁ ଶିକ୍ଷା ଦେବାର ଆବଶ୍ୟକତା ଥିବାରୁ ଦେଶରେ ବିରାଟ ଜନଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ନାରୀଙ୍କୁ ନ୍ୟାୟ,ଯୁବକଙ୍କୁ ନ୍ୟାୟ,ସାମାଜିକ ନ୍ୟାୟ ସାଙ୍ଗକୁ ଖଣିଜ ସଂପଦକୁ ରକ୍ଷା କରିବାକୁ ପଡିବ। ଏଠାରେ ଆଦାନୀ ଭଳି ବହୁ ଶିଳ୍ପପୁଞ୍ଜୀ ମାନେ ଖଣିଜ ପଦାର୍ଥ ଲୁଟିବା ପାଇଁ ବିଜେପି ସରକାର ସେମାନଙ୍କୁ ସମର୍ଥନ କରୁଥିବାରୁ ସମସ୍ତଙ୍କ ସମର୍ଥନରେ ଜନ ଆନ୍ଦୋଳନର ଆରମ୍ଭ ହେବା ଦରକାର ବୋଲି ଶ୍ରୀ ଦାସ ସଭା ମଞ୍ଚରୁ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସେହିପରି ଛତିଶଗଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ମଧ୍ୟ ଚାଷୀଙ୍କ ପ୍ରତି ବିଜେପି ସରକାର କରୁଥିବା ଅନ୍ୟାୟ ବିଷୟରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ,କେନ୍ଦ୍ର ଗୃହମନ୍ତ୍ରୀମାନେ ଛତିଶଗଡ,ଓଡିଶା ଭଳି ଅନ୍ୟ ଯେଉଁ ରାଜ୍ୟରେ ଖଣି ସଂପଦ ଭରି ରହିଛି ସେହି ରାଜ୍ୟକୁ ନିୟମିତ ଗସ୍ତ କରି ଆଦାନୀ ଭଳି କମ୍ପାନୀକୁ ଟେକି ଦେବାକୁ ଆସୁଛନ୍ତି ବୋଲି କହି ବିଜେପି ଉପରେ ବର୍ଷିଥିଲେ। ସେହିପରି କଂଗ୍ରେସ ଦଳ ଓଡିଶା ପ୍ରଭାରୀ ଅଜୟ କୁମାର ଲାଲୁ ମଧ୍ୟ ନିଜ ବକ୍ତବ୍ୟରେ ବିଜେପିକୁ କଡା ସମାଲୋଚନା କରିଥିଲେ। ସେ କହିଥିଲେ ଓଡିଶାର ଜଙ୍ଗଲ ଏବେ କ୍ଷୟ ହେବାରେ ଲାଗିଛି। ବିଜେପି ସରକାର ଆଦିମ କାଳରୁ ରହି ଆସୁଥିବା ଅଧିବାସୀଙ୍କୁ ସେମାନଙ୍କ ଅଧିକାର ନ ଦେଇ ଜଙ୍ଗଲ କାଟୁଛି ଏବଂ ସେମାନଙ୍କର ଥଇଥାନ ବ୍ୟବସ୍ଥା ନ କରି ସେମାନଙ୍କ ଜଙ୍ଗଲ ଜମି ଅଧିକାର କ୍ଷୁର୍ଣ୍ଣ କରୁଛି ବୋଲି କହିଥିଲେ।

## ସାଂସଦ ଖେଳ ମହୋତ୍ସବ

# ବ୍ଲକ୍ ଓ ସହରାଞ୍ଚଳ ପ୍ରତିଯୋଗିତା ଉଦ୍‌ଘାଟିତ



କୋରାପୁଟ,୨୪।୧୨(ସମିସ) ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ସାଂସଦ ଖେଳ ମହୋତ୍ସବ କୋରାପୁଟ ବ୍ଲକ ଓ ସହରାଞ୍ଚଳ ସ୍ତରୀୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ତୃଣମୂଳ ସ୍ତରର କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ ଏବଂ କ୍ରୀଡା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଂସଦ ଖେଳ ମହୋତ୍ସବ ଆୟୋଜନ କରାଯାଉଛି ବୋଲି ସେ ଉପସ୍ଥିତ ପ୍ରତିଯୋଗୀଙ୍କୁ ଉଦବୋଧନ ଦେଇଥିଲେ।୧୦୦ ମିଟର ଦୌଡ, ଲମ୍ବ ଓ ଉଚ୍ଚ ଡିଆଁ, ଖୋ ଖୋ ଏବଂ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ମିଶ୍ର, କୋରାପୁଟ ମଣ୍ଡଳ ସଭାପତି ୱାଇ ସତ୍ୟ ନାରାୟଣ,ବିଜେପି ମହିଳା ନେତ୍ରୀ ସବିତା ପ୍ରଧାନ,ବିଜେପି ନେତା ନୃପେନ୍ଦ୍ର ନାରାୟଣ ବାଘ, ସଞ୍ଜୟ ଝା, ବୁଦ୍ଧୁ ତୁରୁକ, ଶ୍ରୀଧର ପଟ୍ଟନାୟକ,ନରସିଂହ ପଟନାୟକ, ଡି ରାମା ରାଓ ଏବଂ ଯୁବ ବ୍ୟବସାୟୀ ରାଜେଶ ସୋନେଜା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସିଦ୍ଧାର୍ଥ ମୁଦୁଲି ଯୋଗଦେଇ ପରିଚାଳନା କରିଥିଲେ। ଆସନ୍ତାକାଲି ପୋଲିସ ପଡିଆ ଠାରେ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ଉତ୍ସବ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ଖେଳ ମହୋତ୍ସବ ଆୟୋଜନ ସଂପର୍କରେ ଯୁବ କ୍ରୀଡାବିତ ଏବଂ ନାଗରିକ ମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

■ ଚିନ୍ତା ବଢ଼ାଉଛି ହୃଦଘାତ୍

# ଡିସେମ୍ବରରେ ଗଲାଣି ୩ ଜୀବନ

ଲକ୍ଷ୍ମୀପୁର,୨୪।୧୨(ସମିସ) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ହୃଦଘାତ ଜନିତ ସମସ୍ୟା ବଢି ଚାଲିଛି। ସମସ୍ତଙ୍କ ସହ ଭଲରେ କଥାବାର୍ତ୍ତା କରୁଥିବା ଲୋକ ଅଚାନକ ହୃଦ୍‌ଘାତରେ ପ୍ରାଣ ହରାଉଛି। ଚଳିତ ଡିସେମ୍ବର ମାସରେ ଏପର୍ଯ୍ୟନ୍ତ ୩ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଓଏମ୍‌ସିକୁ ଅଡିଟ ପାଇଁ ଭୁବନେଶ୍ୱରରୁ ଆସି ଥିବା ମଧୁସୂଦନ ଦାଶ ନାମକ ଜଣେ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଡାକ୍ତର କହି ଥିଲେ। ଶୁକ୍ରବାର ଦିନ ଡଲିଆମ୍ବା ଗାଁର ମୂଳିଆ ଗରଡ଼ା ଭଲରେ ବୁଲାବୁଲି କରି ସମସ୍ତଙ୍କ ସହ କଥାବାର୍ତ୍ତା ହୋଇ ପରେ ଛାତିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ଲକ୍ଷ୍ମୀପୁର ଓ ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଥିଲା। ସେଠାରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କହିଥିଲେ। ଏଭଳି ଗୋଟିଏ ପରେ ଗୋଟିଏ ଜୀବନ ଚାଲି ଯାଉଛି। ଏହାକୁ ନେଇ ଏବେ ଚିନ୍ତାରେ ଅଞ୍ଚଳବାସୀ। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ସଠିକ୍ ତଦନ୍ତ ଆବଶ୍ୟକ ରହିଛି ଏବଂ ଏହା ଉପରେ ବିଭିନ୍ନ ସ୍ଥାନରେ ଶିବିରମାନ କରି ଏହାର କାରଣ ଓ ନିରାକରଣ ଲୋକଙ୍କୁ ଜଣାଇବା ଆବଶ୍ୟକ ବୋଲି କୁହାଯାଉଛି। ଏହାର ପ୍ରତିକାର ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସାଧାଣରେ ଦାବି ହେଉଛି। ହୃଦ୍‌ଘାତ ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏହା ଦ୍ୱାରା ଲୋକେ ମଧ ଭୟଭୀତ ହେଉଛନ୍ତି। ଲିତ ବର୍ଷ ୧୨ ଜଣଙ୍କର ସଦର ମେଡ଼ିକାଲରେ ହୃଦଘାତରେ ମୃତ୍ୟୁ ହୋଇଛି। ସବୁ ଅଞ୍ଚଳକୁ ଦେଖିଲେ ଏହାର ସଂଖ୍ୟା ଅଧିକ ଥିବା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ଅଧିକାଂଶ ସମୟରେ କୋରନା ଟୀକା ଯୋଗୁଁ ଏଭଳି ସମସ୍ୟା ହେଉଥିବା ପ୍ରଚାର ହେଉଛି। ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ପ୍ରତିକାର କରିବାର ଆବଶ୍ୟକତା ରହିଛି।

# ‘ନଡ଼ିଆ ବାଡ଼େଇଲେ ହେବନାହିଁ, ଶୀଘ୍ର ଧାନ ଉଠାଅ’



## ଧାନମଣ୍ଡି ଉଦ୍‌ଘାଟନକୁ ନେଇ ବ୍ଲକ୍ ଉପାଧକ୍ଷାଙ୍କ ଅସନ୍ତୋଷ

ବୈପାରିଗୁଡ଼ା, ୨୪।୧୨(ସମିସ):

ନଡ଼ିଆ ବାଡେଇ ଧାନମଣ୍ଡି ଉଦଘାଟନ କରୁଛି ପ୍ରଶାସନ । କିନ୍ତୁ ମଣ୍ଡିରୁ ଧାନ ଉଠିନି । ହନ୍ତସନ୍ତ ହେଉଛନ୍ତି ଚାଷୀ । ଏ ଗୋଟିଏ ବ୍ଲକର ସମସ୍ୟା ନୁହେଁ, ଜିଲ୍ଲାର ସମସ୍ତ ବ୍ଲକରେ ସମାନ ଅବସ୍ଥା। ଏଣୁ ଆଜି ବୈପାରୀଗୁଡା ବ୍ଲକ ବାଲିଗାଁ ଧାନମଣ୍ଡି ଉଦ୍‌ଘାଟନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ। ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ ସଦର ମହକୁମା ସ୍ଥିତ ମଣ୍ଡି ଗୃହରେ ଆଜି ଲ୍ୟାମ୍ପସ ପକ୍ଷରୁ ଖରିଫ୍ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷାଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ସେ ଯୋଗ ଦେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ବାଲିଗାଁରେ ଆଜି ଧାନ ମଣ୍ଡି ଉଦଘାଟନ ହେଇଛି । କିନ୍ତୁ ଧାନ ନେବା ପାଇଁ କେହି ଆସିନାହାନ୍ତି। କେବଳ ନଡ଼ିଆ ବାଡ଼େଇ ଚାଷୀଙ୍କୁ ଭକୁଆ କରାଯାଉଛି । ଗତକାଲି ବୈପାରୀଗୁଡା ବ୍ଲକ ସଦର ମହକୁମା ହାଟପଦା ଠାରେ ଧାନମଣ୍ଡି ଉଦ୍‌ଘାଟନ ତ ହେଲା । ନିଜେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈପାରିଗୁଡା ମଣ୍ଡିର ଶୁଭାରମ୍ଭ କରିଛନ୍ତି। ବିଧାୟକ ସମେତ ଅନ୍ୟାନ୍ୟ ଅତିଥି ଯୋଗ ଦେଇ ୨୮ ଟି ନଡ଼ିଆ ବାଡେଇଲେ। କିନ୍ତୁ ଗୋଟିଏ କିଲୋ ବି ଧାନ ଉଠିଲା ନାହିଁ। ଏହି ଉଦ୍‌ଘାଟନ କଣ ପାଇଁ କରାଯଉଛି ବୋଲି ଲ୍ୟାମ୍ପସ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ନଡ଼ିଆ ବାଡେଇବା ଏକ ପ୍ରହସନ ବୋଲି ଅଭିଯୋଗ ହୋଇଛି। ଅତିଶୀଘ୍ର ଧାନ ଉଠାଇବା ବ୍ୟବସ୍ଥା କରାଯାଉ ବୋଲି ଦାବି ହେଉଛି। ଲ୍ୟାମ୍ପସ ଅଧିକାରୀ କହିଛନ୍ତି ଯେ, ବୈପାରୀଗୁଡା ବ୍ଲକରେ ମୋଟ ୯ଟି ମଣ୍ଡି ରହିଥିବା ବେଳେ ଚଳିତ ବର୍ଷ ୯ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରହିଛି । ଆଜି ବ୍ଲକର ବାଲିଗାଁ, ରାମଗିରି, ଚିକିମା ଆଦି ସ୍ଥାନରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । ଗତକାଲି ବୈପାରୀଗୁଡା ମଣ୍ଡି ଉଦ୍‌ଘାଟନ ହୋଇଯାଇଛି ।କିନ୍ତୁ ଧାନ କିଣା ଆରମ୍ଭ ହୋଇନାହିଁ। ଅତି ଶୀଘ୍ର ମିଲର୍ସ ସହ ଆଲୋଚନା ଶେଷ ହେଲେ ଧାନ ଉଠିବ ବୋଲି ସୂଚନା ମିଳିଛି।

# ଦିଲ୍ଲୀରେ ସମ୍ମାନିତ ହେଲେ କୋରାପୁଟର ବାସ୍ତୁବିତ୍



କୋରାପୁଟ,୨୪।୧୨(ସମିସ):

ଗାଜିଆବାଦ ଠାରେ କୋରାପୁଟର ଜ୍ୟୋତିଷ ତଥା ବାସ୍ତୁବିତ୍ ଭାଗିରଥି ବିନ୍ଧାଣୀ ଅନ୍ତର୍ଜାତୀୟ ବାସ୍ତୁ ଓ ଜ୍ୟୋତିଷବିତ୍ ମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଗାଜିଆବାଦ ଠାରେ ଶିବଶଙ୍କର ଜ୍ୟୋତିଷ ଏବଂ ବାସ୍ତୁ ଗବେଷଣା କେନ୍ଦ୍ର, ଗାଜିଆବାଦର ତତ୍ତ୍ୱାବଧାନରେ ଆୟୋଜିତ ଦୁଇଦିନିଆ ଜାତୀୟ ଜ୍ୟୋତିଷ ଏବଂ ବାସ୍ତୁ ସେମିନାର ଏବଂ ମାଗଣା ସମସ୍ୟା ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ସହର ଏବଂ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଲୋକ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। ସେମିନାର ସମୟରେ ଆଚାର୍ଯ୍ୟ ଅନିଲ ଭାଟସ୍ କହିଥିଲେ ଯେ ସଠିକ୍ ଏବଂ ବୈଜ୍ଞାନିକ କୁଣ୍ଡଳୀ ମେଳ କୌଶଳ ଗ୍ରହଣ କରି ବୈବାହିକ ସମସ୍ୟା ଏବଂ ଛାଡପତ୍ର ହାରକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ସେ ବିବାହ ପୂର୍ବ ରାଶି ମେଳର ଗୁରୁତ୍ୱ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। କୋରାପୁଟ ଜ୍ୟୋତିଷ ଭାଗିରଥି ବିନ୍ଧାଣି ଉପସ୍ଥିତ ରହି ତାଙ୍କର ସନ୍ଦର୍ଭ ବାସ୍ତୁ ସହ ଜ୍ୟୋତିଷକୁ ମିଶାଇ ଗଣନା କରିବା ବିଷୟରେ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଶ୍ରୀ ବିନ୍ଧାଣିଙ୍କୁ ଏଥିପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ୪୦ରୁ ଅଧିକ ଜ୍ୟୋତିଷ ଜ୍ୟୋତିଷ, ବାସ୍ତୁ, ହସ୍ତରେଖା ଏବଂ ଟାରୋଟ୍ କାର୍ଡ ମାଧ୍ୟମରେ ୫୦୦ରୁ ଅଧିକ ଲୋକଙ୍କ ସମସ୍ୟାର ମାଗଣା ସମାଧାନ ପ୍ରଦାନ କରିଥିଲେ। ଏଥି ମଧ୍ୟରୁ ଶ୍ରୀ ବିନ୍ଧାଣି ୨୫ ରୁ ଉର୍ଦ୍ଧ୍ୱ ଲୋକଙ୍କ କୁଣ୍ଡଳୀ ଓ ବାସ୍ତୁ ର ସମାଧାନ କରିଥିଲେ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୨୪।୧୨(ସମିସ): ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣସମ୍ପଦ ମେଳା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୫ ବର୍ଷର ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୬ ଜାନୁୟାରୀ ୪ ଏବଂ ୫ ତାରିଖରେ ସ୍ଥାନୀୟ ପିଏମ୍‌ଶ୍ରୀ ଆରସିଡି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା। ନବରଙ୍ଗପୁର ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ମେଳାକୁ ହିତାଧିକାରୀ ଯେଭଳି ବିଭିନ୍ନ ଯୋଜନାର ସୂଚନା ଓ ଲାଭ ଉଠାଇବେ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡା. ରାଧେଶ୍ୟାମ ଲାଏକ ଏହି ମେଳାର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏଥିରେ ୨୫ ଗୋଟି ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ମେଳାରେ ପ୍ରତିଦିନ ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୦୦ ଲେଖାଏଁ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ ଭାଗ ନେବାର ବ୍ୟବସ୍ଥା ରହିଛି ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

# ଲିଟିଲ୍ କୃଷ୍ଣା ପ୍ରିସ୍କୁଲରେ ବିଜ୍ଞାନ ଓ ହସ୍ତଶିଳ୍ପ ପ୍ରଦର୍ଶନୀ



ସେମିଳିଗୁଡ଼ା,୨୪।୧୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରର ଲିଟଲ୍ କୃଷ୍ଣା- ଏ ପ୍ରିମିୟମ୍ ପ୍ରିସ୍କୁଲରେ ସୋମବାର ବିଜ୍ଞାନ ଓ କଳା, ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟମ୍ବଦା ପାତ୍ର ଯୋଗଦେଇ ଥିଲା। ପିଲାମାନଙ୍କ ପ୍ରତିଭାକୁ ସାଧୁବାଦ ଜଣାଇଥିଲେ। ‘ସକାଳ’ ସାମ୍ବାଦିକ କୁର୍ମା ରାଓ ଗୌରବ ଅତିଥି ଭାବେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରସ୍କୁଲ ସ୍ଥାପକ ସଞ୍ଜିବ ଭାତ୍ରା ଓ ସହ-ସ୍ଥାପିକା ଦୀପଶିଖା ଭାତ୍ରା ପ୍ରଦର୍ଶନୀର ଉଦ୍ଦେଶ୍ୟ ଓ ଶିଶୁଶିକ୍ଷାରେ ସୃଜନଶୀଳତାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଞ୍ଚନ ଭାତ୍ରା ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ପ୍ରଦର୍ଶନୀରେ ନର୍ସରୀ, ପ୍ଲେଗ୍ରୁପ୍ ଓ ଏଲକେଜି ଶ୍ରେଣୀର ଛାତ୍ରଛାତ୍ରୀମାନେ ତିଆରି କରିଥିବା ବିଭିନ୍ନ ସୃଜନାତ୍ମକ ଓ ବୈଜ୍ଞାନିକ ପ୍ରକଳ୍ପ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଏଲକେଜି ଶ୍ରେଣୀର ଅଂଶୁବାଲି ମାଝି ଓ ଯଶ୍ମିତ୍ ହିଆଲ ତିଆରି କରିଥିବା ସୂର୍ଯ୍ୟ ଶକ୍ତିଚାଳିତ ବିମାନ (ରୋବୋଟିକ୍ସ) ପ୍ରକଳ୍ପଟି ସର୍ବଶ୍ରେଷ୍ଠ ପ୍ରକଳ୍ପ ଭାବେ ପ୍ରଶଂସିତ ହୋଇଥିଲା। ନର୍ସରୀ ଶ୍ରେଣୀର ଧ୍ରୁବାଂଶ ମିଶ୍ରଙ୍କ ‘ବିଫୋର୍ ଏଣ୍ଡ ଆଫ୍ଟର’ ପ୍ରକଳ୍ପ ଏବଂ ପ୍ଲେଗ୍ରୁପ୍ ଶ୍ରେଣୀର ପାର୍ଥିଭୀ ପରିମିତାଙ୍କ ‘ମହାଦ୍ୱୀପ’ ପ୍ରଦର୍ଶନ ମଧ ଦର୍ଶକମାନଙ୍କ ଭ୍ରୁକୁଟି ଆକର୍ଷଣ କରିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସୁନିତା ସୋରେନ, ଦୀପଶିଖା, ଜ୍ୟୋତି ନାୟକଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ପିଲାମାନଙ୍କର ସୃଜନଶୀଳତା ଓ ନବଚିନ୍ତନକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ପ୍ରଦର୍ଶନୀ ସମସ୍ତଙ୍କ ମନରେ ସ୍ମରଣୀୟ ଛାପ ଛାଡ଼ିଥିଲା।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ଲମତାପୁଟ,୨୪।୧୨(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୨୧ ତମ ବାର୍ଷିକ ଉତ୍ସବ ଗତ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଉତ୍ସବକୁ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା କିରନବାଳା ପ୍ରଧାନ ପରିଚାଳନା କରିଥିଲେ। ମଧୁସ୍ମିତା ଗୁରୁମା ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ। ଶିଶୁ ମନ୍ଦିର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ବାର୍ଷିକ ଧାରା ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଲମତାପୁଟ ଜୋନ-୧ ଜିଲ୍ଲା ପରିଷଦ ପୂର୍ଣଚନ୍ଦ୍ର ପାଙ୍ଗି, ଲମତାପୁଟ ସରପଞ୍ଚ ପ୍ରଫୁଲ୍ଲ କିର୍ଷାନି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବାନୀ ମୁଦୁଲି, ମୁଖ୍ୟବକ୍ତା ଲମତାପୁଟ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସାଗର କୁମାର ବେହେରା, ଶିଶୁମନ୍ଦିରର ସଭାପତି ପ୍ରତାପ ଚନ୍ଦ୍ର ନାୟକ, ସମ୍ପାଦକ ମଙ୍ଗଳା ପ୍ରଧାନୀ ପ୍ରମୁଖ ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ। କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭାପତି ପ୍ରତାପ ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କୁନି କୁନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ନାଟକ ଓ ନାଚଗୀତରେ ସୁନ୍ଦର ଅଭିନୟ କରି ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ଶିଶୁମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହାୟତା କରିଥିଲେ।

# କିଶୋର କିଶୋରୀଙ୍କ ପ୍ରତିଭା ଚିହ୍ନଟ ପ୍ରତିଯୋଗିତା



ବନ୍ଧୁଗାଁ,୨୪।୧୨ (ଇମିସ): ବନ୍ଧୁଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳୀ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକାଙ୍କ ସଭାପତିତ୍ୱ ରେ ଶତାଧିକ କିଶୋର କିଶୋରୀଙ୍କୁ ନେଇ ପ୍ରତିଭା ଚିହ୍ନଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅଦ୍ୱିକା ଯୋଜନା ସମ୍ପର୍କରେ କିଶୋର କିଶୋରୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ଅବଗତ କରାଇଥିଲେ। ପିତାମାତାଙ୍କ ପରିଶ୍ରମ ଓ ସେମାନଙ୍କ ପରାମର୍ଶ ଅନୁସାରେ ପାଠ ପଢିବା, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଉପରେ ଉପସ୍ଥିତ କିଶୋର କିଶୋରୀଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ମାନଙ୍କ ଦ୍ୱାରା କିଶୋର କିଶୋରୀଙ୍କ ଉପରେ ଆଧାରିତ ନାଟକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ। ଏଥି ସହିତ ଚିତ୍ରାଙ୍କନ, ରଚନା , ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିବା ବେଳେ ସମସ୍ତ କିଶୋର କିଶୋରୀ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଏସଏସଓ ଦୀପକ କୁମାର ବେଉରିଆ, ଜିଲ୍ଲା ମହିଳା ସଶକ୍ତି କରଣ କେନ୍ଦ୍ରରୁ ଯଶସ୍ୱିନି ପଟ୍ଟନାୟକ , ରାମେଶ୍ୱର ହନ୍ତାଲ, ମଣ୍ଡଳ ପରିଦର୍ଷିକା ତୁଳାବତୀ ମାଛ, ସୁଜାତା ଜିଲାକାରା, ଲିଲିରାଣୀ ପଣ୍ଡା, ଏମ ରାବଣାମା ଓ ଏ ଗୌରୀଆମା ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ କୃତୀ କିଶୋରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସ୍ୱାଗତିକା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପେସା ଦିବସ ପାଳିତ

କୋଷାଗୁମୁଡା,୨୪।୧୨(ସମିସ): ବହୁ ବାଦ ବିବାଦରେ ସ୍ୱତନ୍ତ୍ର ଗ୍ରାମସଭା ତଥା ପେସା ଦିବସ କୋଷାଗୁମୁଡା ସଦର ପଞ୍ଚାୟତର ସମ୍ମିଳନୀ କକ୍ଷ ଠାରେ ସରପଞ୍ଚ ଡାଲିମ୍ବ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ଣ ୧୨ଟା ୩୫ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ପଞ୍ଚାୟତ ତରଫରୁ କୌଣସି ସୂଚନା କାହିଁକି ଦିଆଯାଇନଥିଲା ବୋଲି ସ୍ଥାନୀୟ ଜନସାଧାରଣ ସରପଞ୍ଚ ଓ ପିଇଓ ଙ୍କୁ ପ୍ରଶ୍ନ କରିଥିଲେ। ପରେ ସମାଜସେବୀ ହରିବନ୍ଧୁ ମାଝୀଙ୍କ ସହମତିରେ ସଭା ଆରମ୍ଭ ହୋଇଥିଲା। ଏହି ସଭାରେ ବିଡ଼ିଓ ସଭା ପାଇଁ ଗୋଟିଏ ଦିନ ପୂର୍ବରୁ ଚିଠି ପତ୍ର କରିଥିବା ଯୋଗୁଁ ଆମେ ପଞ୍ଚାୟତବାସୀଙ୍କୁ ଜଣାଇ ପାରିଲୁ ନାହିଁ ବୋଲି ପିଇଓ ସଞ୍ଜୟ ମହାଙ୍କୁଡ ଚିଠିପତ୍ରକୁ ଦେଖାଇଥିଲେ। ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି, ଗ୍ରାମର ଗରିବ, ଶ୍ରମିକ, ମା’ ଭଉଣୀ, ଏସସି/ଏସଟି ପରିବାର ଓ ଯୁବ ସାଥୀ ମାନକୁ ନିଶ୍ଚିତ ରୋଜଗାର ସହିତ ନୂଆ ଜୀବିକା ସୁଯୋଗ ପ୍ରଦାନ କରିବା। ୧୯୯୬ରେ ପେସା ଆଇନ ଗ୍ରାମସଭାକୁ ସର୍ବୋଚ୍ଚ ଶକ୍ତି ପ୍ରଦାନ କରିଛି। ଏହା ମାଧ୍ୟମରେ ଗ୍ରାମର ଜମି, ଜଳ, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ସମ୍ପର୍କିତ ନିଷ୍ପତ୍ତି ଗ୍ରାମସଭା ନିଜେ ନେଇପାରୁଛି ବୋଲି ଉପସ୍ଥିତ ମଞ୍ଚାସୀନ ନବରଙ୍ଗପୁର ଜିଲ୍ଲାରୁ ଆସିଥିବା ଓଏଲଏମର ଡିପିଏମ ସୁସ୍ମିତା ସାମନ୍ତରାୟ କହିଥିଲେ। ପରେ ଉପସ୍ଥିତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳାଙ୍କ ବ୍ୟକ୍ତିଗତ ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ଦିଗରେ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ବୁଝାଇଥିଲେ। ସିଆର୍‌ପି ଓ ଏମ୍‌ବିକେ ମାନେ ନିଜ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ତାଙ୍କ ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଶେଷରେ ଉପସ୍ଥିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସଭା ଭଙ୍ଗ କରିଥିଲେ ସରପଞ୍ଚ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୭ଜଣ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସେମିଳିଗୁଡା ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ




ସେମିଳିଗୁଡ଼ା,୨୪।୧୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ, ନବରଙ୍ଗପୁର କେନ୍ଦ୍ର ଦ୍ୱାରା ସେମିଳିଗୁଡା କେନ୍ଦ୍ର ସହଯୋଗରେ ନିଶାମୁକ୍ତ ଭାରତ ଅଭିଯାନ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଝାନ୍‌ସି ସିଂହଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ୩ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚରିତ୍ର ଗଠନ ଓ ନିଶାମୁକ୍ତ ଜୀବନ ଏକ ସୁସ୍ଥ ସମାଜର ବାର୍ତ୍ତାବହ । ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭର ହେବା ସହ ଏକ ଶୃଙ୍ଖଳିତ ଜୀବନ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ନିଶାସେବନ ଦ୍ୱାରା ଲୋକମାନେ କେଉଁଭଳି ଭାବରେ କର୍କଟ ରୋଗରେ ପୀଡ଼ିତ ହେଉଛନ୍ତି ଏବଂ ପରବର୍ତ୍ତୀ ଜୀବନ କିପରି ଦୁର୍ବିସହ ହୋଇପଡୁଛି, ତାହା ବର୍ଣ୍ଣନା କରିଥିଲେ । ପ୍ରଜାପିତା ବ୍ରହ୍ମକୁମାରୀଙ୍କ ମଧ୍ୟରେ ରାଜୀବ ଯୋଶୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ଭଉଣୀ, ନିର୍ମଳ ଭଉଣୀ, ରୁବୀ ଭଉଣୀ, ପ୍ରେସ୍ କ୍ଲବ୍ ସଭାପତି ଏବଂ ସମ୍ପାଦକ ଶ୍ରୀ ଅଜୟ ସାହୁ ଏବଂ ଶ୍ରୀ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରେ ଡ. ସୁଭ୍ରାଂଶୁ ସୁନ୍ଦର ଦାସ, ଜ୍ୟୋତ୍ସ୍ନା ଦାସ, ରୋନାଲି ନାୟକ, ରଶ୍ମିତା ସାହୁ, ଅମିତା ପାଢୀ, ଶେଷଦେବ ମିଶ୍ର, ସୁମିତ୍ରା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# କାଶିପୁର ବ୍ଲକ୍ ଶୌଣ୍ଡିକ ସଂଘର ବାର୍ଷିକ ବୈଠକ



ଟିକିରି,୨୪।୧୨(ସମିସ):

ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ଶୌଣ୍ଡିକ ସଂଘର ବାର୍ଷିକ ସାଧାରଣ ବୈଠକ ଟିକିରି ନଟରାଜ ପେଟ୍ରୋଲିୟମ୍ ପଛପଟ ସଂଘର ନବନିର୍ମିତ ଘରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟରତ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ସଂଘର ଏକ୍‌ଜିକ୍ୟୁଟିଭ୍ ମେମ୍ବର ଓ ସମସ୍ତ ସଭ୍ୟ ମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। ଏହି ସଂଘ ୧୯୮୮ ମସିହାର ଆରମ୍ଭ ହୋଇ ଥିଲା। ସଂଘରେ ୨୬୦ ଜଣ ସଭ୍ୟ ଥିବା ବେଳେ ୭୦୦ରୁ ଅଧିକ ଲୋକସଂଖ୍ୟା ରହିଛନ୍ତି। କୋଷାଧ୍ୟକ୍ଷ ଡମ୍ବୁରୁ ଧର ସାହୁ ଗତ ବର୍ଷର ଆୟବ୍ୟୟର ଉପସ୍ଥାପନ କରିଥିଲେ। ମୃତ୍ୟୁବରଣ କରିଥିବା ଜାତିର ବ୍ୟକ୍ତିଙ୍କୁ ୫ ହଜାର ଟଙ୍କାର କ୍ଷତିପୂରଣ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଜାତିର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯିବା ସହ ରକ୍ତଦାନ ଶିବିର ଆୟୋଜିତ କରାଯିବ ବୋଲି ସଙ୍ଘର ଉପ ସଭାପତି ପ୍ରେମଲାଲ ସାହୁ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଛୋଟଛୋଟ ପିଲାଙ୍କୁ ନେଇ ମ୍ୟୁଜିକ୍ ଚେୟାର ଆୟୋଜନ କରାଯାଇଥିଲା। ଅସମ୍ପୂର୍ଣ ଥିବା ଗୃହ କାର୍ଯ୍ୟକୁ କିପରି ଭାବେ ସମ୍ପୂର୍ଣ୍ଣ କରାଯିବ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ମହିଳା ମାନଙ୍କୁ ନେଇ ନାରୀଶକ୍ତି ବାହିନୀ ଗଠନ କରାଯାଇ ନାରୀ ମାନଙ୍କୁ ସମାଜ ଗଠନରେ ସାମିଲ କରିବା ଏହାର ମୁଖ୍ୟ ଉଦେଶ୍ୟ। ଆଜିର ବୈଠକରେ ୭୦୦ ପୁରୁଷ ମହିଳା ଯୋଗ ଦେଇଥିଲେ।

## ଲୋକସଭା ସ୍ତରୀୟ ସାଂସଦ ଖେଳ ମହୋତ୍ସବ

# କବାଡ଼ିରେ ମାଲକାନଗିରି ଚାମ୍ପିଅନ୍



ନବରଙ୍ଗପୁର,୨୪।୧୨(ସମିସ): ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ କ୍ରୀଡ଼ା ସଂଘର ଉପ ସଭାପତି ଏମ୍ ବାଲା ରାଓ ଏବଂ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ପଦ୍ମନାଭ ତ୍ରିପାଠୀ, କ୍ରିକେଟ ସମ୍ପାଦକ ଅଶୋକ ନାୟକ ଏବଂ କ୍ରିକେଟ ସଂଘର ଉପ ସଭାପତି ଶୁଭେନ୍ଦୁ ବେହେରା ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାରେ ଖୋଖୋ ପୁରୁଷ ବର୍ଗରେ କୋଟପାଡ଼ ପୌରାଞ୍ଚଳକୁ ପରାସ୍ତ କରି କୋଟପାଡ଼ ପଞ୍ଚାୟତ ସମିତି ଚାମ୍ପିଅନ୍ ହୋଇଛନ୍ତି। ମହିଳା ଖୋଖୋରେ କୋଟପାଡ଼ ବ୍ଲକକୁ ପରାସ୍ତ କରି ଝରିଗାଁ ବ୍ଲକ ଚାମ୍ପିଅନ୍ ହୋଇଛନ୍ତି। କବାଡି ପ୍ରତିଯୋଗିତା କୋଟପାଡ଼ ବ୍ଲକକୁ ପରାସ୍ତ କରି ମାଲକାନଗିରି ଚାମ୍ପିଅନ୍ ହୋଇଛନ୍ତି। ସେହିପରି ମହିଳା କବାଡି ପ୍ରତିଯୋଗିତାରେ ନବରଙ୍ଗପୁର ପୌରାଞ୍ଚଳ କ୍ରୀଡାବିତ୍ ମାନଙ୍କୁ ପରାସ୍ତ କରି କୋଟପାଡ଼ ବ୍ଲକ ଚାମ୍ପିଅନ୍, ଭଲିବଲ୍ ପୁରୁଷ ପ୍ରତିଯୋଗିତାରେ ନବରଙ୍ଗପୁର ପୌରାଞ୍ଚଳକୁ ପରାସ୍ତ କରି ନବରଙ୍ଗପୁର ପଞ୍ଚାୟତ ସମିତି ଚାମ୍ପିଅନ୍ ହୋଇଛି। ସେହିପରି ମହିଳା ଭଲିବଲ୍ ମ୍ୟାଚ୍‌ରେ କୋଟପାଡ଼ ବ୍ଲକକୁ ପରାସ୍ତ କରି କୋଟପାଡ଼ ପୌରାଞ୍ଚଳ ବିଜୟ ହାସଲ କରିଛି। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ମାନେ ଖେଳ ଗୁଡ଼ିକ ସୁଚାରୁ ରୂପେ ପରିଚାଳନା କରୁଛନ୍ତି।

ସକାଳ
THE SAKALA



# ସମ୍ପାଦକୀୟ



ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ମହିଳା ସଶକ୍ତୀକରଣ ଦ୍ୱାରା ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇପାରିବ।

-ବିଲ୍ ଗେଟ୍‌ସ

## ଗାଜାର ଗଜବ ସ୍ଥିତି

ଇସ୍ରାଏଲ ଓ ଗାଜା ମଧ୍ୟରେ ଗତ ଅକ୍ଟୋବର ୧୦ ରୁ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ତାହା କେତେଦୂର ଯଥାର୍ଥରେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟସ୍ଥଙ୍କ ଭୂମିକା ନଗଣ୍ୟ ହୋଇପଡ଼ିଛି। ଇତିମଧ୍ୟରେ ଇସ୍ରାଏଲ ୮୦୦ ଥର ଯୁଦ୍ଧବିରତି ଉଲ୍ଲଙ୍ଘନ କରି ୩୮୬ ଜଣଙ୍କୁ ହତ୍ୟା କରିଛି। ୫ ଦିନ ତଳେ ହମାସର ଜଣେ ସିନିୟର କମାଣ୍ଡର ଇସ୍ରାଏଲ୍ ଆକ୍ରମଣରେ ନିହତ ହୋଇଛନ୍ତି। ଏକଥା ସତ ଯେ ପୂର୍ବଭଳି ଯୁଦ୍ଧ ଘନଘଟାର ତୀବ୍ରତା ନାହିଁ। ପ୍ରବଳ ବର୍ଷାରେ ଗାଜାର ଅସ୍ଥାୟୀ ଶିବିର ଜଳମଗ୍ନ ହୋଇଛି। ସେମାନଙ୍କ ପୁନଃଥଇଥାନ ଓ ରିଲିଫ୍ ଯୋଗାଣ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏମିତିରେ ପୁନଃନିର୍ମାଣ ପ୍ରକଳ୍ପର କୌଣସି ଆଭାସ ଦେଖାଯାଉ ନାହିଁ। ନେତାନ୍ୟାହୁଙ୍କ ପରାମର୍ଶରେ ଡୋନାଲ୍ଡ ଟ୍ରମ୍ପ ହମାସଙ୍କୁ କିଭଳି ନିରସ୍ତ୍ର କରାଯିବ ସେ ନେଇ ବ୍ୟସ୍ତ ବିବ୍ରତ। ଏଥି ସକାଶେ ଆନ୍ତର୍ଜାତିକ ସ୍ଥିରତା ବାହିନୀ (ଆଇଏସଏଫ) ଗଠନରେ ସେ କିଛି ମୁସଲିମ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ବାହିନୀରେ ପାକିସ୍ତାନର ୩୦୦ ସୈନ୍ୟ. ଯୋଗ ଦେଇଥିବାର ଜଣାପଡ଼ିଛି। ପାକ୍ ସେନାବାହିନୀ ମୁଖ୍ୟ ଅସିମ ମୁନୀରଙ୍କ ସହ ଟ୍ରମ୍ପଙ୍କ ପ୍ରତ୍ୟକ୍ଷ ଆଲୋଚନା ସଫଳ ହୋଇଛି। ଏହି ବାହିନୀରେ ସାଉଦୀ ଆରବ, ମିଶର ଓ ଜୋର୍ଡାନର ଯୋଗଦାନ ରହିବାର ସୂଚନା ମିଳିଛି।

ମୁନୀରଙ୍କ ନିଷ୍ପତ୍ତି ପରେ ପାକିସ୍ତାନରେ ପ୍ରବଳ ପ୍ରତିକ୍ରିୟା ମୁଣ୍ଡ ଟେକିଛି। ଇମରାନ ଖାଁ ଓ ତାଙ୍କ ଭଉଣୀଙ୍କ ନେତୃତ୍ୱରେ ପରିଚାଳିତ ଦଳୀୟ କର୍ମୀଙ୍କ ବିକ୍ଷୋଭ ଓ ସମାବେଶକୁ ଆତଙ୍କବାଦ ନିରୋଧ ଆଇନ ବଳରେ ଦମନ କରାଯାଉଥିବା ବେଳେ ଗାଜାରେ ସୈନ୍ୟ ମୁତୟନକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ଦେଶରେ ସକ୍ରିୟ ଥିବା ଇସ୍ରାଏଲ ବିରୋଧୀ ଗୋଷ୍ଠୀ ବଡ଼ ଧରଣର ମେଳି ଓ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଥିବାର ଜଣାପଡ଼ିଛି। ଗାଜାରେ ଅସ୍ତ୍ରବିରତି ପରେ ଶାନ୍ତି ଫେରି ଆସି ନ ଥିବା ବେଳେ ଏହି ସ୍ଥିରତା ବାହିନୀ ଗଠନର ଆବଶ୍ୟକତା କ'ଣ? ସୂଚନାଯୋଗ୍ୟକି ଇସ୍ରାଏଲର ସ୍ଥଳବାହିନୀ ପରିସ୍ଥିତି ସମ୍ଭାଳିବାକୁ ଅସାମର୍ଥ୍ୟ ପ୍ରକାଶ କରିଛି। ସ୍ଥଳବାହିନୀ ମୁଖ୍ୟଙ୍କ ସୂଚନା ଅନୁଯାୟୀ ବିପୁଳ ସଂଖ୍ୟାରେ ଯବାନ୍ ଇସ୍ତଫା ଦେଇଛନ୍ତି। କେବଳ ବାୟୁସେନା ମାଧ୍ୟମରେ ଆକାଶ ମାର୍ଗରୁ ଯୁଦ୍ଧର ଚଳଚଞ୍ଚଳତା ଜାରି ରହିଛି। ହମାସଙ୍କୁ ନିରସ୍ତ୍ର କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ କିଛି ମୁସଲମାନ ରାଷ୍ଟ୍ରଙ୍କ ସେନା ମୁତାୟନ କରି ହମାସଙ୍କ ବିରୋଧରେ ସେମାନଙ୍କୁ ଲଢ଼ାଇଦେବାର ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ନେତାନ୍ୟାହୁଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରି ଟ୍ରମ୍ପ ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ଓ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିଛନ୍ତି। ମୁନୀର ଏହାକୁ ମାନି ନେଇ ନିଜ ଦେଶରେ ପ୍ରବଳ ଚାପର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଶାନ୍ତି ରାଜିନାମାର ଅନ୍ୟତମ ସହଯୋଗୀ କାତାର ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଇ ବୈଦେଶିକ ମନ୍ତ୍ରୀ ରୁବେରିଓଙ୍କ ସହ ଆଲୋଚନା କରିଛନ୍ତି। ଇସ୍ରାଏଲର ଅସ୍ତ୍ରବିରତି ଉଲ୍ଲଙ୍ଘନ ଓ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ଉଦ୍ୟମକୁ ପଣ୍ଡ କରିଦେବା ପାଇଁ ପ୍ରୟାସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ନେତାନ୍ୟାହୁଙ୍କ ଆଭିମୁଖ୍ୟ ଯାହା, ସେଥିରେ ଗାଜାରେ ଯେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ ସେ ଆଶା ଊଣା। ହସମାସଙ୍କୁ ନିରସ୍ତ୍ର କରିବା ନାମରେ ପରସ୍ପର ବିରୋଧରେ ଲଢ଼େଇ ସକାଶେ ଯେଉଁ ଯୋଜନା ହୋଇଛି ତାହାର ପରିଣାମ ଭୟଙ୍କର ହେବ।

## ଓମାନ ପରେ ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ସହ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ୨୦୨୧ ପରେ ଭାରତର ଏହା ହେବ ସପ୍ତମ ବାଣିଜ୍ୟ ରାଜିନାମା। ଦୁଇଦେଶ ମଧ୍ୟରେ ୯ ମାସ ଧରି ଏହି ଚୁକ୍ତିନାମା ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ଅନ୍ତ ଘଟିଛି। କେବଳ ନ୍ୟୁଜିଲାଣ୍ଡ ସଂସଦର ଅନୁମୋଦନକୁ ଅପେକ୍ଷା। ଭାରତର ଶତପ୍ରତିଶତ ଓ ନ୍ୟୁଜିଲାଣ୍ଡ ୯୫ ପ୍ରତିଶତ ସାମଗ୍ରୀ ରପ୍ତାନି ଶୁଳ୍କ ମୁକ୍ତ ହୋଇଛି। ଦୁଇଦେଶର ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହି ରାଜିନାମା ଘୋଷଣା କରିଛନ୍ତି। ସପ୍ତାହକ ପୂର୍ବରୁ ଗଲ୍ଫ ରାଷ୍ଟ୍ର ଓମାନ ସହ ମଧ୍ୟ ଭାରତ ଅନୁରୂପ ରାଜିନାମା ସ୍ୱାକ୍ଷର କରିଥିଲା।

ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ବ୍ୟବସାୟ କ୍ଷେତ୍ରରେ ରକ୍ଷଣଶୀଳ ନୀତି ଅନୁସରଣ କରୁଥିବାରୁ ନିଜ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରାଜିନାମାରେ ଉପନୀତ ହେଉଛନ୍ତି। ଯେମିତି ନ୍ୟୁଜିଲାଣ୍ଡ ସହ ହୋଇଥିବା ରାଜିନାମାରୁ କୃଷିଜାତ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବାଦ ଦିଆଯାଇଛି। ୟୁକେ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ମଧ୍ୟ ଭାରତ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିଛି। ଅନ୍ୟ ପକ୍ଷରେ ଭାରତୀୟ ଚାଷୀ ନ୍ୟୁଜିଲାଣ୍ଡର ସଂପ୍ରାସାରିତ ବଜାରରେ ସୁଯୋଗ ପାଇବା ସହ ବୈଷୟିକ ସହାୟତା ମଧ୍ୟ ହାସଲ କରିବ। ମୁକ୍ତ ବାଣିଜ୍ୟ ରାଜିନାମାରେ ଦୁଗ୍ଧଜାତ ଦ୍ରବ୍ୟ ଓ କୃଷି ଉତ୍ପାଦକୁ ବାଦ ଦିଆଯାଉଥିବାରୁ ନ୍ୟୁଜିଲାଣ୍ଡ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ତେବେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ କହିବା କଥା ହେଲା, ଭରତ ତାହାର ଦୁଗ୍ଧ ବଜାରକୁ ଅନ୍ୟ ଦେଶ ପାଇଁ ମୁକ୍ତ କରିପାରିବ ନାହିଁ। ସେହିଭଳି ଚାଉଳ, ଗହମ, ସୋୟାବିନ ଓ ଅନ୍ୟାନ୍ୟ କୃଷି ଉତ୍ପାଦ କ୍ଷେତ୍ରରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ।

ଏହି ରାଜିନାମାର ବୃହତ୍ତର ଦିଗ ହେଲା, ନ୍ୟୁଜିଲାଣ୍ଡ ଏକାଥରକେ ଭାରତୀୟଙ୍କ ପାଇଁ ୫୦୦୦ ଭିସା ଦେବ। ତାହା ସହ ତିନିବର୍ଷ ରହଣି ପାଇଁ ମଧ୍ୟ ଅନୁମତି ପ୍ରଦାନ କରିବ। ଏହାଦ୍ୱାରା ଭାରତୀୟ ଛାତ୍ରଙ୍କ ପାଇଁ ଉଚ୍ଚତର ଶିକ୍ଷାଲାଭ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଚ୍ଚ ପେସାଦାରଙ୍କ ସହାୟତାର ଆବଶ୍ୟକତା ମଧ୍ୟ ଅଛି। ତେଣୁ ସାମୟିକ ଭିସା ମାଧ୍ୟମରେ ସେମାନେ ସେଠାରେ ଉପକୃତ ହୋଇପାରିବେ। ଆଗାମୀ ଦିନରେ ନ୍ୟୁଜିଲାଣ୍ଡରେ ବିପୁଳ ନିଯୁକ୍ତି ସୁଯୋଗ ଥିବାରୁ ଏହି ବୁଝାମଣା ଭାରତୀୟ ଶ୍ରମଭିତ୍ତିକ କର୍ମୀଙ୍କ ପାଇଁ ସମ୍ଭାବନାର ପଥ ଉନ୍ମୁକ୍ତ କରିଛି। ୨୦୨୪ ରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା କାରବାର ୨୪୦ କୋଟି ଡଲାର ଥିଲା। ସେଥିମଧ୍ୟରୁ କେବଳ ସେବା ବାବଦ ଅଂଶ ୧୨୪ କୋଟି ଡଲାର। ଆଗାମୀ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ନ୍ୟୁଜିଲାଣ୍ଡରେ ନିଜର ସ୍ଥିତି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି। ସର୍ବୋପରି ଦେଶର ବୟନ, ପୋଷାକ, ଚମଡ଼ା ସାମଗ୍ରୀ ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି ପାଇଁ ବିପୁଳ ସୁଯୋଗ ସୃଷ୍ଟି ହୋଇଛି।

ଭାରତ ଭଳି ଦ୍ରୁତ ଗତିଶୀଳ ଅର୍ଥନୀତି ପାଇଁ ବିଭିନ୍ନ ରାଷ୍ଟ୍ରସହ ବାଣିଜ୍ୟ କାରବାରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ବଜାର ଅର୍ଥନୀତିରେ ବାଣିଜ୍ୟିକ ସ୍ୱାର୍ଥରକ୍ଷା ସହ କୂଟନୈତିକ ସଂପର୍କ ସୁଦୃଢ଼ କରିବା ପ୍ରତି ରାଷ୍ଟ୍ରନାୟକମାନେ ପ୍ରାଧାନ୍ୟ ଦେଇଥିବାରୁ ଦିନକୁ ଦିନ ନୂଆ ବିକଳ୍ପ ମଞ୍ଚ ମୁଣ୍ଡ ଟେକୁଥିବାର ପରିଲକ୍ଷିତ ହେଉଛି।

# ପରମାଣୁ ଶକ୍ତି ବିକାଶ ଓ 'ଶାନ୍ତି'

ଇଂ ମାୟାଧର ସ୍ୱାଇଁ

ନିକଟରେ ଶେଷ ହୋଇଥିବା ସଂସଦର ଶୀତ ଅଧିବେଶନରେ ଦେଶରେ ପରମାଣୁ ଶକ୍ତିର ବିକାଶ ପାଇଁ ଏକ ବିଧେୟକ ପାରିତ ହୋଇଛି। ଏହା ହେଉଛି 'ସଷ୍ଟେନେବଲ୍ ହାର୍ସେନିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫରମିଙ୍ଗ ଇଣ୍ଡିଆ' ବା ସଂକ୍ଷେପରେ 'ଶାନ୍ତି' ବିଲ୍। ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ଦୁଇଟି ଆଇନ୍ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଉଛି 'ପରମାଣୁ ଶକ୍ତି ଆଇନ-୧୯୬୨' ଏବଂ 'ପରମାଣିକ କ୍ଷତି ପାଇଁ ଦାୟିତ୍ୱ ଆଇନ-୨୦୧୦'। ନୂତନ ବିଲ୍ ଏହି ଦୁଇଟି ଆଇନ୍ ପ୍ରତିବଦଳରେ ପ୍ରଚଳିତ ହେବ। ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରମାଣୁ ଶକ୍ତି କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକୁ ଅନୁମତି ଦେବା।

ବର୍ତ୍ତମାନ ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ସରକାରୀ ସ୍ତରରେ କିମ୍ବା ସରକାରଙ୍କ ଅଧୀନସ୍ଥ ସଂସ୍ଥା 'ଭାରତୀୟ ଆଣବିକ ନିଗମ ଲିମିଟେଡ' ହାତରେ ଅଛି। ତା' ହେଲେ ଏହାକୁ ବେସରକାରୀ କମ୍ପାନୀକୁ ସମର୍ପଣ କରିବାର ଉଦ୍ଦେଶ୍ୟ କ'ଣ? ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍‌ରୁ ଆସୁଛି। ତାହା ହିଁ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ। ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜିନାମା ହେଇଛି ଏବଂ ଭାରତ ସେଥିରେ ସ୍ୱାକ୍ଷର କରିଛି। ତାପଜ ବିଦ୍ୟୁତ୍‌ର ଏକ ବିକଳ୍ପ ଭାବରେ ପରମାଣୁ ଶକ୍ତିକୁ ବିଚାର କରାଯାଉଛି। ଏଣୁ ଭାରତ ସରକାର ୨୦୪୭ ମସିହା ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ୧୦୦ ଗିଗାୱାଟ୍‌କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସରକାରୀ ସ୍ତରରେ ଏହା ହାସଲ କରିବା ସମ୍ଭବ ନୁହେଁ ମନେ କରି ସରକାର ଏହି ପଦକ୍ଷେପ ନେଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ମହାରାଷ୍ଟ୍ରର ତାରାପୁରଠାରେ ୧୯୬୯ ମସିହାରେ ସ୍ଥାପିତ ହୋଇଥିଲା ଏବଂ ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ (୮.୭୮ ଗିଗାୱାଟ୍)। ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନର ମାତ୍ର ତିନି ପ୍ରତିଶତ। ପରମାଣୁ ଶକ୍ତି ପ୍ରତିଷ୍ଠାର ଏହି କଚ୍ଛପ ଗତିକୁ ଦେଖିଲେ ଆଉ ୨୨ ବର୍ଷ ମଧ୍ୟରେ ଏହା ଆଠଗୁଣ ବୃଦ୍ଧି ପାଇବା ଆଶା କରିବା ବୃଥା। ସରକାରୀ ସ୍ତରରେ ଅର୍ଥାଭାବ ସାଙ୍ଗକୁ ଶାସନଗତ ଓ ଅମଲାତାନ୍ତ୍ରିକ ଅସୁବିଧା ଅଛି, ଯାହା ବେସରକାରୀ କମ୍ପାନୀ ପାଖରେ ନାହିଁ।

ପନ୍ଦର ବର୍ଷ ପୂର୍ବେ କ୍ଷୁଦ୍ର ପରମାଣୁ ରିଆକଟର ଓ ଭାରତ କ୍ଷୁଦ୍ର ରିଆକ୍ଟର ବିଷୟରେ ଜଣା ନଥିଲା କିମ୍ବା କେହି ଏହାର କଳ୍ପନା ମଧ୍ୟ କରି ନ ଥିଲେ। ୫ ମେଗାୱାଟ୍, ୫୫ ମେଗାୱାଟ୍ ଓ ୨୦୦ ମେଗାୱାଟ କ୍ଷମତାର ପରମାଣୁ ରିଆକ୍ଟରଗୁଡ଼ିକ ହେଉଛି ଦକ୍ଷ ଓ ନିରାପଦ ଏବଂ ଏହାର ନିର୍ମାଣ ସମୟ ବହୁତ କମ୍। ଏଗୁଡ଼ିକୁ ବେସରକାରୀ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିପାରିବେ ବୋଲି ଆଶା କରାଯାଉଛି। ଅନେକଙ୍କର ଧାରଣା ଯେ ପରମାଣୁ ଶକ୍ତି କେବଳ ବିଦ୍ୟୁତ୍ ଉତ୍ପାଦନ ଓ ଅସ୍ତ୍ର (ବୋମା) ନିର୍ମାଣ ପାଇଁ ବ୍ୟବହୃତ ହେଉଛି। କିନ୍ତୁ ଶାନ୍ତି କ୍ଷେତ୍ରରେ ଏହାର ଅନେକ ଉପଯୋଗ ହେଉଛି। ଏଣୁ ବେସରକାରୀ ସ୍ତରରେ ପରମାଣୁ ଶକ୍ତି ଉତ୍ପାଦିତ ହେଲେ ଏହି ସବୁ କ୍ଷେତ୍ର ପାଇଁ ସହଜରେ ଉପଲବ୍ଧ ହୋଇପାରିବ।

ବିଲ୍ ଅନୁଯାୟୀ କେନ୍ଦ୍ର ସରକାରଙ୍କ କୌଣସି ବିଭାଗ, ସରକାରୀ କମ୍ପାନୀ, ବେସରକାରୀ କମ୍ପାନୀ କିମ୍ବା ଯୌଥ କମ୍ପାନୀ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ପାଇଁ ସରକାରଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ। ଏହାପରେ ସେମାନେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ, ପ୍ରଚଳନ କିମ୍ବା ଭାଙ୍ଗି ପାରିବେ। ସେମାନଙ୍କ କାର୍ଯ୍ୟ ମଧ୍ୟରେ ପରମାଣୁ ଇନ୍ଧନ ନିର୍ମାଣ, ପରମାଣୁ ଇନ୍ଧନ କିମ୍ବା ବ୍ୟବହୃତ ଇନ୍ଧନର ପରିବହନ ଓ ସଞ୍ଚୟ ଏବଂ ପରମାଣୁ ପଦାର୍ଥ, ଉପକରଣ, ପ୍ରଯୁକ୍ତିବିଦ୍ୟା କିମ୍ବା ସଫ୍ଟଓୟାର ରପ୍ତାନି ଓ ଆମଦାନୀ ଅନ୍ତର୍ଭୁକ୍ତ।

ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ବଡ଼ ବିପତ୍ତି ଅଛି। ଗୋଟିଏ ହେଉଛି ପରମାଣୁ ବିକିରଣ ଜନିତ ନିରାପତ୍ତା ଏବଂ ଅନ୍ୟଟି ହେଉଛି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଏହାର ଦୁରୁପଯୋଗ। ପରମାଣୁ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ବିକିରଣ ଯୋଗୁଁ ଅନେକ କ୍ଷତି ହୋଇପାରେ ଏବଂ ପରମାଣୁ ବୋମାର ଭୟାବହତା ସମସ୍ତଙ୍କୁ ଜଣା। ଏଥିପାଇଁ ଭାରତ ସମେତ ଅନେକ ଦେଶରେ ପରମାଣୁ କାର୍ଯ୍ୟକ୍ରମ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ନୂତନ ବିଲ୍‌ରେ ସରକାର ବେସରକାରୀ ସ୍ତରକୁ ଏହାକୁ ପ୍ରସାରଣ କରିଥିବାରୁ ଏହି ଉଭୟ ବିପତ୍ତିକୁ ଲକ୍ଷ୍ୟ କରି ଏଥିରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି। ସରକାର ପରମାଣୁ ପଦାର୍ଥ ଓ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖିବେ। ପରମାଣୁ ଶକ୍ତିର ଇନ୍ଧନ ହେଉଛି ୟୁରାନିୟମ ଓ ଅନ୍ୟ କେତେକ ବିଖଣ୍ଡନୀୟ ପଦାର୍ଥ। ସରକାର ଏହାର ନିରୀକ୍ଷଣ କରିବେ। ବ୍ୟବହୃତ ପରମାଣୁ ଇନ୍ଧନକୁ ନିର୍ଦ୍ଦିଷ୍ଟ ଶୀତଳନ ଅବଧି ପର୍ଯ୍ୟନ୍ତ ନିରାପଦରେ ରଖିବାକୁ ହେବ ଏବଂ ଏହା ପରେ ଏହାକୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡ଼ିବ। ପରମାଣୁ କେନ୍ଦ୍ରରେ ମନ୍ଦକ ଭାବେ ଭାରୀଜଳ ବ୍ୟବହୃତ ହୁଏ ଏବଂ ବିଲ୍ ଅନୁଯାୟୀ ବ୍ୟବହାର ପରେ ଏହାକୁ ମଧ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ।

ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ କ୍ରିୟାକଳାପଗୁଡ଼ିକ ସରକାରଙ୍କର ଅଧୀନରେ ଅଛି। ଏହିସବୁ ମଧ୍ୟରେ ୟୁରାନିୟମ୍ ସମୃଦ୍ଧିକରଣ, ବ୍ୟବହୃତ ପରମାଣୁ ଇନ୍ଧନର ପୁନଃପ୍ରକ୍ରିୟାକରଣ, ପରମାଣୁ ଅବଶେଷର ପରିଚାଳନା ଏବଂ ଭାରୀଜଳ ଉତ୍ପାଦନ ଅନ୍ତର୍ଭୁକ୍ତ। ପୁନଶ୍ଚ ଖଣିରୁ ୟୁରାନିୟମ୍ ଓ ଥୋରିୟମ୍ ନିଷ୍କାସନ ମଧ୍ୟ କେବଳ ହେଉଛି ସରକାରଙ୍କର ଅଧିକାର। ଏହାର ଉତ୍ତୋଳନ କେବଳ ସରକାରଙ୍କ ନିୟନ୍ତ୍ରିତ କମ୍ପାନୀ କରିପାରିବେ ଏବଂ ସରକାରଙ୍କର ବିନା ଅନୁମତିରେ ଏଗୁଡ଼ିକର ବିକ୍ରି କିମ୍ବା ପରିବହନ ହୋଇ ପାରିବ ନାହିଁ।

'ଶାନ୍ତି' ବିଲ୍‌ରେ ଏକ ଉଲ୍ଲେଖନୀୟ ଧାରା ହେଉଛି ପରମାଣୁ ଶକ୍ତିଜନିତ ଦୁର୍ଘଟଣାର କ୍ଷୟକ୍ଷତି ପୂରଣ। ଯଦି କୌଣସି ପରମାଣୁ ଦୁର୍ଘଟଣା ହୁଏ, ତା' ହେଲେ ଏହାକୁ ଚଳାଉଥିବା କମ୍ପାନୀ ଏଥିପାଇଁ ଦାୟୀ ହେବ ଏବଂ ପୀଡ଼ିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବ। ଏଥିମଧ୍ୟରେ ବିଦ୍ୟୁତ୍ କେନ୍ଦ୍ରରେ ଦୁର୍ଘଟଣା ଏବଂ ପରିବହନ ସମୟରେ ଦୁର୍ଘଟଣା ଅନ୍ତର୍ଭୁକ୍ତ। ଅବଶ୍ୟ ଯଦି ଜଣେ ବ୍ୟକ୍ତିର ନିଜର ଅବହେଳା ଯୋଗୁଁ ସେ କ୍ଷତିଗ୍ରସ୍ତ ହୋଇଥାଏ, ତା' ହେଲେ ସେ କ୍ଷତିପୂରଣ ପାଇବ ନାହିଁ। ପ୍ରତ୍ୟେକ ଦୁର୍ଘଟଣା ପାଇଁ କ୍ଷତିପୂରଣର ଏକ ସର୍ବୋଚ୍ଚ ସୀମା ବିଲ୍‌ରେ ନିର୍ଦ୍ଧାରଣ କରାଯାଇଛି। ଏହା ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା ଉପରେ ନିର୍ଭର କରେ। ୩୬୦୦ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ କେନ୍ଦ୍ର ପାଇଁ ଏହା ୩୦୦୦ କୋଟି ଟଙ୍କା ଥିବା ବେଳେ ୧୫୦୦ରୁ ୩୬୦୦ ମେଗାୱାଟ ମଧ୍ୟରେ କ୍ଷମତା ପାଇଁ ୧୫୦୦ କୋଟି ଟଙ୍କା, ୭୫୦ ରୁ ୧୫୦୦ ମେଗାୱାଟର ରିଆକ୍ଟର ପାଇଁ ୭୫୦ କୋଟି ଟଙ୍କା, ୧୫୦ ରୁ ୭୫୦ ମେଗାୱାଟ କ୍ଷମତା ପାଇଁ ୩୦୦ କୋଟି ଟଙ୍କା ଏବଂ ଛୋଟ ରିଆକ୍ଟର, ଇନ୍ଧନ ଚକ୍ର ଉପକରଣ ଓ ପରମାଣୁ ପଦାର୍ଥର ପରିବହନ କ୍ଷେତ୍ରରେ ଏହା ୧୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ପରମାଣୁ ନିୟମ ଉଲଘଂନକାରୀଙ୍କୁ ମଧ୍ୟ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ଅନୁଯାୟୀ ୫୦ ହଜାର ଟଙ୍କାରୁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଅଛି।

ଦେଶରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମର ନିୟନ୍ତ୍ରଣ ପାଇଁ 'ପରମାଣୁ ଶକ୍ତି ନିୟାମକ ପରିଷଦ' ଅଛି। ନୂତନ ବିଲ୍‌ରେ ଏହାକୁ ଅଧିକ କ୍ଷମତା ଦିଆଯାଇଛି ଏବଂ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି। ଏହି ବିଲ୍‌କୁ ଅନେକ ସ୍ୱାଗତ କରିଥିବା ବେଳେ କେତେକ ବିରୋଧ ମଧ୍ୟ କରୁଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବେ ଦେଶରେ ସ୍ୱଚ୍ଛ ଓ ପରିଷ୍କାର ବିଦ୍ୟୁତ୍‌ର ବିକାଶ ହେବ। କିନ୍ତୁ ସମ୍ବେଦନଶୀଳ ପରମାଣୁ ଶକ୍ତିକୁ ସରକାରୀ କଳ ବାହାରକୁ ଦେବାର ନିରାପତ୍ତାଜନିତ ଚିନ୍ତା ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଇଂଲଣ୍ଡ, ଫିନଲାଣ୍ଡ ଓ କାନାଡ଼ାରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ ବେସରକାରୀ ଭାବେ ହେଉଛି ଏବଂ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ଏଣୁ ଆମ ଦେଶରେ ଏହା ମଧ୍ୟ ଠିକ୍ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରିବା। କେବଳ ସରକାରଙ୍କ ଆୟୁକ୍ତ ନିରୀକ୍ଷଣ ଓ ସତର୍କତା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ସଂସଦରେ ଚା' ଭୋଜି: ଭାରତୀୟ ଗଣତନ୍ତ୍ରର ସଭ୍ୟ ପରମ୍ପରା

ରାଜେଶ କୁମାର ତ୍ରିପାଠୀ

ତୀବ୍ର ବାଦ-ବିବାଦ, ପ୍ରତିବାଦ, ବିରୋଧ, ଆରୋପ-ପ୍ରତ୍ୟାରୋପ ଓ ରାଜନୈତିକ ଉତ୍ତେଜନା ମଧ୍ୟରେ ସଂସଦର ଶୀତକାଳୀନ ଅଧିବେଶନ ସମାପ୍ତ ହୋଇଛି। ଅଧିବେଶନ ସମୟର ଏହିଭଳି ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ସାଧାରଣ। ଭିନ୍ନ ମତ ଓ ତୀବ୍ର ତର୍କ ଛଡ଼ା ଗଣତନ୍ତ୍ର ଚାଲେ ନାହିଁ। କିନ୍ତୁ ଗଣତନ୍ତ୍ରର ଶକ୍ତି କେବଳ ତର୍କରେ ନୁହେଁ, ତର୍କରେ ସଂଯମ ଓ ସମ୍ମାନକୁ ଧରି ରଖିବାରେ ରହିଛି। ସେଇଠି ଆସେ ସଂସଦର 'ଚା' ଭୋଜି'ର ମହତ୍ତ୍ୱ।

ଲୋକସଭା ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତ୍ୟେକ ଅଧିବେଶନ ପରେ ଆୟୋଜିତ ଏହି ଚା' ଭୋଜି କେବଳ ଏକ ସାମାଜିକ ଔପଚାରିକତା ନୁହେଁ। ଏହା ଭାରତର ସଭ୍ୟତାମୟ ଗଣତାନ୍ତ୍ରିକ ପରମ୍ପରାର ନିଦର୍ଶନ, ଯେଉଁଠି ଚା' କପର ଉଷ୍ମତା ଭିତରେ ବାଦ-ବିବାଦ ଜନିତ ଉତ୍ତେଜନା ପ୍ରଶମିତ ହୁଏ। ବିରୋଧୀ ଦଳର ପ୍ରତିନିଧି ମଧ୍ୟ ସରକାରଙ୍କର 'ଶତ୍ରୁ' ନୁହନ୍ତି, ବରଂ 'ସହଯାତ୍ରୀ', ଏହାକୁ ଅନୁଭବ କରାଇବାର ସୌଜନ୍ୟଭରା ଅବକାଶ ତିଆରି କରନ୍ତି ଲୋକସଭା ଅଧ୍ୟକ୍ଷ। ଚଳିତ ଥର ଶାସକ ଓ ବିରୋଧୀ ଉଭୟ ପକ୍ଷର ସୁସ୍ଥ ଉପସ୍ଥିତି ଏହି ପରମ୍ପରାକୁ ଆଉ ଗୋଟିଏ ସକାରାତ୍ମକ ବାର୍ତ୍ତା ଦେଇଛି, ଯାହା କେବଳ ଶବ୍ଦରେ ନୁହେଁ, ମନୋଭାବରେ ମଧ୍ୟ ପ୍ରକାଶ ପାଇଥିଲା। ଅଧିବେଶନ ଶେଷରେ ଏହି ଆସରରେ ଗମ୍ଭୀର ଅଭିଯୋଗ-ପ୍ରତ୍ୟାଭିଯୋଗର ପରିବେଶକୁ ସାମାଜିକ ସୌଜନ୍ୟ, ଗଣତାନ୍ତ୍ରିକ ଆବଶ୍ୟକତା ଭିତରେ ସମସ୍ତେ ହସ-ମଜାର ହାଲୁକା ରଙ୍ଗରେ ଖୁବ ସୁଖଦ ଭାବରେ ନିଜକୁ ଯୋଡ଼ି ନେଇଥିଲେ।

ବିରୋଧୀ ପକ୍ଷର ପ୍ରତିନିଧି ବସିଥିବା ଆସନରେ ମଧ୍ୟ ଶାସକ ଶିବିରର କଠୋର ମୁଖମଣ୍ଡଳ ନୁହେଁ, ସହଜ ହସ, ଧୈର୍ଯ୍ୟ ଓ ଶୁଣିବାର ଶ୍ରଦ୍ଧାପୂର୍ଣ୍ଣ ମନୋଭାବ ଦେଖାଗଲା। ବିରୋଧୀ ପକ୍ଷର ପ୍ରତିନିଧି ଯେତେବେଳେ ନିଜ ନିର୍ବାଚନ ମଣ୍ଡଳୀର ଏକ ଔଷଧୀୟ ଉଦ୍ଭିଦ ବିଷୟରେ କଥା ଉଠାଇ 'ଆଲର୍ଜିରୁ ରକ୍ଷା ପାଇଁ ସେ ଏହା ସେବନ କରନ୍ତି' ବୋଲି କହିଥିଲେ, ପ୍ରଧାନମନ୍ତ୍ରୀ ଓ ପ୍ରମୁଖ ଶାସକ ନେତାଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଏହା ଗଣତନ୍ତ୍ରର 'ଭିନ୍ନ ମତ, କିନ୍ତୁ ମାନବିକ ସମ୍ପର୍କ' ଧାରଣାକୁ ସ୍ପଷ୍ଟ କରିଦେଇଥିଲା। ଏହି ଆସରରେ ବିରୋଧୀ ପକ୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ପ୍ରତିକ ବିଦେଶ ଯାତ୍ରା ପ୍ରସଙ୍ଗ ଉଠାଇ ସହଜ ପ୍ରଶ୍ନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ତାହାର ସହଜ ଭାବରେ ଉତ୍ତର ଦେଇଥିଲେ। ଏହି ଛୋଟ ଆଦାନ-ପ୍ରଦାନରେ ଗୋଟିଏ ଗଭୀର ସୂଚନା ଥିଲା- 'ଆମେ ତର୍କ କରିପାରୁ, କିନ୍ତୁ କଥା ହେବା ବନ୍ଦ କରିବା ଉଚିତ୍ ନୁହେଁ, ପରସ୍ପରକୁ ସୌଜନ୍ୟ ଦେଖାଇବାରେ କାର୍ପଣ୍ୟତା ଦେଖାଇବା ଉଚିତ ନୁହେଁ।'

ଅନ୍ୟପଟେ ଉଚ୍ଚସ୍ୱର ଯୁକ୍ତିତର୍କ ନେଇ ଗୃହରେ ଚର୍ଚ୍ଚିତ ଥିବା ଜଣେ ବିରୋଧୀ ସଦସ୍ୟଙ୍କୁ ନେଇ ପ୍ରଧାନମନ୍ତ୍ରୀ ହାଲୁକା ମଜା କରିଥିଲେ- 'ସେଇଥିପାଇଁ ସେସନ୍ ଛୋଟ ରଖାଗଲା, ନହେଲେ ମୋ ଗଳା ଅଧିକ କଷ୍ଟ ପାଇ ଥା'ନ୍ତା।' - ଏପରି ହାସ୍ୟରେ ମନ ହାଲୁକା ହୁଏ, ରାଗ-ରୁଷା କାମ ହୁଏ। ତା' ସହିତ, ପ୍ରଧାନମନ୍ତ୍ରୀ କିଛି ବିରୋଧୀ ସଦସ୍ୟଙ୍କୁ 'ଭଲ ପ୍ରସ୍ତୁତି' ସହ ଗୃହକୁ ଆସିଥିବାରୁ ପ୍ରଶଂସା କରିଥିଲେ। ଭଲ ତର୍କକୁ ସ୍ୱୀକାର କରିବା, ବିରୋଧାଭାଷ ଉପରୁ ଉଠି ଗୁଣକୁ ସମ୍ମାନ ଦେବା ମଧ୍ୟ ଗଣତନ୍ତ୍ରର ଏକ ଭଲ ପରମ୍ପରା।

ବିରୋଧୀ ସଦସ୍ୟମାନେ ନୂଆ ସଂସଦ ଭବନରେ ଏକ 'କେନ୍ଦ୍ରୀୟ ହଲ୍' ଭଳି 'ସାଧାରଣ ମିଳନ ଆଲୋଚନା ସ୍ଥାନ' ରଖିବା ପ୍ରସଙ୍ଗ ଉଠାଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସ୍ମିତହାସ୍ୟ ଭରା ଉତ୍ତର ଥିଲା - 'ସେଟା ତ ପୋଷ୍ଟ-ରିଟାୟରମେଣ୍ଟ ପାଇଁ; ସେ ସମୟ ପାଇଁ ଆପଣଙ୍କର ତ ଆଉ ଅନେକ ଦିନ ବାକି ଅଛି।' ଏହି ମୃଦୁ ଉତ୍ତର ପରିବେଶକୁ ଆହୁରି ମଜାଦାର କରିଥିଲା। ଏହିସବୁ ଆଚରଣମାନ କେଉଁଠି ନିୟମ ଭାବେ ଲିଖିତ ନାହିଁ। ଏହା ହେଉଛି ଗଣତନ୍ତ୍ର ପାଇଁ ଆବଶ୍ୟକ ଥିବା ସଭ୍ୟ ଆଚରଣର ଅଲିଖିତ ସଂବିଧାନ।

ଭାରତୀୟ ସଂସଦର ଇତିହାସରେ ଏପରି ଉଦାହରଣରେ ରହିଛି, ଯେଉଁଠି ତୀବ୍ର ବିରୋଧ ସତ୍ତ୍ୱେ ପରସ୍ପର ସମ୍ମାନ ଅତୁଟ ରହିଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଅଟଳ ବିହାରୀ ବାଜପେୟୀଙ୍କ ମଧ୍ୟରେ ଥିବା ବାଦବିବାଦ ଆଜି ମଧ୍ୟ ସଂସଦୀୟ ଆଦର୍ଶ ଭାବେ ଉଦ୍ଧୃତ ହୁଏ। ବାଜପେୟୀ ଯେତେବେଳେ ନେହେରୁଙ୍କୁ କଠୋର ଭାଷାରେ ସମାଲୋଚନା କରୁଥିଲେ ନେହେରୁ ତାଙ୍କୁ 'ଭବିଷ୍ୟତର ପ୍ରଧାନମନ୍ତ୍ରୀ' ବୋଲି କହି ସଂସଦରେ ସମ୍ମାନ ଦେଇଥିଲେ। ଏହା ହେଉଛି ଗଣତନ୍ତ୍ରର ଶ୍ରେଷ୍ଠ ଶିକ୍ଷା- ବିରୋଧ ମଧ୍ୟରେ ମଧ୍ୟ ସମ୍ମାନ। ସେହିପରି ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ବିରୋଧୀ ନେତା ମନମୋହନ ସିଂହଙ୍କୁ ସଂସଦରେ ସମ୍ମାନ ଦେଉଥିଲେ। ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହେବା ପରେ ବାଜପେୟୀଙ୍କୁ 'ଭାରତୀୟ ରାଜନୀତିର ଶ୍ରେଷ୍ଠ ସଂସଦବିଦ୍' ବୋଲି ସ୍ମରଣ କରିଥିଲେ। ଏହି ପରମ୍ପରା ଦର୍ଶାଏ ଯେ ସତ୍ତା ବଦଳିଥାଏ, କିନ୍ତୁ ସଭ୍ୟତା ଅତୁଟ ରୁହେ।

ଭାରତୀୟ ସଂସଦର ଆଉ ଗୋଟିଏ ଶକ୍ତିଶାଳୀ ପରମ୍ପରା ହେଉଛି 'ପ୍ରଶ୍ନୋତ୍ତର କାଳ'। ଏଠି ବିରୋଧୀ ଦଳ ସରକାରକୁ କଠୋର ପ୍ରଶ୍ନ ପଚାରନ୍ତି ଏବଂ ସରକାର ଉତ୍ତର ଦେବାକୁ ବାଧ୍ୟ ହୁଅନ୍ତି। ଏହି ପ୍ରଣାଳୀ ଗଣତନ୍ତ୍ରକୁ ଜବାବଦେହୀ କରିଥାଏ। ଏହା ମଧ୍ୟ ଦର୍ଶାଏ ଯେ ବିରୋଧମାନେ ଅବରୋଧ ନୁହେଁ, ବରଂ ନିରୀକ୍ଷଣ। ଆଜି ଯେତେବେଳେ ଗାଁ ଓ ସହରରେ ରାଜନୀତି ଦ୍ୱେଷର ରୂପ ନେଉଛି ଏବଂ ଦ୍ୱେଷ ସଂଘର୍ଷ ତଥା ରକ୍ତପାତ ସ୍ତରକୁ ଯାଉଛି ସଂସଦର ଏହି ପରମ୍ପରାମାନ ଆମକୁ ଏକ ଆଇନା ଦେଖାଉଛି। ଗାଁ ହେଉକି ସହର; ଚା' ଦୋକାନରେ ମତଭେଦ ସହ ହସ-ଖୁସିର ଆସର ରହିବା ଦରକାର। ସଂସଦର ଚା' ପାର୍ଟି ଏହି ସତ୍ୟକୁ ସ୍ମରଣ କରାଏ। ଗଣଙ୍କ ସାମୂହିକ ଉନ୍ନତି ପାଇଁ ତର୍କ ହେଉ, ବିରୋଧ ରହୁ; ଶେଷରେ ସାଙ୍ଗ ହୋଇ ସେ ବିକାଶକୁ ଭୋଗ କରିବାକୁ, ସେ ପ୍ରଗତି ପାଇଁ ଖୁସି ହେବାକୁ ସମସ୍ତେ ସାଥିରେ ରହିବାର ଆବଶ୍ୟକତାକୁ ଆମକୁ ବୁଝିବାକୁ ହେବ। ଗୋଟେ କପ୍ ଚା' ଗଣତାନ୍ତ୍ରିକ ସୌନ୍ଦର୍ଯ୍ୟ ଉପରେ ଗୋଟେ ସହଜ କଥା କୁହେ- 'ରାଜନୈତିକ ବିରୋଧ ଭିତରେ ଯଦି ଆମେ ସାଙ୍ଗରେ ବସି କଥା ହେଇ ପାରିବା, ଏକାଠି ଚା' ଆସରରେ ଖୁବ ହସି ପାରିବା ଆଉ ପରସ୍ପରର ପରିପୂରକ ହେବାର ଇଚ୍ଛା ରଖି ପାରିବା ତେବେ ଭାରତର ଗଣତନ୍ତ୍ର ସୁସ୍ଥ ରହିବ।'

ଶେଷରେ ଏହା ଅନୁଭବ ହୁଏ ଯେ ଯଦି ବିରୋଧ ପରେ ଏମିତି ସମ୍ବାଦ ରହିବ ଏବଂ ସଂସଦରୁ ଆରମ୍ଭ ହୋଇ ଏକାଠି ଆସର କରିବାର ଏହି ସଂସ୍କୃତି ଗାଁର ଚା' ଦୋକାନ ପର୍ଯ୍ୟନ୍ତ ଆଦୃତ ହେବ, ତେବେ ଆମେ ସମସ୍ତେ ନିଜକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ପୂଜାରୀ ବୋଲି କହିପାରିବା ଏବଂ ଦେଶର ଗତି ଠିକଣା ଦିଗରେ ଆଗକୁ ବଢ଼ି ପାରିବ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ଶତାବ୍ଦୀ-ସାଧକ: ନିରାସକ୍ତ ନିତ୍ୟାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜନୀତି ଆଉ ସାହିତ୍ୟ ମଧ୍ୟରେ ଅବସ୍ଥାନ କରି ଉଭୟ ଭାବ-ପରିଧିର ଊର୍ଦ୍ଧ୍ୱ ସୋପାନକୁ ଯିଏ ସମୁତ୍ତୀର୍ଣ୍ଣ ହୋଇ ଯାଇପାରନ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା କ'ଣ ସହଜସାଧ! ସେ କ୍ଷମତା ବିସ୍ତାର ସକାଶେ ରାଜନୀତିକୁ ଆସି ନ ଥିଲେ କିମ୍ବା ଯଶସ୍ୱୀ ହେବା ପାଇଁ ସାହିତ୍ୟକୁ ଆୟୁଧ କରି ନଥିଲେ। ପ୍ରାଚୀନ ଯୁଗର ଅସାମାନ୍ୟ ଋଷି-ଚେତନା ଧାରଣ କରି କାନ୍ତକବିଙ୍କ ବୈକୁଣ୍ଠରେ ସେ ଭୂମ୍ରି ହେବାର ରହସ୍ୟ ଭେଦ କରିବାର ଶକ୍ତି ଆମର କାହିଁ? ଯେଉଁ ଅପଶକ୍ତି ଅଶିଷ୍ଟ ଆଚରଣରେ ଲକ୍ଷ୍ମୀକାନ୍ତଙ୍କ ତନୁଶ୍ରୀ କରିଦେଇଥିଲା ବିବର୍ଣ୍ଣ, ସେହି ଅଶାଳୀନତାକୁ ଚୂର୍ଣ୍ଣିଭୂତ କରିଦେବା ନିମିତ୍ତ ଦେବ-ପ୍ରେରିତ ପ୍ରତିଭା ଆଉ ସାଧୁତାର କାନ୍ତିମୟ ନମନୀୟତା ନେଇ ଆବିର୍ଭୁତ ହୋଇଥିଲେ ନିତ୍ୟାନନ୍ଦ ମହାପାତ୍ର। ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ଉତ୍ତରାଧିକାରୀ ଭାବରେ ଲାଭ କରିଥିଲେ ସେ ଏପରି ଏକ ପରିଚ୍ଛନ୍ନ, ସମ୍ବେଦନଶୀଳ ସମ୍ପ୍ରସାରିତ ହୃଦୟ, ଯେଉଁଠୁ ନିରନ୍ତର ନିଃସୃତ ହେଉଥିଲା କେବଳ ସ୍ନେହ, ଶ୍ରଦ୍ଧା, ସଂପ୍ରୀତିର ଅମୃତ ନିର୍ଝର। ଏହି କାରଣରୁ ସେ ନିର୍ମାଣ କରି ପାରିଥିଲେ 'ହିଡ଼ମାଟି'। ଅର୍ଜନ କରିଥିଲେ 'ଘରଡିହ'। 'ହିଡ଼ମାଟି'ରେ ସେ ଲେଖିଛନ୍ତି ତାଙ୍କ ଭାଷାରେ- 'ଏଇ ଗାଁ -ଏଇ ଗାଁ -କେଡ଼େ ସୁନ୍ଦର, କେଡ଼େ ମିଠା। ସତେ ଏଇ ଗାଁର ଧୂଳି ବାଲିରେ କେତେ ପାଠ ଲେଖା ହୋଇଛି।' ନିତ୍ୟାନନ୍ଦଙ୍କ ପ୍ରତିଟି ବାକ୍ୟ ଏହିପରି ଆବେଗସିକ୍ତ। ସାଧାରଣ ମଣିଷ ପ୍ରତି କି ସୁଗଭୀର ମମତ୍ୱବୋଧ!

ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ରମ୍ୟରଚନା- ଯାହା ଲେଖନ୍ତୁ ନା କାହିଁକି ସବୁ ହେଉଛି ଏକ ଏକ ମହୁଫେଣା। କି ସୁଲଳିତ ଭାଷା! କି କୋମଳ ବର୍ଣ୍ଣନା! ଆଉ କି ଗଭୀର ସମ୍ବେଦନା! ତାଙ୍କ ଗଳ୍ପ 'ମାଉସୀ' ବ୍ରିଟିଶ ଶାସକ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା। ସେଥିପାଇଁ ତାଙ୍କ କଲମ ଅଟକିଗଲା ନାହିଁ। 'କ୍ଷଣିକା', 'ରାଜକନ୍ୟା' ପରି ଗଳ୍ପ ପୁସ୍ତକ, 'ଜୀବନର ଲକ୍ଷ୍ୟ', 'ସୁଖର ସନ୍ଧାନେ', 'ଭଙ୍ଗାହାଡ଼' ପରି ଉପନ୍ୟାସ, 'ପତ୍ର ଓ ପ୍ରତିମା' ପରି ରମ୍ୟ ରଚନା କିମ୍ବା 'ଭାରତ ଭାଗ୍ୟ ବିଧାତା' ଭଳି ଜୀବନୀ ଗ୍ରନ୍ଥ- ସବୁ କିଛି ଆନ୍ତରିକ ଅନୁରାଗରେ ଭାବାପ୍ଲୁତ, ରସାପ୍ଲୁତ, ମର୍ମଭେଦୀ ହୋଇ ଉଠିଛି ସେଇଥିଲାଗି।

ଲେଖାରେ ତାଙ୍କର କେଉଁଠି ସାମାନ୍ୟ ଚାତୁର୍ଯ୍ୟ ନଥାଏ, ଥାଏ କେବଳ ମାଧୁର୍ଯ୍ୟ। ପାଣ୍ଡିତ୍ୟ ନଥାଏ, ରହିଥାଏ ସାରଲ୍ୟର ଦ୍ୟୁତି। କବିତ୍ୱ ପ୍ରଦର୍ଶନ ନୁହେଁ, ସବୁଠି ପ୍ରେମର ନିଦର୍ଶନ। ସେ ସାହିତ୍ୟ ଲେଖନ୍ତି ନାହିଁ। ରକ୍ତ ନିଗାଡ଼ି ଦିଅନ୍ତି। ଅଶ୍ରୁ ତର୍ପଣ କରନ୍ତି। ହୋମାଗ୍ନି ପ୍ରଜ୍ୱଳିତ କରି ରଖନ୍ତି ହୃଦୟବେଦୀରେ। ସେଇଥିପାଇଁ ସେ ଏତେ ଆପଣାର। 'ଅଶ୍ରୁ' ଶୀର୍ଷକ ପ୍ରବନ୍ଧରେ ଲେଖକ କହୁଛନ୍ତି- 'ତୀର୍ଥଜଳ କଳୁଷିତ ହୋଇପାରେ। ମାତ୍ର ଆଖିପାଣି କେବେ କଳୁଷିତ ହୋଇପାରେ ନାହିଁ।' ସେ ପୂଜା କରିବା ପାଇଁ ଠାକୁର ଘରକୁ ଯାଆନ୍ତି। ଫଳ, ଫୁଲ, ଧୂପକାଠି କିଛି ନଥାଏ ତାଙ୍କ ପାଖରେ। ଅଶ୍ରୁର ନୈବେଦ୍ୟ ନିବେଦନ କରନ୍ତି ଭଗବାନଙ୍କୁ।

ନିତ୍ୟାନନ୍ଦ ମହାପାତ୍ରଙ୍କ ହୃଦୟପାତ୍ରରେ କେଉଁ ଭାବର ସାଙ୍ଗୀତିକ ସ୍ରୋତ ପ୍ରବାହିତ ହେଉନଥିଲା! ଓଡ଼ିଆରୁ ହିନ୍ଦୀକୁ ସେ ଅନୁବାଦ କରିଛନ୍ତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ'। ରାଜଗୋପାଳଚାରୀଙ୍କ ଇଂରାଜୀରେ ଲିଖିତ 'କମ୍ବନ ରାମାୟଣ'କୁ ଓଡ଼ିଆରେ ଅନୁବାଦ କରି ପ୍ରଦାନ କଲେ ଅନନ୍ୟ ଉପହାର। 'ନ୍ୟାସନାଲ ବୁକ ଟ୍ରଷ୍ଟ' ଦ୍ୱାରା ପ୍ରକାଶିତ ରମଣ ମହର୍ଷିଙ୍କ ଜୀବନୀ ମଧ୍ୟ ଓଡ଼ିଆରେ ଅନୁବାଦ କରିଛନ୍ତି। ଆଉ ସାହିତ୍ୟ ପତ୍ରିକା 'ଡଗର'? ତାହାରି ମାଧ୍ୟମରେ ତ ସେ ଘରେ ଘରେ ହୋଇଯାଇଥିଲେ ପରିଚିତ। ସେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବେଳେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟକରଣ ହୋଇଥିଲା। ସେଥିପାଇଁ ସେ ନିଜେ ଯାଇ ବୁଲି ଆସିଥଲେ କବିଗୃହ। ସାକ୍ଷାତ ଆଲୋଚନା କରିଥିଲେ କବିପୁତ୍ର ଭଗବାନ ମେହେରଙ୍କ ସହ।

ସେ ଶହେଟି ଶରତ ଅତିକ୍ରମ କରିଯାଇପାରିଲେ କେଡ଼େ ଧୀର ଗତିରେ ସତେ! ଶତବର୍ଷରେ ଉପନୀତ ହେବା ପରେ ତାଙ୍କ ଭିତରେ ବିଦ୍ୟମାନ ଥିଲା ବିରଳ ଓ ସଦା ଦେଦୀପ୍ୟମାନ ଚୈତ୍ୟସତ୍ତା, ଯାହା ଦେଖିପାରିବାର ଆଖି ଆମର ନାହିଁ। ସମଗ୍ର ଜୀବନବ୍ୟାପୀ ସେ ଏପରି ଏକ ଉଚ୍ଚତର ଚେତନା ଦ୍ୱାରା ପରିଚାଳିତ ହୋଇଛନ୍ତି, ଯେଉଁ କାରଣରୁ ସଂସାର ମଧ୍ୟରେ ରହି ମଧ୍ୟ ସେ ଥିଲେ ସନ୍ନ୍ୟାସୀ। ନିରାସକ୍ତ ମଣିଷ। ନିରାସକ୍ତ ସାଧକ। ତାଙ୍କ ରଚନାବଳୀ ଯେଉଁମାନେ ଧ୍ୟାନସ୍ଥ ଚିତ୍ତରେ ପାଠ କରିବେ ସେମାନଙ୍କ ଯେ ଅନ୍ତଃ ପରିବର୍ତ୍ତନ ସୁନିଶ୍ଚିତ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଳିଙ୍ଗ ମହିଳା ଶକ୍ତିର ସହାୟତା
# ଅସହାୟ ଭିନ୍ନକ୍ଷମଙ୍କୁ ହୁଇଲଚେୟାର ବଣ୍ଟନ



ପାରାଦୀପ, ୨୪।୧୨ (ସମିସ): ପାରାଦୀପ ଅଞ୍ଚଳର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଜଣେ ଅସହାୟ ଭିନ୍ନକ୍ଷମଙ୍କୁ ଏକ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ପାରାଦୀପ ପୌରାଞ୍ଚଳ ଅଧୀନ ୧୮ ନମ୍ବର ୱାର୍ଡ ଷଣ୍ଢକୁଦ ବସ୍ତିରେ ରହୁଥିବା ଶିବ ସିଂଙ୍କ ପୁଅ ସଞ୍ଜୟ ସିଂ ଗତ ୩ ମାସ ତଳେ କୌଣସି କାରଣରୁ ଇଲେକ୍ଟ୍ରି ସଂସ୍ପର୍ଶରେ ଆସିଯାଇ ପ୍ରାୟ ଶରୀରର ୭୦ ଭାଗ ପୋଡି ଯାଇଥିଲା। ଯାହା ଫଳରେ ସେ ଚାଲି ବୁଲି ପାରୁ ନଥିଲେ। ଚିକିତ୍ସା କରିବା ପାଇଁ ତାଙ୍କ ପରିବାର ପାଖରେ ଟଙ୍କା ନଥିଲା। ଯେହେତୁ ବାପା ତାର ଜଣେ ଦିନ ମଜୁରିଆ। ସେହି ମଜୁରୀ ପଇସାରେ ଖାଇ ପିଇ ବଞ୍ଚିବା ଛଡ଼ା ଆଉ କିଛି ଉପାୟ ନଥିଲା। ପୁଅର ଚିକିତ୍ସା କରିବା ତାଙ୍କ ପାଇଁ ସମ୍ଭବ ନଥିଲା। ଖବର ପାଇ କଳିଙ୍ଗ ମହିଳା ଶକ୍ତିର ସଦସ୍ୟମାନେ ଉକ୍ତ ପରିବାରକୁ ଭେଟିଥିଲେ ଏବଂ ସହାୟତାର ହାତ ବଢ଼ାଇବା ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଆଜି ହୁଇଲ୍ ଚେୟାର ପ୍ରଦାନ କରିବା ପରେ ଭଲ ମେଡିକାଲ ନେଇ ଚିକିତ୍ସିତ କରାଇବେ ବୋଲି ସଙ୍ଗଠନର ସଭାପତି ମନୋରମା ଖଟୁଆ ପ୍ରତିଶ୍ରୁତି ଦେଇଛନ୍ତି।

# ମୋନାଲିସା ସାହିତ୍ୟ ସଂସଦର ଶୀତ ଆସର

ପାରାଦୀପ, ୨୪।୧୨(ସମିସ): ସାହିତ୍ୟ ହେଉଛି ସମାଜର ହୃତପିଣ୍ଡ। ଏହାକୁ ବାଦଦେଇ ସୁନ୍ଦର ସମାଜର ପରିକଳ୍ପନା କରାଯାଇପାରିବନାହିଁ। ଏଥିପ୍ରତି ସାହିତ୍ୟିକ ମାନେ ଦୃଷ୍ଟି ଦେଇ ସାହିତ୍ୟ ସର୍ଜନା କରିବାର ଆବଶ୍ୟକତା ଅଛି ବୋଲି ମୋନାଲିସା ସାହିତ୍ୟ ସଂସଦର ଶୀତ ଆସରରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି।



ପାରାଦୀପର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦର ଶୀତ ଆସର ସ୍ତମ୍ଭକାର ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବନ୍ଦର ଶ୍ରମିକ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ କାବ୍ୟ କବିତାରେ ଶୀତ ଋତୁର ବର୍ଣ୍ଣନା ବହୁ ପ୍ରାଚୀନ ବୋଲି କହିଥିଲେ। ବିଜୟ ନାୟକଙ୍କ ସଂଯୋଜନାରେ ପ୍ରେମଲତା ବାରିକ, ଧରିତ୍ରୀ ସାମଲ, ପୁଷ୍ପା ଦାସ, ଭାଗ୍ୟଶ୍ରୀ ପ୍ରଧାନ, ନଳିନୀପ୍ରଭା ସାହୁ, ଟୁନି ଖୋଜି, ନିମାଁଇ ମହାପାତ୍ର, ବାବାଜୀ ନାୟକ ପ୍ରମୁଖ ଶୀତ ଶୀର୍ଷକ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇଲୋରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




କୁଜଙ୍ଗ, ୨୪।୧୨(ସମିସ): କୁଜଙ୍ଗ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ସାଇଲୋର ୬୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ କୁଜଙ୍ଗ ବ୍ଲକ ଦୁଇ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ସମୀର କୁମାର ଗିରି, ସାଇଲୋର ନାଏବ ସରପଞ୍ଚ ଝରଣା ଦାସ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଓ ନିର୍ଲିପ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅତିଥି ଶିକ୍ଷକ ଜ୍ଞାନରଞ୍ଜନ ଦାସ, ସୁବାସ ସାମନ୍ତରାୟ ପ୍ରମୁଖଙ୍କ ଉପସ୍ଥିତିରେ କ୍ରୀଡା ଶିକ୍ଷକ ସୁଦୀପ୍ତ କୁମାର ମହାନ୍ତି, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ମହାପାତ୍ର, ରାଜେନ୍ଦ୍ର ବାରିକ, ଜୁନେସ ଗମାଙ୍ଗ, ଗାୟତ୍ରୀ ବେହେରା, ଲିପ୍ସା ସାହୁ, ନିରୁପମା ପ୍ରଧାନ ଓ ଅନିରୁଦ୍ଧ ଦାସ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଦୀପିକା ମୁଦୁଲି ଓ ସାରଳା ସେଠୀ ସହଯୋଗରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଦୀପ୍ତ କିଶୋର ବେହେରା, ନିରୁପମା ବାରିକ ସହଯୋଗ କରିଥିଲେ। ଏହି ବାର୍ଷିକ କ୍ରୀଡ଼ାରେ ଉପ କନିଷ୍ଠ ବର୍ଗରେ ଅଜ୍ଜନା ପ୍ରଧାନ, ଶ୍ରୀୟା ଦାସ, କନିଷ୍ଠରେ ସୁଶ୍ରୀ ବେବି ଲେସଲି ଓ ଜ୍ଞାନ ରଞ୍ଜନ ଦାସ, ବରିଷ୍ଠରେ ରୁଦ୍ରନାରାୟଣ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ଚାମ୍ପିଅନ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବାପି ସର୍ଖେଲ
# ପାରାଦୀପକୁ ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନ ମାନ୍ୟତା ଦାବି

ପାରାଦୀପ, ୨୪।୧୨(ସମିସ)

ବନ୍ଦରନଗରୀ ପାରାଦୀପକୁ ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପାରାଦୀପ ଏରସମା ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନର ସଭାପତି ବାପି ସର୍ଖେଲ। ପାରାଦୀପ ବନ୍ଦରକୁ ଭିତ୍ତିକରି ପାରାଦୀପରେ ଗଢିଉଠିଛି ଜାତୀୟ ଅନ୍ତର୍ଜାତୀୟ ସ୍ତରର ଶିଳ୍ପସଂସ୍ଥା। ଯାହାକୁ ନେଇ ଆଜି ପାରାଦୀପ ବନ୍ଦର ପୂର୍ବ ଭାରତ ପ୍ରଗତିର ମୁଖଶାଳା ପାଲଟିଛି। ପ୍ରାକୃତିକ ରୀତିରାଜି, ମହାନଦୀ ବଙ୍ଗୋପସାଗରର ମିଳନସ୍ଥଳୀ ସହିତ ବଙ୍ଗୋପସାଗରର ନୀଳ ଜଳରାଶି ପାଲଟିଛି ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ। ଗୋଆ ଭଳି ପାରାଦୀପରେ ଭରପୁର ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଥିବା ବେଳେ ଯଦି ସରକାରଙ୍କ ତରଫରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବା ସହିତ ରାଜ୍ୟ ସରକାର, ପାରାଦୀପ ବନ୍ଦରର ସହଯୋଗ ମିଳନ୍ତା ତେବେ ପାରାଦୀପର ପର୍ଯ୍ୟଟନସ୍ଥଳୀ ଦେଶ ବିଦେଶରେ ସୁନାମ ଅର୍ଜନ କରିପାରନ୍ତା। ବିଦେଶରୁ ଶ୍ରୀକ୍ଷେତ୍ର ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ପାରାଦୀପର ସୌନ୍ଦର୍ଯ୍ୟକୁ ଭରପୁର ମନୋରଞ୍ଜନ କରିପାରନ୍ତେ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବାପି ସର୍ଖେଲ। ଯେଉଁଭଳି ଭାବରେ ପାରାଦୀପରେ ଶିଳ୍ପସଂସ୍ଥା ବୃଦ୍ଧି ପାଉଛି ପାରାଦୀପ କର୍ପୋରେଟ ସେକ୍ଟରର ପ୍ରମୁଖ ସ୍ଥାନ ପାଲଟିଛି। ପାର୍ଟି ହେଉ କିମ୍ବା ବିବାହ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବାହାର ଦେଶ ହେଉ କିମ୍ବା ଭାରତବର୍ଷର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମାନଙ୍କୁ ଧାଡି ଛୁଟୁଛି। ଯଦି ପାରାଦୀପରେ ଏହିଭଳି ସୁଯୋଗ୍ ସୃଷ୍ଟିହୁଏ, ପାରାଦୀପ ସବୁଠୁ ପସନ୍ଦର ସ୍ଥାନ ପାଲଟିବ ବୋଲି କହିବା ସହିତ ଯଦି ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନର ମାନ୍ୟତା ପାଏ ତେବେ ପାରାଦୀପ ସହିତ ନିକଟରେ ରହିଥିବା କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳ ବାସିନ୍ଦା ପ୍ରତ୍ୟେକ୍ଷ, ପରୋକ୍ଷରେ ଆତ୍ମନିର୍ଭରଶିଳ ହୋଇପାରିବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି କରାଯାଇଥିବା ବେଳେ ସ୍ଥାନୀୟ ପ୍ରଶାସନ, ପାରାଦୀପ ବନ୍ଦର ଓ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି ବାପି ସର୍ଖେଲ।

## ପ୍ରକୃତିର ଗନ୍ତାଘର
# ମନ ମୋହୁଛି ଏରସମାର ହାୱାଖାନା

ଏରସମା, ୨୪।୧୨(ସମିସ): ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ଏହି ପର୍ଯ୍ୟଟନ ଋତୁରେ ନୂଆ ନୂଆ ସ୍ଥାନ ବୁଲିଯିବାକୁ ବେଶି ଭଲ ପାଉଛନ୍ତି ବର୍ତ୍ତମାନର ଯୁବପିଢ଼ି। ତେଣୁ ଏରସମା ବ୍ଲକର ହାୱାଖାନା ଏବେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ଘଞ୍ଚ ଜଙ୍ଗଲପୂର୍ଣ୍ଣ ଅଞ୍ଚଳ ସମୁଦ୍ର ମୁହାଣ ନିକଟରେ ଗଡ଼ହରିଶପୁର ରାଜାଙ୍କ ବିଶ୍ରାମ ନେବାକୁ ଏଠାରେ ବଙ୍ଗଳା ଥିଲା। ଜଙ୍ଗଲର ମନୋରମ ଶୋଭା ସହ ପ୍ରକୃତିର ସୁନ୍ଦର ପବନର ମଜା ନେବାକୁ ରାଜା ଏଠାକୁ ଆସିଥା'ନ୍ତି। ସୈନ୍ୟ ସାମନ୍ତ ଧରି ରାଜା ଏଠାରେ ଶିକାର ମଧ୍ୟ କରୁଥିଲେ। ସେତେବେଳର ସମୟରେ ହରିଣ, ବାର୍‌ହା ଶିକାର କରୁଥିଲେ। ଏବେ ମଧ୍ୟ ଏହି ଜଙ୍ଗଲରେ ହରିଣଠାରୁ ଆରମ୍ଭ କରି ଅନେକ ପଶୁ ରହିଛନ୍ତି। ନଦୀ ଓ ସମୁଦ୍ରର ମିଳନର ସହ ସୂର୍ଯ୍ୟ ଅସ୍ତ ସମୟରେ ପ୍ରକୃତିର ସୁନ୍ଦର ଦୃଶ୍ୟମାନ ହୋଇଥାଏ। ଡଙ୍ଗାରେ ଟାପୁକୁ ଯାଇ ବଣ ଭୋଜି କରିବା ପାଇଁ ଏହି ହାୱାଖାନା ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ପାଲଟିଛି। ପର୍ଯ୍ୟଟକ ବଣ ଭୋଜି କରିବା ସହିତ ବୋଇତ କୁଳିଆ ନଦୀରେ ଡଙ୍ଗା ସାହାଯ୍ୟରେ ବୁଲିବା ବେଶ୍ ଆନନ୍ଦଦାୟକ ହୋଇଥାଏ। ଏଥିସହିତ ପାଖରେ ଥିବା ସରବନ୍ତ ଜଗନ୍ନାଥ ମନ୍ଦିର ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହାର ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଏହି ସ୍ଥାନକୁ ଯିବା ପାଇଁ ମୁଖ୍ୟ ରାସ୍ତା ପିଚୁ ହୋଇପାରୁନାହିଁ। ରାସ୍ତା ସାରା ଖାଲ ସହିତ ମେଣ୍ଟାଲ ଉଠିଯିବାରୁ ଦୁଇବର୍ଷ ଧରି ପଡ଼ି ରହିଛି। ପର୍ଯ୍ୟଟକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀତଦିନେ ଏଠାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଆସି ମୁହାଣ ସେପଟେ ବଣଭୋଜି କରିଥା'ନ୍ତି। ସେମାନଙ୍କ ଗାଡି ଆସିପାରୁନାହିଁ। ଏଥିସହିତ ଏହି ରାସ୍ତା ନିକଟରେ ସୁନାମି କେନ୍ଦ୍ର ମଧ୍ୟ ରହିଛି। ମାତ୍ର ଭଲ ରାସ୍ତା ନ ଥିବାରୁ ପର୍ଯ୍ୟଟକ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି ସହ ପିଇବା ପାଣିର ମଧ୍ୟ ବ୍ୟବସ୍ଥା କରିବା ପାଇଁ ପର୍ଯ୍ୟଟକ ଦାବି କରିଛନ୍ତି।






**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 23/12/2025, I, SAUBHAGYA RANJAN ROUT, resident of At: Sanabarchikayan, Ramachandrapur, Bonth, Bhadrak-756114, Odisha declare that I have changed the name of my daughter from SANGYA SIYALAXMI ROUT to **KHARADHIKA ROUT.** Henceforth, she shall be known as **KHARADHIKA ROUT** for all purposes.

SAUBHAGYA RANJAN ROUT


# ବନ୍ଦର ନିଷିଦ୍ଧାଞ୍ଚଳ ଜେଟିରୁ ହରିଣ ଉଦ୍ଧାର



ପାରାଦୀପ, ୨୪।୧୨(ସମିସ): ପାରାଦୀପ ବନ୍ଦରର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଜେଟି ନିକଟରୁ ଦୁଇଟି ହରିଣ ପହଁରୁଥିବା ବେଳେ ଉଦ୍ଧାର କରାଯାଇଛି। ଉଦ୍ଧାର ଦୁଇ ହରିଣକୁ ଉଦ୍ଧାର କରାଯାଇ କୁଜଙ୍ଗ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ ସକାଳୁ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ମେରାଇନ୍ ଡକ୍‌ରେ ଦୁଇଟି ହରିଣ ପହଁରୁଥିବାର କିଛି ମେରାଇନ ବିଭାଗର କର୍ମଚାରୀ ଦେଖିବାକୁ ପାଇଥିଲେ। ଖବରପାଇ ପାରାଦୀପ ବନ୍ଦର ସିଆଇଏସ୍ଏଫ୍‌ର ଅଗ୍ନିଶମ ବିଭାଗ ଗୋଟିଏ ହରିଣକୁ ଉଦ୍ଧାର କରିଥିବା ବେଳେ ଅନ୍ୟ ହରିଣଟିକୁ ପାରାଦୀପ ମେରାଇନ୍ ବିଭାଗ ତାରିଣୀ ବୋଟ୍ କର୍ମଚାରୀ ମାନଙ୍କ ଦ୍ୱାରା ଉଦ୍ଧାର କରି ସିଆଇଏସଏଫକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଟଗବୋଟ୍‌ର ମାଷ୍ଟର ଓ ସାରଙ୍ଗ ସହାୟତାରେ ପ୍ଲାଷ୍ଟିକ ଦଉଡି ସାହାଯ୍ୟରେ କର୍ମଚାରୀମାନେ ବହୁ ପରିଶ୍ରମ କରି ହରିଣଟିକୁ କୂଳକୁ ଆଣିବା ପରେ କୁଜଙ୍ଗ ବନବିଭାଗକୁ ଦୁଇ ହରିଣ କୁ ହସ୍ତାନ୍ତର କରିଛନ୍ତି। ତେବେ ନିକଟସ୍ଥ କୌଣସି ଜଙ୍ଗଲ ରୁ ହରିଣ ଟି ପଳାଇ ଆସିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଏହିପରି ପୂର୍ବରୁ ମଧ୍ୟ ଦୁଇଦୁଇଥର ସମୁଦ୍ରରୁ ହରିଣ ଉଦ୍ଧାର କରାଯାଇଥିଲା। ତେବେ ଉଦ୍ଧାର ହୋଇଥିବା ଦୁଇ ହରିଣ କୁ କୁଜଙ୍ଗ ବନବିଭାଗ ପ୍ରଥମେ ଚିକିତ୍ସା କରିବା ପରେ ତଣ୍ଡା ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି।


**AFFIDAVIT**

I, Rajendra Kumar Agrawalla, aged about 47 years, S/o- Gopiram Agrawal, resident of Mahalaxmi Nagar, Station Road, Po- Balangir, Ps-Town Bolangir, Dist- Balangir, Odisha, Pin- 767001 declare by this affidavit No. 2585, dtd- 24/12/2025, that now onwards I shall be known as **RAJENDRA KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh dtd. 23/12/2025, I Jayanti Sahu, W/o- Jagamohan Sahu, R/o- Patharla, Po.- Govindpur, Ps.- Bargarh, Dist.- Bargarh state that, I have changed my name from **Damayanti Sahu** to **Jayanti Sahu**. Henceforth I shall be known as **Jayanti Sahu** for all future purposes.

**OFFICE OF THE MEDICAL OFFICER IN-CHARGE,CHC, DAVA**
BLOCK PROGRAMME MANAGEMENT UNIT (NHM)
At- CHC, Dava, Po-Dava, Block- Jharbandh Dist-Bargarh(Odisha)
Email : bpmudava3@gmail.com

Notice No.374 / Date 24.12.2025

**SHORT TENDER CALL NOTICE FOR HIRING OF VEHICLE**

Sealed proposals as per the prescribed RFP document are invited from interested eligible bidders (Private individuals/Tour operators / Travel Agency / Society / Firm) for hiring & empanelment of vehicle for BPMU Office at CHC DAVA on a monthly basis for BPMU Office . The eligibility criteria, the terms of reference and the formats for submission of bid are set forth in the RFP document, which can be received from the BPMU office Jharbandh . Interested bidders fulfilling the eligibility criteria may submit their proposals with EMD & documents as per RFP. The details of the Vehicle are mentioned in the RFP document. The bidders have to submit their proposals with all required documents and should reach to the office of the undersigned on or before Dt. 10/01/2026 up to 4.00 P.M. Technical & financial bid shall be opened in presence of the bidders on dt. 15/01/2026 at 3 PM . at the Meeting Hall PHC Jharbandha , Bargarh. The undersigned reserves the right to reject any or all the proposal without assigning any reason thereof.

Sd/-
Medical Officer I/c CHC Dava , Bargarh

**OFFICE OF THE NOTIFIED AREA COUNCIL, KAMAKHYANAGAR.** C-1874
At/Po-Kamakhyanagar, Ward No-06, District-Dhenkanal, pin-759018
kamakhyanagarnac@gmail.com, kamakhyanagarn.hud@nic.in

"e" Procurement Notice

Notice No. 2906/N.A.C. (K) Dt. 22.12.2025

Tender Reference No.KNR-NAC-04/2025-26

The Notified Area Council, Kamakhyanagar invites online Bid in single cover system through "e" Procurement.

Total Nos. of works;- 23(Twenty three)
Value of works;- 2.11 Lakh to 4.23 lakh
Date of availability of tender for online Bidding;- From dt.24.12.2025 at 11.00 A.M. up to dt.03.01.2026 at 5.00 P.M.
Date of opening of Bid:- dt.05.01.2026 at 11.00 A.M.
Further details can be seen from the website;- www. tendersodisha.gov.in

Executive Officer
N.A.C. Kamakhyanagar

OIPR-13128/11/0016/2526

A-1177 E-mail :- eemidivision_deogarh@yahoo.in

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH.
No. 1588, Date. 20.12.2025
e-PROCUREMENT NOTICE
BID REF No: SE,MID,DGR /05/ 2025-26

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 03(Three) No. |
| 3 | Estimated Cost :- | Approximately From **10.20 lakh and Rs. 22.33 lakh.** |
| 4 | Period of completion :- | 4 (Four) Calendar months & 2 (Two) Calendar months |
| 5 | Date and Time of availability of bid documents in the portal:- | From **Dt.26.12.2025** at 10.00 AM to **Dt. 05.01.2026** up to 5.00 PM. |
| 6 | Last Date / Time of receipt of bids in the portal :- | **Dt.05.01.2026** up to 5.00 PM |
| 7 | Date of opening of Bid :- | **Dt.06.01.2026** at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Deogarh

OIPR-32289/11/0017/2526

**AFFIDAVIT**

I, Kadam Shaik, resident of Maltira, Po-Padhanpara, Ps-Bonth, Dist-Bhadrak, Odisha-756114, declare by this affidavit No.2893, dated: 23/12/2025, that now onwards I shall be known as **Sk Kadam** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/12/2025. I, **Trushnarani Dandsena** (new name), formerly called as **Trusnarani Mohapatra** (old name), aged about 35 years, W/o- Girish Chandra Mohapatra, permanent & current resident of AT- Badapari, PO/PS- Tangi, Dist- Khordha, (Odisha), PIN- 752023 declare that I have changed my name from **Trusnarani Mohapatra to Trushnarani Dandsena.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name) for all future purposes.

**Trushnarani Dandsena**

**AFFIDAVIT**

By virtue of an affidavit before the Notary Public, Titilagarh, on dated: 23/12/2025. I, **Jagannath Bhue,** aged about 65 years, S/o- Buda Bhue, permanent & current resident of AT- Piprut, P.O- Belgaon, PS- Saintala, Dist- Bolangir, (Odisha), PIN- 767032 declare that I have changed my minor daughter's name from **Rajyabanti Bhue** (old name) to **Rajbanti Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Rajbanti Bhoi** (new name) for all future purposes.

**Jagannath Bhue**

**Affidavit (For Minor)**

By virtue of an affidavit sworn before Executive Magistrate, Banpur, vide No- 4574, dated- 20/12/2025, I, **Manas Bariki,** aged about 44 years, Address: S/o- Golakh Bariki, At- Bhimpur Nua Patana Sahi, Po- Bhimpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rajesh Kumar Barik** to **Rakesh Kumar Bariki.** Henceforth, he shall be known as **Rakesh Kumar Bariki** for all purposes.

**Rakesh Kumar Bariki**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from **'SANJAY KUMAR MOHAPATRA'**, Son of Late Nabaghana Mohapatra to **'SWAMI DEVETANANDA'** as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as 'Swami Devetananda' , son of Swami Gahanananda and henceforth known as **"SWAMI DEVETANANDA"** Furthermore, it declared that Sri Sanajy Kumar Mohapatra and Swami Devetananda is one and same person.

**AFFIDAVIT**

By virtue of an affidavit (CF No. 01, dtd- 24/12/2025) sworn before the Executive Magistrate, Padampur. I, **Nisha Bhoi,** D/o- Prashanna Bhoi, permanent & current resident of AT- Palsada, PO- Palsada, PS- Paikmal, Dist- Bargarh, PIN- 768039, Odisha declare that I have changed my name from **Lisa Bhoi to Nisha Bhoi.** Henceforth, I shall be known as **Nisha Bhoi** (new name) for all purposes.

**Nisha Bhoi**

**AFFIDAVIT**

I, Namita Kumari Mahapatra, aged about 56 years, W/o- Rabindra Kumar Das, resident of At- Flat No. 405, Rosan Elegant, Haridaspur, Naharakanta, PS- Pahal, Bhubaneswar, Dist- Khordha, PIN- 752101, Odisha declared by this affidavit No. 2582, dtd- 23/12/2025 that now onwards I shall be known as **NAMITA DASH** for all future purposes.

**LOST**

I, **Kuni Behera,** W/o- Trilochan Behera, resident of At: Pandara, Po: GGP Colony, Ps: Mancheswar, Bhubaneswar-25, Dist- Khordha, Odisha declare that I have lost my Original Sale Deed bearing No-11831700062 at Mancheswar Market area at 11 am on dated- 22/12/2025. If anybody found it please contact: Debabrata Padhy (Advocate): 9861454766.

**AFFIDAVIT**

I, Domti Abinash Dora, S/o - Alekh Chandra Dora, Resident of Police Camp, Sunabeda, Ps- Sunabeda, Dist- Koraput, Pin-763003, Odisha declare by this affidavit No.2275, dated- 27/11/2025 that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.12.2025, I Bulu Nahak S/o- Kasinath Nahak, resident At-Kaudia,Po-Lenkakhali, Ganjam, Dist- Ganjam, Odisha, PIN- 761144, declare that I have changed my Daughter name from Ankita Nahak to Sriya Nahak. Henceforth, She shall be known as **SRIYA NAHAK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Sambalpur, CF No- 3712 dated 18/12/2025, I Satyanarayana sahoo, S/o- Abaduta sahoo, resident of Ganesh Nagar Rairakhol, Po- Rairakhol, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from Jagasmita sahoo to Yogasmita sahoo. Henceforth, she shall be known as **Yogasmita Sahoo** for all purposes.

**Sd/- Satyanarayana sahoo**

**AFFIDAVIT**

By virtue of an affidavit (CF No. 447) sworn before The Executive Magistrate, Begunia dated- 03/04/2025. I, **Alok Kumar Sahoo,** S/o- Raja Kishore Sahoo, Address: Village- Balarampur, PO/PS- Begunia, Dist- Khordha, PIN- 752062, Odisha declare that I have changed my minor son's name from **Ayush Kumar Sahoo** to **Aditya Sahoo.** Henceforth, he shall be known **Aditya Sahoo** (new name) for all purposes.

**Alok Kumar Sahoo**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/11/2025. I, **Susila Putel** (new name), formerly called as **Jemamani Putel** (old name), W/o- Sadhuram Putel, permanent & current resident of AT- Sirol, PO- Sirol, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jemamani Putel to Susila Putel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susila Putel** (new name) for all future purposes.

**Susila Putel**

**AFFIDAVIT**

By virtue of an affidavit sworn before the Executive Magistrate, Rairakhol ,vide CF No.973 dtd. 20.12.2025 , I Priyabrata Bhurubhuri, S/o- Prasanta Bhurubhuri, resident of village- Kuteswar, Po.- Nagaon, Ps.- Athamallik ,Dist.-Angul ,Odisha, Pin- 759125 state that, I have changed the my name from Priyabrat Bhurubhuri (old name) and have assumed the name Priyabrata Bhurubhuri (new name) from the date hereof. Henceforth, I shall be known, called and identified by the name Priyabrata Bhurubhuri for all purposes. This change is made for Gazette Notification & Aadhaar Card correction only.

**Sd/- Priyabrata Bhurubhuri**

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, Dated 23.12.2025, I, NRUSINGHA PRASAD DASH, At–Lingipur, P.O. Sisupalgarh, P.S. Dhauli, Bhubaneswar–751002, Dist. Khordha, State – Odisha declare that I have changed my name fromNRUSINGHA PRASAD NAYAK to NRUSINGHA PRASAD DASH. Henceforth, I shall be known as **NRUSINGHA PRASAD DASH.**

# ମାଲକାନଗିରି ଜିଲ୍ଲାରେ ଧାନ କିଣା ଆରମ୍ଭ



ମାଲକାନଗିରି, ୨୪।୧୨(ସମିସ): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ମାଲକାନଗିରି ଜିଲ୍ଲାରେ ଆଜି ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଚାଷୀ ମାନେ ସେମାନଙ୍କର ପରିଶ୍ରମର ଫଳ ପାଇବେ। ଚାଷୀ ମାନେ ଧାନର ବର୍ଦ୍ଧିତ ମୂଲ୍ୟର ଲାଭ ପାଇବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ଚଳିତ ୨୦୨୫-୨୬ ଖରିଫ୍ ବର୍ଷ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ପାଇଁ ଏଫଏକ୍ୟୁ ମାନର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କା ଉପରେ ଇନପୁଟ ସହାୟତା ଟଙ୍କା ସହ ସର୍ବ ମୋଟ ୩୧୦୦ ଟଙ୍କା ରାଜ୍ୟ ସରକାର ଧାନର ଦର ସ୍ଥିର କରିଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସୁରୁଖୁରୁରେ ଧାନ କ୍ରୟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଚାଷୀ ମାନେ କିଭଳି ଉଚିତ୍ ମୂଲ୍ୟ ପାଇବେ ସେଥି ନିମନ୍ତେ ପ୍ରଶାସନ ଯତ୍ନବାନ ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି। ପଞ୍ଜିକୃତ ଚାଷୀ ମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ପ୍ରଦାନ କରାଯାଉଛି। ଚାଷୀ ମାନଙ୍କ ସୁବିଧା ନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାରେ ୬୮ଟି ମଣ୍ଡି ରହିଥିବା ବେଳେ ୪୭୭୭୦ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଜିଲ୍ଲାରେ ମଣ୍ଡି ନୋଡାଲ ଅଧିକାରୀ ଏବଂ ମଣ୍ଡି ସୁପରଭାଇଜିଂ ଅଧିକାରୀ ନିୟୋଜିତ ରହି ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଥିସହ ସମସ୍ତ ମଣ୍ଡି ଗୁଡିକରେ ଚାଷୀ ମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ସିସିଟିଭି ଲଗାଯାଇଛି। ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧା ପ୍ରଦାନ କରାଯିବା ସହ ଚାଷୀ ମାନଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟତା ରାଶି ପ୍ରଦାନ କରାଯାଉଛି। ଚାଷୀ ମାନଙ୍କୁ ଆଧାର ସଂଯୁକ୍ତ ଇ-କେୱାଇସି ଦେୟ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଉପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଆରସିଏସ୍ ଥିଓଫିଲ ଶବର, ଆରଏମସି ସଂପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ଉପସ୍ଥିତ ଥିଲେ।

## ନିମ୍ନମାନର ସାମଗ୍ରୀରେ ରାସ୍ତା ନିର୍ମାଣ !



ଚନ୍ଦ୍ରପୁର, ୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତର ରାଇବିଜୀ ଛକ ଠାରୁ ଗୁଡ଼ାରୀ ବ୍ଲକ ସିରିଗୁଡ଼ା ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଡ୍ରେନ୍, ରାସ୍ତା ତିଆରି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଠିକାଦାର ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ଏହି କାମ ପାଣିରେ ପଡ଼ିଲା ଭଳି ମନେହେଉଛି । ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କାମରେ ନିମ୍ନମାନର ମେଟାଲ, ଚିପ୍ସ ବାଲି, ଗୋଡ଼ି, ପିଚୁ ଥିକ୍‌ନେସ ଅନୁଯାୟୀ କାମ ହେଉ ନଥିବାରୁ ବନ୍ଧୁଗାଁ, ବେଲାମଗୁଡା ଗ୍ରାମବାସୀ ଓ ହନୁମନ୍ତପୁର ସରପଞ୍ଚ ଅଭିଯୋଗ କରିଛନ୍ତି । ଦୁର୍ଗମ ତଥା ଅପହଞ୍ଚ ଇଲାକାର ସୁଯୋଗ ନେଇ ଠିକାଦାର ଏଭଳି ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବାରୁ ପିଚୁ ପକାଇବା ଦୁଇ ଦିନରେ ପିଚୁ ଉଠି ଯାଉଛି । ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି । ଏପରି ସ୍ଥିତିରେ ଦୁର୍ଗମ ଅଞ୍ଚଳରେ ବିକାଶ ନାମରେ ହେଉଥିବା ମହା ଦୁର୍ନୀତିକୁ ରୋକାଯିବା ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେବା ସହ ଏହି ରାସ୍ତା କାମରେ ତଦାରଖ ପାଇଁ ଜିଲ୍ଲାସ୍ତରୀୟ କମିଟି କରି ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଠିକାଦାରଙ୍କ ଅସଲ ମୁଖା ଖୋଲିବା ସହ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରିବ ବୋଲି ବନ୍ଧୁଗାଁ, ବେଲାମଗୁଡା ଗ୍ରାମ ପଞ୍ଚାୟତବାସୀ ଓ ୱାର୍ଡ ମେମ୍ବର ସରପଞ୍ଚ ଦାବି କରିଛନ୍ତି ।

## ଅନ୍ତର୍ଜାତୀୟ ସମବାୟ ସପ୍ତାହ ଉଦ୍‌ଯାପିତ

ଜୟପୁର,୨୪।୧୨(ସମିସ): ଜୟପୁର ସ୍ଥିତ ଡିଆରସିଏସ୍ କାର୍ଯ୍ୟାଳୟ ସଭାଗୃହ ପରିସରରେ ଅନ୍ତର୍ଜାତୀୟ ସମବାୟ ଦିବସ ଉଦ୍‌ଯାପିତ ହୋଇଯାଇଛି। ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ସମବାୟ ବିଭାଗ ନିବନ୍ଧକ ମୋନିକା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆତ୍ମ ନିର୍ଭର ଭାରତ ପାଇଁ ସମବାୟ ସଂସ୍ଥା ଗୁଡିକ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଆଇଆରଏମ ଗୁଜୁରାଟ ହରେକୃଷ୍ଣ ମିଶ୍ର, ସମ୍ମାନିତ ଅତିଥି ଭାବେ କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଏଆରସିଏସ ଚନ୍ଦ୍ର ସେଠୀଆ, ଏଏଜିଏସିଏସ କୈଳାସ ଚନ୍ଦ୍ର ଜାନି, ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ ଶିଶିର ନାଗ ଉପସ୍ଥିତ ଥିଲେ। ସମବାୟ ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଉତ୍କୃଷ୍ଟ ସମବାୟ ସଂସ୍ଥା ଏବଂ ସମବାୟ ବିଭାଗର କର୍ମଚାରୀ ମାନଙ୍କୁ ଅର୍ଥରାଶି ସହ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆରସିଏସ ଶିଶିର କୁମାର ଦାଶ ପରିଚାଳନା କରିଥିଲେ।

# ୨୬ରେ ଡାକ୍ତରଖାନାରେ ରୋଗୀସେବା ବନ୍ଦ



କୋରୁକୋଣ୍ଡା,୨୪।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି ବନ୍ଦ ରହିବ। ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ଛୋଟ ବଡ଼ ସରକାରୀ ଡାକ୍ତରଖାନାରେ ଆସନ୍ତା ୨୬ ତାରିଖରେ ଡାକ୍ତରୀ ସେବା ସମ୍ପୂର୍ଣ୍ଣ ବନ୍ଦ ରହିବା ସୂଚନା ମିଳିଛି। ଏନେଇ ଓଡ଼ିଶା ସେବାରତ ଡାକ୍ତର ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତରଙ୍କ ପକ୍ଷରୁ ଆସନ୍ତା ୨୬ ତାରିଖ ଦିନ ସମସ୍ତେ କଳା ପୋଷାକ ପିନ୍ଧି ଆନ୍ଦୋଳନ କରିବେ ବୋଲି ସୂଚନା ମିଳିଛି। ଏହି କ୍ରମରେ କୋରୁକୋଣ୍ଡା ସଦର ସ୍ଥିତ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଏବଂ ବାଲିମେଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏସି) ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଡାକ୍ତରଖାନା ଯେମିତି ମାଟାପାକା ,ତୁମସାପାଲି , ଏମଭି-୧୯ ଏବଂ ଏମଭି -୪୭ ଡାକ୍ତରଖାନା ବନ୍ଦ ରହିବ। ଯାହା ଦ୍ୱାରା ଉକ୍ତ ଅଞ୍ଚଳ ଗୁଡିକର ଶତାଧିକ ସାଧାରଣ ଲୋକ ରୋଗୀ ସେବାରୁ ବଞ୍ଚିତ ରହିବେ। ଏହା ଦ୍ୱାରା ଗ୍ରାମାଞ୍ଚଳର ଶତାଧିକ ଗରିବ ଶ୍ରେଣୀୟ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ହରେଇବେ। ମାଲକାନଗିରି ଜିଲ୍ଲା ସର୍ବଦା ସ୍ୱାସ୍ଥ୍ୟ ସେବାରେ ପଛୁଆ ରହି ଆସିଛି। ଯଦି ରାଜ୍ୟ ସରକାର ଡାକ୍ତର ମହାସଂଘର ଦାବି ପୁରଣ ନ କରନ୍ତି, ତେବେ ସେବାରତ ଡାକ୍ତର ମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ସୂଚନା ମିଳିଛି। ଡାକ୍ତର ମହାସଂଘର ଆନ୍ଦୋଳନ ଯଦି ଦୀର୍ଘ ଦିନ ଲାଗି ରହେ ତେବେ ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିବା ନେଇ ଜିଲ୍ଲାବାସୀ ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ବାଲିମେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ସୌଭାଗ୍ୟ କୁମାର ହୁଇଙ୍କୁ ପଚାରିବାରୁ ଯେହେତୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଆମର ନ୍ୟାଯ୍ୟ ଦାବି ଗୁଡ଼ିକ ପୁରଣ କରି ନାହାନ୍ତି। ସେଥିପାଇଁ ଆସନ୍ତା ୨୬ ତାରିଖରେ ଆମେ ଆନ୍ଦୋଳନରେ ବସିବୁ ବୋଲି କହିଥିଲେ।

## ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦାୟିତ୍ୱ ହସ୍ତାନ୍ତର



ଗୁଡାରୀ,୨୪।୧୨: ଗୁଡାରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପାଶ୍ୱର୍ ମନ୍ଦିର ନିର୍ମାଣକୁ ନେଇ ନୂତନ ପରିଚାଳନା କମିଟି ଏବଂ ଜଗନ୍ନାଥ ସଂସଦ (ପୁରୁଣା ପରିଚାଳନା କମିଟି) ବିବାଦ ସମାଧାନ ପରେ ପୁରୁଣା କମିଟି ସମସ୍ତ ଦାୟିତ୍ୱ ନୂତନ କମିଟିକୁ ହସ୍ତାନ୍ତର କରିବା ପାଇଁ ସ୍ଥିର କରିଥିଲେ। ବୁଧବାର ଦିନ ପୁରୁଣା କମିଟିର ସୁଜୟ ପଟ୍ଟନାୟକ, ପାଣ୍ଡବସାହୁ, ଟିମ୍ପା ରଥ, କାଳିଆ, ବୁଡୁପଣ୍ଡାଙ୍କ ଉପସ୍ଥିତିରେ ତିନିଠାକୁରଙ୍କ ରୁପା ସୁନାର ଅଳଙ୍କାର କାରିଗରି ଆଗରେ ଗଣତି ମଣିତି କରି ନୂତନ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଏଥି ସହିତ ଦୁଇଟି ଏସ୍‌ବିଆଇ ପାସ ବୁକ୍, ୬ଟି ପୋଷ୍ଟ ଅଫିସ ପାସ୍ ବୁକ୍ ମଧ୍ୟ ଉପସ୍ଥିତ ସମସ୍ତ ନୂତନ କମିଟିର ସଦସ୍ୟ ତଥା ସଭାପତି, ସମ୍ପାଦକ କୋଷାଧ୍ୟକ୍ଷ, ନିର୍ମାଣ କମିଟିର ଗୋପିନାଥ ଗୌଡ, ନକୁଳ ଗୌଡ, ସୁକୁଟି ରଥଙ୍କ ଉପସ୍ଥିତରେ ହସ୍ତାନ୍ତର କରିଥିଲେ। ପୁରୁଣା କମିଟି ୪୦ ବର୍ଷ ମନ୍ଦିର ପରିଚାଳନା କରିଥିଲେ। ଏହାକୁ ନେଇ ସମ୍ପାଦକ ସୁଜୟ ପଟ୍ଟନାୟକ କହିଛନ୍ତି, ଡାକଘରେ ୬ଟି ଖାତା ମାଧ୍ୟମରେ ସ୍ଥାୟୀ ଜମା ୨ ଲକ୍ଷ ୪୦ ହଜାର ରଖାଯାଇଛି । ଯାହାର ସୁଧ ଏବଂ ମିନି ବ୍ୟାଙ୍କରେ ଥିବା ୮୦ ହଜାର ଟଙ୍କାରେ ରଥଯାତ୍ରା ଠାରୁ ଆରମ୍ଭ କରି ମନ୍ଦିର ପରିଚାଳନା ଏବଂ ମରାମତି କରାଯାଉ ଥିଲା । ସମସ୍ତଙ୍କ ଉପସ୍ଥିତିରେ ଆମେ ମନ୍ଦିରର ଯାହା ବ୍ୟବାହାରିକ ଜିନିଷ ନୂଆ କମିଟିକୁ ହସ୍ତାନ୍ତର କରାଯାଇଛି। ଆଗକୁ ଶ୍ରୀମନ୍ଦିର ସମସ୍ତ ଦାୟିତ୍ୱ ନୂତନ ପରିଚାଳନା କମିଟି ତୁଲାଇବେ। ନୂତନ କମିଟିର ଗୌରାଙ୍ଗ ପାଡି, ଜଗଦୀଶ ନାୟକ, କୁନା ବେହେରା ପୁଣ୍ର୍ ମହାନ୍ତି, ଗୌରୀ ରଥ, ପ୍ରଶନ୍ନ ରଥ, ସମୀର ଓ କମିଟିର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା



ଗୁଡାରୀ,୨୪।୧୨(ସମିସ): ଗୁଡ଼ାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଶିଶୁଙ୍କ ମା'ମାନଙ୍କୁ ନେଇ ମାତୃ କର୍ମଶାଳା ବୁଧବାର ଦିନ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସମ୍ପାଦକ ପ୍ରଫୁଲ୍ଲ ଦେଓ ଓ ସଭାପତି କୃଷ୍ଣ ପ୍ରସାଦ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ ସାହୁ କହିଥିଲେ ଯେ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ଅର୍ଥାତ୍ ଶାରୀରିକ, ମାନସିକ, ଆଧ୍ୟାମିକ, ପ୍ରାଣିକ ଆଦି କ୍ଷେତ୍ରରେ ଶିଶୁଙ୍କ ବିକାଶ ହୋଇପାରିବ। ସେଥିପ୍ରତି ଧ୍ୟାନ ଦେଇ ଏଇ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। କାର୍ଯ୍ୟକ୍ରମରେ ମୋଟ ୫୨ ଜଣ ମାଆ ଉପସ୍ଥିତ ରହିଥିଲେ। ଗୁରୁଜୀ ଗୁରୁମା ମାନେ ବିଭିନ୍ନ ବିଷୟ କିପରି ଅନୌପଚାରିକ ଶିକ୍ଷା ଶିଶୁଙ୍କୁ ପ୍ରଦାନ କରାଯାଏ ସେ ନେଇ କ୍ଲାସ ଗୁଡ଼ିକ ସମ୍ପାଦନ କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ମାଲକାନଗିରି, ୨୩।୧୨(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତାଙ୍କ ଅଭିଭାଷଣରେ ବିଭିନ୍ନ ବିଭାଗୀୟ ପ୍ରକଳ୍ପ ଗୁଡ଼ିକ ଦୀର୍ଘସ୍ଥାୟୀ ହୋଇପାରିଲେ ଆମେ ନିରନ୍ତର ବିକାଶର ଲକ୍ଷ୍ୟ-୨୦୩୦ ହାସଲ କରିପାରିବା ବୋଲି କହିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ତାଙ୍କ ଅଭିଭାଷଣରେ ଏହି ପ୍ରଶିକ୍ଷଣରୁ ଶିକ୍ଷାଲାଭ କରିଥିବା ବିଭିନ୍ନ ବିଷୟର ପ୍ରକଳ୍ପ ଗୁଡ଼ିକୁ ତାଙ୍କ ଅଞ୍ଚଳରେ କାର୍ଯ୍ୟକ୍ଷମ କରିବା ପାଇଁ ସେ ଚେଷ୍ଟିତ ହେବେ ବୋଲି କହିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୋଲକ ଚନ୍ଦ୍ର ଦଳାଇ, ଉପ-ନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ), ସରୋଜ କୁମାର ଦାଶ, ରାଜାରାମ ମଲ୍ଲିକ, ହିମାଂଶୁ ଭୂଷଣ ମହାରଣା, ଧନପତି ଇନ୍ଦ୍ରଜିତ, ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଏବଂ ସୁବ୍ରତ ମହାରଣା, ସୂର୍ଯ୍ୟକାନ୍ତ ମଲ୍ଲିକ୍, ସୁଚିତ୍ରା ମାଝି, ସସ୍ମିତା ସିଂ, ଲକ୍ଷ୍ମୀଧର ବାଗ ଓ ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉଦ୍‌ଯାପିତ ହେଲା ସାଂସଦ ଖେଳ ମହୋତ୍ସବ



କୁନ୍ଦୁରା, ୨୪।୧୨(ସମିସ): କୁନ୍ଦୁରା ବ୍ଲକ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡିଆ ଠାରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ସାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ମଶାଲ ଶୋଭାଯାତ୍ରା ବାହାରି ପଡିଆ ଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଅମ୍ମୁ ପାତ୍ର, ବେଣୁଧର ପାତ୍ର, ପ୍ରକାଶ ପଟ୍ଟନାୟକ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ନାୟକ, ଅଭିଳାଷ ବେହେରା, ମିଳନ ପ୍ରଧାନ, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ସୁନ୍ଦର ମାଳି ପ୍ରମୁଖ ରହି ଜଗନ୍ନାଥ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଖେଳ ମହୋତ୍ସବରେ କୁନ୍ଦୁରା ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, କାଉଡିଆ ଗୁଡା ଆବାସିକ ବିଦ୍ୟାଳୟ, ଲିମା ଆବାସିକ ବିଦ୍ୟାଳୟ ସମେତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଠାରେ ଖେଳ ଶିକ୍ଷକ ମାନଙ୍କ ଦ୍ୱାରା ୧୦୦, ୨୦୦, ୪୦୦ ମିଟର ଉଭୟ ଛାତ୍ରୀ ଏବଂ ଛାତ୍ର ମାନଙ୍କର ହୋଇଥିବା ବେଳେ ଉଚ୍ଚ ଡିଆଁ, ଲମ୍ବା ଡିଆଁ ଏବଂ ମହିଳା ମାନଙ୍କ ନିମନ୍ତେ ମ୍ୟୁଜିକ୍ ଚେୟାର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତୁଷାର ଭଟ୍ଟ, ଲଛମନ ଭତ୍ରା, ବିଏସଏସଓ ବଳିରାମ ଭତ୍ରା, ବସନ୍ତ ଭୋଳ, ମାଣିକ ପଟ୍ଟନାୟକ, ଦେବେନ୍ଦ୍ର ସେନାପତି, ଶ୍ରୀନିବାସ ପଣ୍ଡା, ନାରାୟଣ ଭଟ୍ଟ, ସରପଞ୍ଚ ଶିବ ପ୍ରଧାନୀ, ଦୁତିକା ଭୂମିଆ ଓ ଗୁପ୍ତ ଅଡାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ପୁଲିସ କର୍ମଚାରୀ ମୃତ

ଚନ୍ଦ୍ରପୁର,୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ମଙ୍ଗଳବାର ରାତିରେ ଜାର୍ପାରୁ ମୁନିଗୁଡା ଯାଇ ଫେରୁଥିବା ସମୟରେ ଡଡଗଣ୍ଡା କୁଟୁଡୁକୁପା ଗ୍ରାମଠାରେ ଏକ ବାଇକ୍ (ଓଡି ୧୨ଏ ୦୭୫୦) ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବାରୁ ବାଇକ୍ ଚାଳକ କଳିଙ୍ଗ ବିଡ଼ିକା ଛିଟିକି ହୋଇ ରାସ୍ତା କଡ଼ରେ ପଡ଼ିଯାଇଥିଲେ । ପାଖରେ କେହି ନଥିବାରୁ ଚେତାଶୂନ୍ୟ ହୋଇ ଶୀତରେ ପଡ଼ିରହିଥିଲେ। ରାତି ଘରକୁ ନ ଆସିବାରୁ ଅସ୍ତବ୍ୟସ୍ତ ହୋଇ ତାଙ୍କ ସ୍ତ୍ରୀ ଫୋନ କରିଥିଲେ । ତେବେ କୌଣସି ଉତ୍ତର ନ ମିଳିବାରୁ ସ୍ଥାନୀୟ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଫୋନ କରିଥିଲେ। ପରେ ଫୋନ ଟ୍ରାକିଙ୍ଗ କରି ଘଟଣା ସ୍ଥଳକୁ ପହଞ୍ଚିଥିଲେ ଏବଂ ପୁଲିସକୁ ସୂଚନା ଦେଇଥିଲେ। ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖବର ପାଇ ଡାଙ୍ଗସରଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ବିଶ୍ୱାଳ ଘଟଣା ସ୍ଥଳକୁ ଯାଇ ସବୁଦିଗକୁ ଅନୁସନ୍ଧାନ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ମୁନିଗୁଡା ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ପୋଲିସ ସୂତ୍ରରୁ ଜଣା ପଡ଼ିଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ମାଥିଲି,୨୪।୧୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତ ଅନ୍ତର୍ଗତ ବାରୁବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ପ୍ରସାଦ ମିଶ୍ରଙ୍କର ପରଲୋକ ଘଟିଛି। ଆଜି ସକାଳେ ଘରେ ଥିବା ସମୟରେ ହଠାତ ଛାତିର ଯନ୍ତ୍ରଣା ହୋଇଥିଲା। ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଦୁଃଖ ଖବର ଶୁଣିବା ପରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ଅତିରିକ୍ତ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କ ସମେତ ବ୍ଲକ ତଥା ଜିଲ୍ଲାର ସମସ୍ତ ଶିକ୍ଷକ ସ୍ୱର୍ଗୀୟ ମିଶ୍ରଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ସ୍ୱର୍ଗୀୟ ମିଶ୍ରଙ୍କ ମର ଶରୀରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

● ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

# ସଂସ୍କାର ଜୀବନର ଅମୂଲ୍ୟ ସମ୍ପଦ: ମନ୍ତ୍ରୀ

କୋରାପୁଟ,୨୪।୧୨(ସମିସ): କୋରାପୁଟ ଶିଶୁ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ। ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ପିତା ଓ ମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କାର ଜୀବନର ଅମୂଲ୍ୟ ସମ୍ପଦ, ଶିଶୁ ମନ୍ଦିରରେ ସଂସ୍କାରର ମୂଳମନ୍ତ୍ର ଅଟେ ଏଥିପାଇଁ ଶିଶୁ ମନ୍ଦିର ଏକ ବ୍ରାଣ୍ଡ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି ଗୁରୁଙ୍କର ଆଜ୍ଞାଧୀନ ହୋଇ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗ ଦେଇ ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି କହି ଥିଲେ। ମୁଖ୍ୟବକ୍ତା ଭାବେ କବି, ଗାଳ୍ପିକ ଓ ସ୍ତମ୍ଭକାର ଚନ୍ଦ୍ର ବିଜୟୀ ମିଶ୍ର ଉପସ୍ଥିତ ରହି ବିଦ୍ୟାଭାରତୀ ଯୋଜନାରେ ଗଢ଼ି ଉଠିଥିବା ଶିଶୁ ମନ୍ଦିର ଏକ ମଣିଷ ତିଆରି କାରଖାନା ଅଟେ ବୋଲି ମତବ୍ୟକ୍ତ କରିଥିଲେ। ମ୍ୟାଟ୍ରିକ ଟପ୍ପରଙ୍କୁ ମାନପତ୍ର ଏବଂ କ୍ରୀଡ଼ାରେ ଚାମ୍ପିଅନ ହୋଇଥିବା କ୍ରୀଡାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର, ଉପସଭାପତି ପ୍ରଭାକର ଦାସ, କୋଷାଧ୍ୟକ୍ଷ ଏନ. ରମେଶ, ଯୁଗ୍ମ ସମ୍ପାଦିକା ସସ୍ମିତାରାଣୀ ବେହେରା, ସଦସ୍ୟ ପ୍ରହଲ୍ଲାଦ ସାହୁ ଓ ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଭତ୍ତା ପାଇଁ ହିନସ୍ତା**

# ବ୍ୟାଙ୍କ ଖାତାକୁ ଆସିପାରୁନି ଟଙ୍କା



ନନ୍ଦପୁର,୨୪।୧୨(ସମିସ): ଲୋକଙ୍କୁ ବିଭିନ୍ନ ଭତ୍ତା ପ୍ରତିମାସ ୧୫ ତାରିଖରେ ପ୍ରଦାନ କରାଯାଏ। ଓଡ଼ିଶାରେ ଦୁଇ ପ୍ରକାର ଭତ୍ତା ପ୍ରଚଳିତ ହେଉଛି। ଗୋଟିଏ ମଧୁବାବୁ ପେନ୍‌ସନ୍, ଅନ୍ୟଟି ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ହିତାଧିକାରୀ ପେନ୍‌ସନ୍ ପ୍ରଦାନ କରାଯାଉ ଥିବା ବେଳେ ଗତ ଦେଢ଼ ବର୍ଷ ହେବ ଜାତୀୟ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ହିନସ୍ତା ବଢ଼ିଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ପୂର୍ବ ବର୍ଷ ପରି ପ୍ରତି ମାସରେ ୧୫ ତାରିଖକୁ ଭତ୍ତା ପ୍ରଦାନ କରାଯାଉ ଥିବା ବେଳେ ଜାତୀୟ ଇନ୍ଦିରା ଗାନ୍ଧି ପେନ୍‌ସନ୍ ଯୋଜନା ଅନ୍ତର୍ଗତ ଅନ୍ୟ ଭତ୍ତାଧାରୀଙ୍କୁ ବ୍ୟାଙ୍କ ଖାତା ମଧ୍ୟମରେ କେଉଁ ମାସର ୨୦ ତାରିଖ ତ କେଉଁ ମାସରେ ୨୫ ତାରିଖ ଦିଆଯାଉଛି। ଚଳିତ ମାସରେ କୋରାପୁଟ ଜିଲ୍ଲାର ପୁରପଲ୍ଲୀରେ ପର୍ବ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ପେନ୍‌ସନ୍ ଟଙ୍କା ବ୍ୟାଙ୍କ ଖାତାକୁ ଆସି ନଥିବା ନେଇ ହିନସ୍ତା ବଢ଼ିଯାଇଛି । ସେପଟେ ପ୍ରତିଦିନ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ପେନ୍‌ସନ୍ ଟଙ୍କା ପାଇଁ ହିତାଧିକାରୀ ନୟାନ୍ତ ହୋଇଥିବା ପ୍ରକାଶ କରିଥିବା ବେଳେ ପେନ୍‌ସନ୍‌କୁ ନେଇ ଅପଡେଟ ଚାଲିଥିବା ଯୋଗୁ ଟିକିଏ ବିଳମ୍ବ ହେଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ତେବେ ଠିକଣା ସମୟରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିଲେ ସେମାନେ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ।

## ପୌର ପରିଷଦ ବୈଠକର ନିଷ୍ପତ୍ତି ବଦଳିବ!

# କାଉନ୍‌ସିଲରଙ୍କ 'ୟୁ-ଟର୍ଣ୍ଣ'କୁ ନେଇ ଚର୍ଚ୍ଚା

ଜୟପୁର, ୨୪।୧୨(ସମିସ):

କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାରେ ଗତ ନଭେମ୍ବର ୧୧ ତାରିଖରେ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ବେଳେ କେବଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଙ୍କୁ ପ୍ରଦାନ ନେଇ ଆହାର କେନ୍ଦ୍ରର ରୋଷେଇ ଓ ଖାଦ୍ୟ ବଣ୍ଟନ ସମେତ ରାତ୍ରି ବିଶ୍ରାମ ସ୍ଥଳ ଏବଂ ଏମ୍‌ସିସିର ମଳମୂତ୍ର ଓ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇ ପ୍ରଦାନ ନିମନ୍ତେ ନିଷ୍ପତି ହୋଇଥିଲା। ଏଥିନେଇ କାଉନ୍‌ସିଲ ବୈଠକକୁ କାୟମ କରିବା ନେଇ ସମସ୍ତ ପ୍ରକ୍ରିୟା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହାର କିଛି ଦିନ ପରେ ପୁଣି ସମୁଦାୟ୨୮ କାଉନସିଲ ବିଶିଷ୍ଟ ପୌରସଂସ୍ଥାର ୨୧ ଜଣ କାଉନସିଲର ମାନେ ସ୍ୱାକ୍ଷରିତ ଏକ ସ୍ମାରକପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରି ଆହାର କେନ୍ଦ୍ରର ରୋଷେଇ ଦାୟୀତ୍ୱରେ ପୂର୍ବରୁ ରହିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରିବାକୁ ସୁପାରିଶ କରିଥିଲେ। କାଉନ୍‌ସିଲରମାନଙ୍କ ଏଭଳି ୟୁଟର୍ଣ୍ଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସୁପାରିଶ କରାଯାଇଥିଲେ ସୁଦ୍ଧା ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଏ .ଶଶ୍ୟା ରେ‡ କାଉନସିର ବୈଠକରେ ହୋଇଥିବା ନିଷ୍ପତିକୁ ଅଗ୍ରାଧିକାର ଦେବା ସହିତ ଗତ ୫ ତାରିଖରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଥିଲେ । ୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଟେଣ୍ଡର ଦାଖଲ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହିପରି ୪ଟି କାର୍ଯ୍ୟ ପାଇଁ ପ୍ରାୟ ୫ରୁ ଅଧିକ ମହିଳା ଏସଏଚଜି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଗତ୨୨ ତାରିଖରୁ ଟେଣ୍ଡର ଖୋଲାଯାଇଥିବା ବେଳେ ଟେଣ୍ଡର ପ୍ରକିୟାରେ ସାମିଲ ନେଇ ସର୍ତ୍ତାବଳୀର କାଗଜପତ୍ର ଯାଞ୍ଚ ଜାରି ରହିଛି। ଏଥିନେଇ ସ୍ୱାକ୍ଷର କରିଥିବା କାଉନ୍‌ସିଲର ଦେବେନ୍ଦ୍ର ଚୌଧୁରୀ କହିଛନ୍ତି ଯେ, କୌଣସି ମହିଳା ଏସଏଚଜିଙ୍କ ବିରୋଧରେ କୌଣସି ଅଭିଯୋଗ ନଥିଲେ ସେମାନଙ୍କୁ ନିୟମିତ ଭାବେ ଦାୟିତ୍ୱ ଦେବାରେ କୌଣସି ଅସୁବିଧା ନାହିଁ। ସେହିପରି କାଉନସିଲ ବୈଠକରେ ନିଷ୍ପତି ହୋଇଥିଲେ ସୁଦ୍ଧା ନିୟମ ଅନୁଯାୟୀ କାଉନସିଲ ମାନେ ସୁପାରିଶ କରି ଜଣକୁ ଦାୟିତ୍ୱ ପ୍ରଦାନ କରିପାରିବେ। ସେହିପରି ସ୍ୱାକ୍ଷରିତ କରିନଥିବା କାଉନସିଲର ଯଶପାଲ ସିଂ କହିଛନ୍ତି ଯେ, କାଉନସିଲ ବୈଠକରେ ନିଷ୍ପତିକୁ ଅଗ୍ରାଧିକାର ଦିଆଯାଇଥାଏ । ସେଥିପାଇଁ କାଉନସିଲ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ଓ ନିଷ୍ପତିକୁ ରେକର୍ଡ କରାଯାଇଥାଏ। ଏହିପରି ପୌରସଂସ୍ଥା ପକ୍ଷରୁ ଟେଣ୍ଡର ଆହ୍ୱାନ ସଠିକ୍ ନିଷ୍ପତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହି ୪ଟି ଟେଣ୍ଡର ପ୍ରକ୍ରିୟାରେ ସମୁଦାୟ ୮୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦାନ କରିଛନ୍ତି। ଏହିପରି ଯାଞ୍ଚ ବେଳେ ଆହାର କେନ୍ଦ୍ର ରୋଷେଇ ପାଇଁ ସମୁଦାୟ ୨୭ଟି ଏସଏଚଜି ଆବେଦନ କରିଥିବା ବେଳେ ୧୦ଟି ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଟାଉନ୍‌ହଲ ଏବଂ ଜିଲ୍ଲା ଚିକିତ୍ସାଳୟସ୍ଥିତ ଆହାର କେନ୍ଦ୍ରରେ ଖାଦ୍ୟ ବିତରଣ ପାଇଁ ସମୁଦାୟ ୨୯ଟି ମଧ୍ୟରୁ ୧୦ ଜଣ ଯୋଗ୍ୟତା ହାସଲ କରିଛନ୍ତି। ଆଶ୍ରୟ ସ୍ଥଳୀ ପାଇଁ ୨୫ଟି ମଧ୍ୟରୁ ୧୫ଟି ଏବଂ ମଳମୂତ୍ର ପରିଚାଳନା ପ୍ରକ୍ରିୟାକରଣରେ ୨ଟି ଆବେଦନ କରିଛନ୍ତି।

# ଡିଏଭି ଭିଏସ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନାବେଡ଼ା,୨୪।୧୨ (ସମିସ);



ସୁନାବେଡ଼ା- ୨ ହାଲ୍ ଟାଉନସିପ ସ୍ଥିତ ଡିଏଭି ଭି.ଏସ୍. ବିଦ୍ୟାଳୟ ସୁନାବେଡାରେ ମହା ଆଡମ୍ବରପୂର୍ଣ୍ଣ ଭାବେ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ହାଲର ଇଡି ଶ୍ରୀଅଙ୍ଗ ଅନିଲ ରାଓ କୋଠେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ସ୍ୱାଗତ ଭାଷଣ ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କୋରାପୁଟ ହାଲ୍ ଇଞ୍ଜିନ ବିଭାଗର ମହା ପ୍ରବନ୍ଧକ କଲ୍ଲୋଳ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଏବଂ ଜିଏମ୍, ସିଏସଇଡି ସରୋଜ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟି, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଚାମେଲି ମଜୁମଦାର, ସୁନାବେଡା ହାଲର ଡ଼ିଜିଏମ ,ହେଚ ଆର୍ ରମାକାନ୍ତ ଦାସ, ଉପ ମହା ପ୍ରବନ୍ଧକ ହାଲ୍ କୋରାପୁଟ ଅୟସକାନ୍ତ ସରଣ , ଡିଜିଏମ ଫାଇନାନ୍ସ ଅନୁଜ କୁମାର ସିଂହ ଚୌହାନ, ୱିଙ୍ଗ କମାଣ୍ଡର, ଟି. ଶ୍ରୀହରି , ସୋନାଲି କୋଠେ (ଅଧକ୍ଷା, ଆରୋହୀ ଲେଡିଜ୍ କ୍ଲବ), ସିଏମଓ, ଆଇଏଚସି ଡ. ସଞ୍ଜୟମହାପାତ୍ର, ସିଜିଏମ ରବି ପଟ୍ଟନାୟକ ଏବଂ ଏଚ୍‌ଏଏମଏସ ଓ ଏଚ୍‌ଏଓ ଏର ଅଧକ୍ଷ ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ନାଟକ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରଦର୍ଶନ ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ। ଅତିଥିମାନେ ବିଦ୍ୟାଳୟର ଶିକ୍ଷାନୁଶାସନ, ମୂଲ୍ୟବୋଧ ଓ ସର୍ବାଙ୍ଗୀନ ବିକାଶ ପ୍ରତି ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥି, ଅଭିଭାବକ, ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇ ବାର୍ଷିକ ଉତ୍ସବର ସଫଳ ସମାପ୍ତି ଘୋଷଣା କରାଯାଇଥିଲା।

# ଅସହାୟ ପରିବାରକୁ ସରକାରୀ ଯୋଜନାରେ ସାମିଲ ପାଇଁ ଶିବିର

ମାଲକାନଗିରି, ୨୪।୧୨(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ୍ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତରେ ଅସହାୟ ଓ ଗରିବ ପରିବାରମାନଙ୍କୁ ସରକାରୀ କଲ୍ୟାଣ ଯୋଜନା ସହିତ ସଂଯୋଗ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଶିବିର ଆୟୋଜିତ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସରପଞ୍ଚ ମଙ୍ଗଳା ମାଡ଼ୀ, ଏଏଲଓ ବିନୀ ମୁଦୁଲି, ପିଏଏସଏସଇପିଡି ରଞ୍ଜୁଲତା ବାରିକ, ପିଇଓ ଆର୍ଯ୍ୟନ ମାଝି ପ୍ରମୁଖ ଉପସ୍ଥିତ ରହି ସାଧାରଣ ଜନତାଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଶିବିରରେ ବୃଦ୍ଧାବସ୍ଥା ପେନ୍ସନ କାର୍ଡ, ବିଧବା ପେନ୍‌ସନ କାର୍ଡ, ଜାତୀୟ ପରିବାର ଲାଭ ଯୋଜନା, ରାସନ କାର୍ଡ, ଶ୍ରମ କାର୍ଡ ଆଦି ସରକାରୀ ଯୋଜନାର ସୁବିଧା ପ୍ରଦାନ



କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଶକ୍ତି ସୋସିଆଲ୍ କଲ୍‌ଚରାଲ୍ ଏବଂ ସ୍ପୋର୍ଟିଂ ଅର୍ଗାନାଇଜେସନ, ମାଲକାନଗିରି ଦ୍ୱାରା ସଫଳତାର ସହ ଆୟୋଜିତ ହୋଇଥିଲା।

# ମନ୍ତ୍ରୀଙ୍କ ବିଳମ୍ବ ହେବାରୁ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ କଂଗ୍ରେସ ନେତା

ରାୟଗଡ଼ା, ୨୪।୧୨(ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ବାଣିଜ୍ୟ,ପରିବହନ,ଷ୍ଟିଲ ଓ ମାଇନ୍ସ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ତାଙ୍କର ଆସିବା ବିଳମ୍ବ ହେବାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ପ୍ରତିମୂର୍ତି ଅନାବରଣ କରାଯାଇଥିଲା। ଫଳରେ କଂଗ୍ରେସ ଓ ବିଜେପି ଶିବିରରେ ଏହାକୁ ନେଇ ରାଜନୀତି ଉଷ୍ମତା ପ୍ରକାଶ ପାଇଛି। ପୂର୍ବ ନିର୍ଦ୍ଧାରିତ ସମୟ ପ୍ରକାରେ ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ମୁକ୍ତା ପାର୍କରେ ପ୍ରତିମୂର୍ତି ଉନ୍ମୋଚନ ନିମନ୍ତେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକାଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ଓଡିଶା ସରକାରଙ୍କ ବାଣିଜ୍ୟ,ପରିବହନ,ଷ୍ଟିଲ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ମନ୍ତ୍ରୀ ପହଞ୍ଚିବାରେ ପ୍ରାୟ ୨୦ମିନିଟ୍‌ରୁ ଅଧିକ ସମୟ ବିଳମ୍ବ ହୋଇଥିଲା। ଏ ନେଇ ଅତିଥିମାନେ ବିଳମ୍ବକୁ ନେଇ ଅସନ୍ତୋଷ ଜାହିର କରିଥିବା ବେଳେ ଏ ନେଇ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ରମେଶ ଜେନା ପ୍ରମୁଖ ଉପସ୍ଥିତ ରହି ଅତିଥିମାନଙ୍କୁ ବଝାଇବାକୁ ଚେଷ୍ଟା କରିଥିଲେ। ତେବେ ମନ୍ତ୍ରୀଙ୍କୁ ଆଉ ଅପେକ୍ଷା ନ କରି କଂଗ୍ରେସ ନେତୃମଣ୍ଡଳି ପ୍ରତିମୂର୍ତି ଉନ୍ମୋଚନ କରିଥିଲେ। ସେଠାରୁ କଂଗ୍ରେସ କର୍ମୀମାନେ ପ୍ରାର୍ଥନା ତଥା ଶ୍ରଦ୍ଧାଂଜଳୀ ସଭା ସ୍ଥଳକୁ ଫେରି ଯାଇଥିବା ବେଳେ ମନ୍ତ୍ରୀ ଶ୍ରୀ ଜେନା ଓ ଜିଲ୍ଲା ବିଜେପି କାର୍ଯ୍ୟକର୍ତା ପହଞ୍ଚିଥିଲେ। ମନ୍ତ୍ରୀ ସେଠାରେ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିଲେ। ମନ୍ତ୍ରୀ ଅତିଥି ହୋଇଥିବା ବେଳେ ତାଙ୍କୁ ଅପେକ୍ଷା ନ କରି ପ୍ରତିମୂର୍ତି ଉନ୍ମୋଚନ କରିବା ପ୍ରସଙ୍ଗରେ ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ସାଧାରଣ ସଂପାଦକ ତଥା କୋରାପୁଟ ଲୋକସଭା ବିଜେପି ପ୍ରାର୍ଥୀ କାଳୀରାମ ମାଝି କହିଛନ୍ତି ଯେ, କଂଗ୍ରେସ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ବାପା ସ୍ୱର୍ଗତଃ ଶ୍ରୀ ଉଲାକା କେବଳ ଉଲାକାଙ୍କ ପରିବାରରେ ସୀମିତ ନୁହନ୍ତି । ସେ ସମଗ୍ର ରାଜ୍ୟରେ ଜଣେ ଟାଣୁଆ ଆଦିବାସୀ ନେତା ଥିଲେ। ତାଙ୍କର ଆଜି ପ୍ରତିମୂର୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପ୍ରତିନିଧି ଭାବେ ଖଣି ମନ୍ତ୍ରୀ ଶ୍ରୀ ଜେନା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥଲା। କିଛି ସମୟ ଅପେକ୍ଷା ନ କରି ପୁଣି ଥରେ କଂଗ୍ରେସ ପରିବାରବାଦ ରାଜନୀତିର ଉଦ୍ଦେଶ୍ୟକୁ ପ୍ରମାଣିତ କରିବାକୁ ଯାଇ ଜିଲ୍ଲାକୁ ଆସିଥିବା ଜଣେ ଅତିଥିଙ୍କୁ ସମ୍ମାନ ଜଣାଇ ପାରିନାହିଁ। ତଥାପି ନିମନ୍ତ୍ରଣକୁ ସମର୍ଥନ ଜଣାଇ ମୁକ୍ତା ପାର୍କରେ ପହଞ୍ଚି ମନ୍ତ୍ରୀ ଶ୍ରୀ ଜେନା ଶ୍ରୀ ଉଲାକାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିବା ରାଷ୍ଟ୍ରିୟ ଜନଜାତି ମୋର୍ଚ୍ଚା ସାଧାରଣ ସଂପାଦକ ତଥା କୋରାପୁଟ ଲୋକସଭା ବିଜେପି ପ୍ରାର୍ଥୀ କାଳୀରାମ ମାଝି ପ୍ରକାଶ କରିଛନ୍ତି।

## ଓଡ଼ିଶା କୃଷକ ସଭାର ସାମ୍ବାଦିକ ସମ୍ମିଳନୀ

# କମ୍ ମୂଲ୍ୟରେ ଧାନ ଓ ମକା କିଣୁଥିବା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ଉମରକୋଟ, ୨୪।୧୨(ସମିସ): ନବରଙ୍ଗପୁର ଜିଲ୍ଲାର ଚାରୋଟି ବ୍ଲକର ଚାଷୀ ଆନ୍ଦୋଳନ ତୃତୀୟ ଦିନରେ ଜୋରଦାର କରାଯାଇଥିଲା। ଜିଲ୍ଲା ମଧ୍ୟରେ ଚାଲିଥିବା କୃଷକ ମହାସଂଘ ଆନ୍ଦୋଳନକୁ ସମର୍ଥନ କରିବା ସହ ଆହୁରି ତୀବ୍ରତର କରିବା ନିମନ୍ତେ ଓଡିଶା କୃଷକ ସଭା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଉମରକୋଟର ରାଜମିସ୍ତ୍ରୀ ସଂଘ କାର୍ଯ୍ୟାଳୟଠାରେ ଏହି ସାମ୍ବାଦିକ ସମ୍ମିଳନୀ କରି ଜଙ୍ଗଲ ଅଧିକାର କମିଟି ମହାସଂଘ, ଓଡିଶା କୃଷକ ସଭା ଓ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଆନ୍ଦୋଳନରେ ଯୋଗ ଦେବାକୁ ଘୋଷଣା କରିବା ସହ ଜିଲ୍ଲାର ଅନ୍ୟ ବ୍ଲକକୁ ପ୍ରସାର କରିବା ପାଇଁ ପ୍ରକାଶ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା କୃଷକ ସଭା ପକ୍ଷରୁ ୧୦ଟି ଦାବି ଉପସ୍ଥାପନା କରାଯାଇଥିଲା। ଦାବି ଗୁଡ଼ିକ ହେଲା ମକ୍କା ଓ ଧାନକୁ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ଦରରେ କିଣିବା ନିମନ୍ତେ ଯଥାଶୀଘ୍ର ସରକାରୀ ମଣ୍ଡି ଖୋଲିବା, ସରକାରୀ ଦର ଠାରୁ କମ୍ ଦରରେ ମକ୍କା ଓ ଧାନ କିଣୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ , ସମସ୍ତ ଚାଷୀମାନଙ୍କୁ ଦଖଲ ଜମି ପଟ୍ଟା ଓ ଦଖଲ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ସମସ୍ତ ଚାଷୀ ମାନଙ୍କ ଚାଷ ଜମିରେ ଏକ ବୋରୱେଲ ଖନନ, ଚାଷ ନିମନ୍ତେ ବ୍ୟବହାର ହେଉଥିବା ସମସ୍ତ ଟ୍ରାକ୍ଟର ଗୁଡିକୁ ଟିକସ ମୁକ୍ତ କରିବା, ଚାଷ ନିମନ୍ତେ ମାଗଣା ବିଦ୍ୟୁତ ଯୋଗାଣ, ଜଙ୍ଗଲ ଜମି ପଟ୍ଟାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ଯୋଜନାରେ ସାମିଲ, ଧାନ ଓ ମକ୍କା ମଣ୍ଡିରେ ମଣ୍ଡି ଆରମ୍ଭରୁ ଶେଷ ଯାଏ ଧାନ ଆଣିବା, କିଣିବା ଓ ଓଜନ କରିବା ସବୁ ସିସିଟିଭି କ୍ୟାମେରା ଦ୍ୱାରା ରେକର୍ଡ କରିବା, ସମସ୍ତ କୃଷକ ମାନଙ୍କୁ ବାର୍ଷିକ କୃଷି ନିମନ୍ତେ ବିନା ସୁଧରେ ଏକ ଲକ୍ଷ ଟଙ୍କା ଋଣ ପ୍ରଦାନ, ୬୦ ବର୍ଷ ବୟସ୍କ କୃଷକ ମାନଙ୍କୁ ମାସିକ ୩୦୦୦ ଟଙ୍କା କୃଷକ ଭତ୍ତା ପ୍ରଦାନ , ଆଗକୁ ଚାଷୀ ମହାସଂଘର ଆନ୍ଦୋଳନ ଜୋରଦାର ହେବ ବୋଲି କହିଛନ୍ତି ଓଡିଶା କୃଷକ ସଭାର ରାଜେଶ ଯାନୀ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ରାଜେଶ ଜାନୀ, ଆଦିବାସୀ ଅଧିକାର ମଞ୍ଚର ଜିଲ୍ଲା ସଭାପତି ନୂଆଖାଉ ଭତରା, ଆଦିବାସୀ ଅଧିକାର ମଞ୍ଚର ଜିଲ୍ଲା ସହ ସମ୍ପାଦକ ରବି ସାନ୍ତା, ବିଶ୍ୱଜିତ ଜାନି, ଓଡିଶା କୃଷକ ସଭାର ଉପ ସଭାପତି ରେଣ୍ଟୁ ଗଣ୍ଡ, ଅଲେଖ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ କୃଷକ ଦିବସ ପାଳିତ

ମାଲକାନଗିରି, ୨୪।୧୨(ସମିସ):




ମାଲକାନଗିରି ଜିଲ୍ଲା ସଦରରେ ଏସ୍‌ଏଲ୍‌ଏନ୍‌ଡିଏସ୍ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'କୃଷକ ସମ୍ବାଦ'ର ସମ୍ପାଦକ ଭାସ୍କର ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ ପାଢୀ, ମୁଖ୍ୟ ଅତିଥି ଭାବେ ଜିଲ୍ଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଗୁପ୍ତ ମାଡ଼ି, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ବରିଷ୍ଠ ସାମ୍ବାଦିକ ଗୋପିକୃଷ୍ଣ ପଟ୍ଟନାୟକ, ଦୃର୍ଯ୍ୟଧନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅନେକ ଚାଷୀ ମଧ୍ୟ ଯୋଗଦାନ କରିଥିଲେ। ଏହି ଅବସରରେ ଏହି ଦିବସର ମୂଳ ଉଦେଶ୍ୟ ଓ ଚାଷୀଙ୍କ ବିଭିନ୍ନ ବିଷୟରେ ଆଲୋଚନା କରଯାଇଥିଲା। ଏଥିରେ ଚାଷୀମାନେ କିପରି ସରକାରୀ ଯୋଜନା ଉପରେ ଉପକୃତ ହେବେ ସେ ନେଇ ଆଲୋଚନା ହୋଇଥିଲା। ତେବେ କେବଳ ଧାନ ନୁହେଁ, ବରଂ ସବୁ ସମୟରେ ବିଭିନ୍ନ ପ୍ରକାର ଲାଭକାରୀ ଫସଲ ଚାଷ କରିବା, ମାଟିର ଉର୍ବରତାକୁ ସୁରକ୍ଷିତ ରଖିବା, ଏହା ସହ ଅତ୍ୟାଧୁନିକ ପ୍ରଣାଳୀରେ କିପରି ବିଭିନ୍ନ ଚାଷ ହେଉଛି ସେନେଇ ଜିଲ୍ଲା କୃଷି ଅଧିକାରୀ ବିଭିନ୍ନ ଗୁରୁତ୍?ପୂର୍ଣ୍ଣ ବିଷୟରେ ଆଲୋକପାତ କରିଥିଲେ। ଏହା ସହ ସରକାର ଚାଷୀଙ୍କ ବିକାଶ ପାଇଁ କେଉଁ ଚାଷ କଲେ କଣ ସବୁ ସହାୟତା ଯୋଗାଇ ଦିଆଯାଉଛି ସେନେଇ ମଧ୍ୟ ଅବଗତ କରାଇଥିଲେ। ଏହି ଅବସରରେ ଆସିଥିବା ଚାଷୀ ମାନେ ମଧ୍ୟ ନିଜ ନିଜର ଅଭିଜ୍ଞତା ଓ ଚାଷ କାର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଉପସ୍ଥିତ ଉତ୍ତମ ଚାଷୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇ କାର୍ଯ୍ୟକ୍ରମକୁ ସାଙ୍ଗ କରଯାଇଥିଲା।

● ଖ୍ରୀଷ୍ଟମାସ୍ ଆଜି, ଚର୍ଚ୍ଚରେ ପ୍ରାର୍ଥନା

# ପ୍ରଭୁ ଯୀଶୁଙ୍କ ଜନ୍ମ ଦିନରେ ଉତ୍ସବମୁଖର କୋରାପୁଟ

ଜୟପୁର, ୨୪।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜେଇଏଲସି ଚର୍ଚ୍ଚରେ ବୁଧବାର ସଂଧ୍ୟାରୁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ପକ୍ଷରୁ ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ଉତ୍ସବ ଆଡମ୍ବର ସହିତ ପାଳନ ଆରମ୍ଭ ହୋଇଛି। ମଙ୍ଗଳବାର ସଂଧ୍ୟାରୁ ଧର୍ମାଲମ୍ବୀ ଭାବେ ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତି , ବାଳକ ଓ ବାଳିକା ମାନେ ସ୍ଥାନୀୟ



ଜେଇଏଲସି ଚର୍ଚ୍ଚରେ ପ୍ରାର୍ଥନା କରିଥିଲେ ଏବଂ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ଜେଇଏଲସି ଚର୍ଚ୍ଚରେ ନୂତନ ବିଶପ ଅନନ୍ତ କୁମାର ନାଗ ବାଇବେଲ ଏବଂ ଯୀଶୁଙ୍କ ବାଣୀ ନେଇ ଧର୍ମାବଲମ୍ବୀମାନଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡିନ ହିମାଂଶୁ ଶେଖର ଚାନ୍ଦ୍, ପାଷ୍ଟର ହେଲିନା ଚାନ୍ଦ, ନିର୍ମଳ ଚନ୍ଦ୍ର ଖୋସ୍ଲା, ସ୍ଥାନୀୟ ଖ୍ରୀଷ୍ଟିୟ ପଞ୍ଚାୟତର ସଭାପତି ପ୍ରଭାତ କୁମାର ବେନିଆ, ଉପସଭାପତି ବୁନୁ ସାଗର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବା ସହ ପ୍ରାର୍ଥନା ଏବଂ ସଂଗୀତ ପରିବେଷଣ କରାଯାଇଥିଲା। ସହରର ଜେଇଏଲସି ମୁଖ୍ୟ ଚର୍ଚ୍ଚକୁ ବିଭିନ୍ନ ରଙ୍ଗବେରଙ୍ଗର ଲିଟୁ ଲାଇଟରେ ସାଜସଜ୍ଜା ସହ ସାରା ଖ୍ରୀଷ୍ଟିଆନ ସାହି, ଘର ଗୁଡିକ ସୁନ୍ଦର ଆଲୋକ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ସଜାଇ ହୋଇଛି। ଆଜି ପୂର୍ବାହ୍ନ ନୂଆ ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ରୟ ପାଇଁ ଜୟପୁର ସହରର ବିଭିନ୍ନ ଦୋକାନ ଓ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# ଉନ୍ମୋଚନ ହେଲା ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି

ରାୟଗଡ଼ା,୨୪।୧୨(ସମିସ):

ପୂର୍ବତନ ସାଂସଦ, ମନ୍ତ୍ରୀ, ଓଡିଶା ବିଧାନସଭାର ପୂର୍ବତନ ବିରୋଧୀ ଦଳ ନେତା ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ବାପା ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତି ଉନ୍ମୋଚନ କାର୍ଯ୍ୟକ୍ରମ ବୁଧବାର ରାୟଗଡ଼ା ସହରର ଓଏମ୍‌ପି ନିକଟସ୍ଥ ମୁକ୍ତା ପାର୍କରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସାଂସଦ ସପ୍ତଗିରି ଉଲାକା, ତାଙ୍କ ମା' ରତ୍ନମଣୀ ଉଲାକା, ସ୍ତ୍ରୀ ପୂଜା ଉଲାକା, ଦୁଇ ପୁଅ,ସାନ ଭାଇ ସୀମାଂଚଳ ଉଲାକା ଓ ପରିବାରର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଯୋଗ ଦେଇ ସ୍ୱର୍ଗତଃ ଶ୍ରୀ ଉଲାକାଙ୍କ ପ୍ରତିମୂର୍ତିକୁ ଉନ୍ମୋଚନ କରିଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଓଡିଶା କଂଗ୍ରେସ ଦଳ ପ୍ରଭାରୀ ଅଜୟ କୁମାର ଲାଲୁ, ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ଭକ୍ତଚରଣ ଦାସ, ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ରାୟଗଡ଼ାବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା,ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, ବାଣିଜ୍ୟ, ପରିବହନ, ଷ୍ଟିଲ ଓ ମାଇନ୍ସ ବିଭାଗୀୟ ମନ୍ତ୍ରୀ ବିଭୂତି ଜେନା, ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପୂର୍ବତନ ମନ୍ତ୍ରୀ ନିରଂଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ପ୍ରସାଦ କୁମାର ହରିଚନ୍ଦନ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲୋ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ, ପୂର୍ବତନ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, କୋରପୁଟ ଡିସିସି ସଭାପତି ରୂପକ ତୁରକ, ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ଡିସିସି ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ଚନ୍ଦ୍ର ପଣ୍ଡାଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକର୍ତା



ଏବଂ ବହୁ କର୍ମୀ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସାଂସଦ ଶ୍ରୀ ଉଲାକାଙ୍କ ବାସଭବନରୁ ମୁକ୍ତା ପାର୍କ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ସମସ୍ତ ଅତିଥିଗଣ ପୁଷ୍ପାମାଲ୍ୟ ଅର୍ପଣ ପୂର୍ବକ ରାମଚନ୍ଦ୍ର ଉଲାକା ଅମର ରହେ ନାରା ଦେଇଥିଲେ। ପରେ ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ ଠାରେ ସ୍ୱର୍ଗତଃ ଶ୍ରୀ ଉଲାକାଙ୍କ ୧୪ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅତିଥିମାନେ ଉପସ୍ଥିତ ରହି ସ୍ୱର୍ଗତଃ ଶ୍ରୀ ଉଲାକାଙ୍କ ରାଜନୀତି ଜୀବନୀ ଉପରେ ବହୁ ସଂଖ୍ୟାରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ ତଥା ଶ୍ରୋତାଗଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ସ୍ୱର୍ଗତଃ ଶ୍ରୀ ଉଲାକା ୧୯୬୨ ମସିହାରେ କୋରାପୁଟ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ତାଙ୍କ ଜୀବନକାଳ ମଧ୍ୟରେ ସେ ୭ଥର ବିଧାୟକ ଏବଂ ୪ଥରରେ ଆଦିବାସୀ କଲ୍ୟାଣ, ଜଙ୍ଗଲ ଓ ପରିବେଶ, ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ନିଜ ଦାୟିତ୍ୱକୁ ତୁଲାଇଥିବା ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ସେ ଜଣେ ଲୋକପ୍ରିୟ ରାଜନେତା ଭାବେ ପ୍ରସିଦ୍ଧ ଲାଭ କରିଥିଲେ। ସେ ଆଦିବାସୀଙ୍କ ବିକାଶ ପାଇଁ ସ୍ୱର ପାଲଟିଥିଲେ, ଲୋକତନ୍ତ୍ରର ଏକ ଦୃଢସ୍ତମ୍ଭ ହୋଇଥିବାରୁ ତାଙ୍କର ଅବଦାନକୁ ଆଜି ମଧ୍ୟ ଓଡିଶାବାସୀ ମନେ ରଖିଛନ୍ତି ବୋଲି ଅତିଥିମାନେ ମଞ୍ଚରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସଦ ସପ୍ତଗିରି ଉଲାକା ଧନ୍ୟବାଦ ଅର୍ପଣ କରିବା ସହ ତାଙ୍କ ବାପାଙ୍କ ନୀତି ଆଦର୍ଶରେ ସର୍ବସାଧାରଣଙ୍କ ସେବା କରିବା,ଚାଷୀମାନଙ୍କ ସେବା କରିବା ଭଳି ବିଚାରଧାରାରେ ଅନୁପ୍ରାଣିତ ହୋଇ ସେ ରାଜନୀତିରେ ଆସିଥିବା କହିଥିଲେ। ଲୋକ ସମ୍ପର୍କ ଆମର ଟାର୍ଗେଟ,ଲୋକଙ୍କ ଉନ୍ନତି କେମିତି ହେବ ସେ ସ୍ୱପ୍ନ ପୂରଣ କରିବା ଆମର ଲକ୍ଷ୍ୟ ବୋଲି ସପ୍ତଗିରି ବକ୍ତବ୍ୟ ରଖିଥିଲେ। ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବିକାଶ ଧାରା ଜାରି ରହିଥିବାରୁ ଆସନ୍ତା ୨୦୨୯ ନିର୍ବାଚନରେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାରୁ କଂଗ୍ରେସର ବିଜୟ ବାଟ ଖୋଲିବ ବୋଲି କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚଳନ୍ତା କାର୍‌ରେ...

ହୋଇଯାଇଥିଲେ। ଏହାର ସୁଯୋଗ ନେଇ ଦୁହେଁ ତାଙ୍କୁ ଦୁଷ୍କର୍ମ କରିଥିଲେ। ହୋସ ଆସିବା ପରେ ଯୁବତୀ ଜଣକ ଏହା ଜାଣି ପାରିଥିଲେ। ଡିସେମ୍ବର ୨୩ରେ ଯୁବତୀ ଏ ନେଇ ଅଭିଯୋଗ କରିଥିଲେ। ପୀଡିତା ଉଦୟପୁରରେ ରୁହନ୍ତି। ଏହି ମାମଲାର ଯାଞ୍ଚ ପାଇଁ ମହିଳା ଅପରାଧ ଶାଖାର ଏସ୍‌ପି ମାଧୁରୀ ବର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ୩ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ପୀଡିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି ବୋଲି ଉଦୟପୁର ଏସ୍‌ପି ଯୋଗେଶ ଗୋଏଲ କହିଛନ୍ତି।

## ମହାକାଶକୁ ଇସ୍ରୋ...

ଓଜନ ୬୪୦ ଟନ ୬ଲକ୍ଷ ୪୦ ହଜାର କେଜି ଓଜନ ବିଶିଷ୍ଟ ଥିଲା। ଏହାକୁ ମଧ୍ୟ ଜିଓସିଙ୍କ୍ରୋନସ ଟ୍ରାନ୍ସଫର ଅର୍ବିଟ (ଜିଟିଓ)ରେ ସ୍ଥାପିତ କରିଥିଲା।

ବ୍ଲୁବାର୍ଡ ବ୍ଲକ-୨ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ ବିବେଚିତ ହେଉଛି। ଏହି ଉପଗ୍ରହ ଦ୍ୱାରା ସାଧାରଣ ସ୍ମାର୍ଟଫୋନ୍‌ରେ ସିଧାସଳଖ ହାଇ-ସ୍ପିଡ୍ ସେଲ୍ୟୁଲାର ବ୍ରଡବ୍ୟାଣ୍ଡ ସଂଯୋଗ ଆଣିହେବ ଓ ଏଥିପାଇଁ ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ କରାଯାଇଛି। ସବୁଠାରୁ ବଡ଼ କଥା ହେଉଛି ପୃଥିବୀର ଯେକୌଣସି ସ୍ଥାନରୁ ଟାୱାର ମୁକ୍ତ ୪ଜି ଏବଂ ୫ଜି ଭଏସ୍ କଲ, ଭିଡିଓ କଲ୍, ମେସେଜିଂ, ଷ୍ଟ୍ରିମିଂ ଓ ଡାଟା ସେବା ପ୍ରଦାନ କରିହେବ। ଏହି ମିସନ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଆଇଏଲ୍) ଓ ଆମେରିକା ଭିତ୍ତିକ ଏଏସ୍‌ଟି ସ୍ପେସ୍ ମୋବାଇଲ ଟେକ୍ନୋଲୋଜ (ଏଏସ୍‌ଟି ଆଣ୍ଡ ସାଇନ୍ସ, ଏଲ୍‌ଏଲ୍‌ସି) ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତିର ଅଂଶ ବଶେଷ। ନ୍ୟୁସ୍ପେସ ହେଉଛି ଇସ୍ରୋର ବାଣିଜ୍ୟିକ ଶାଖା। ଏଲ୍‌ଭିଏମ୍‌୩ର ଏହା ୯ମ ଉଡାଣ ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହ ପାଇଁ ଏହା ତୃତୀୟ ବାଣିଜ୍ୟିକ ମିସନ।

ଇସ୍ରୋ ଅନୁଯାୟୀ ଏଲ୍‌ଭିଏମ୍‌୩ ୮ଟି ସଫଳ ପ୍ରକ୍ଷେପଣ ସମାପ୍ତ କରିଛି। ଏଥିରେ ଚନ୍ଦ୍ରଯାନ-୨ ଓ ଚନ୍ଦ୍ରଯାନ-୩ ଭଳି ପ୍ରମୁଖ ମିସନ ଅନ୍ତର୍ଭୁକ୍ତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ମିସନ ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ଏହା ଭାରତର ଅନ୍ତରିକ୍ଷ କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି।। ଭାରତର ମହାକାଶ ଯାତ୍ରାରେ ଏହା ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

## ଚାନ୍ଦବାଲି ଅଶାନ୍ତ...

ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ। ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ବୁଧବାର ସକାଳେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି। ୧୦ବର୍ଷୀୟା ଏହି ଛାତ୍ରୀଙ୍କ ବାପା ପ୍ରଶାନ୍ତ ମିଶ୍ରଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ବବୁଲ ଦାସ (୨୪)କୁ ପୁଲିସ ଜଗତସିଂହପୁରରୁ ଗିରଫ କରିଛି।

ଏହି ଘଟଣାକୁ ନେଇ ଚାନ୍ଦବାଲିରେ ଆଜି ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅନ୍ୟପକ୍ଷରେ ମୃତକଙ୍କୁ ନ୍ୟାୟ ଦାବିରେ ହାଟପଟି, ମଧୁବାବୁ ଛକ ଓ ବସ୍‌ଷ୍ଟାଣ୍ଡରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେହିଭଳି ଅଭିଯୁକ୍ତଙ୍କ ଘରେ ପଶି ଲୋକେ ବହୁ ସାମଗ୍ରୀ ଭାଙ୍ଗି ଦେଇଥିଲେ। ସମସ୍ତ ବ୍ୟାଙ୍କ୍ ଓ ସରକାରୀ ଅଫିସ ବନ୍ଦ ରହିଥିଲା। ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ବେହେରା, ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ସମେତ ୧୦ରୁ ଅଧିକ ଇନ୍ସପେକ୍ଟର ୪ ପ୍ଲାଟୁନ ଫୋର୍ସ ସହ ପହଞ୍ଚି ଘଟଣା ଉପରେ ନଜର ରଖିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଯାହାର ନେତୃତ୍ୱ ନିଜେ ଏସ୍‌ପି ନେଇଥିଲେ। ଘଟଣା ଘଟିଥିବା ଛକରେ ସରକାରୀ ଜମି ଜବରଦଖଲ କରି ଅଭିଯୁକ୍ତ ଦୋକାନ କରିଥିବାବେଳେ ସେଗୁଡ଼ିକୁ ପ୍ରଶାସନ ଜେସିବି ଲଗାଇ ଆଜି ଉଚ୍ଛେଦ କରିଛି। ବାଲେଶ୍ୱର ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ଘଟଣାସ୍ଥଳରେ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ବିଜେଡି ଓ କଂଗ୍ରେସ ତୀବ୍ର ନିନ୍ଦା କରିଥିବାବେଳେ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଚାନ୍ଦବାଲି ବନ୍ଦ ଡକରା ଦିଆଯାଇଛି।

ଅନ୍ୟପକ୍ଷରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଏହାର ଡାଏରୀ ନମ୍ବର ୨୯୩୨୪/ଆଇଏନ୍/୨୦୨୫ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଦ୍ରୁତ ଶୁଣାଣି ବ୍ୟବସ୍ଥା କରିବା ଓ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ...

ସହାୟତା ଘୋଷଣା କରିଛନ୍ତି। ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା କେବଳ ସରକାରର ନୁହେଁ, ଏଥିରେ ସମାଜର ବି ଦାୟିତ୍ୱ ଅଛି। ସରକାର-ସମାଜ ଭାଗିଦାରୀ କରି ଝିଅମାନଙ୍କ ଉପରେ ଆସୁଥିବା ଅକଥନୀୟ ଅତ୍ୟାଚାରକୁ ରୋକିବାକୁ ପଡିବ। ପୁଲିସ ଓ ଆଇନ ତା ବାଟରେ ଯିବ, ଯାହା ଆବଶ୍ୟକତା ତାହା କରାଯିବ। ଘଟଣାରେ ମହିଳା କମିଶନର ସଦସ୍ୟା ନ୍ୟାୟିକ ତଦନ୍ତ କରିବେ ବୋଲି ସେ କହିଛନ୍ତି।

## ରାଜ୍ୟବାସୀ ବିଚଳିତ...

ସାମାଜିକ ଗଣଣାଧମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ମହିଳାଙ୍କ ସୁରକ୍ଷା ଓ ଦୃଢ଼ ଆଇନଶୃଙ୍ଖଳା ପାଇଁ ଦିନେ ସୁନାମ ସାଉଁଟୁଥିବା ଓଡ଼ିଶାର ଛବି ଆଜି ସାରା ଦୁନିଆ ଆଗରେ କଳଙ୍କିତ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାରର ସ୍ଥାଣୁତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି? କେତେ ଆଉ ନିରୀହ ଜୀବନ ଗଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ମା'ଭଉଣୀମାନେ ସୁରକ୍ଷା ଚାହୁଁଛନ୍ତି, ଡବଲ୍ ଇଞ୍ଜିନ୍ ସରକାରର ମିଛ ବାହାସ୍ଫୋଟ ନୁହେଁ। ସ୍ଥିତି ଆହୁରି ବିଗିଡ଼ିବା ଆଗରୁ ସରକାର ଆଗୁଆ ତତ୍ପର ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ଆଜିଠୁ ବଢ଼ିବ...

ଉଦୟଗିରି ୮.୭, ଫୁଲବାଣୀ ୯, ବୌଦ୍ଧ ୯.୭ ଡିଗ୍ରୀ ରେକର୍ଡ କରାଯାଇଛି।

ଅନ୍ୟପଟେ ରାଜ୍ୟର ଶୀତ ସହ କୁହୁଡ଼ିର ମଧ୍ୟ ପ୍ରଭାବ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼, ସୋନପୁର, କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଏହି ସହିତ ଜଗତସିଂହପୁର, ଅନୁଗୁଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି। କୁହୁଡ଼ି ସ୍ଥିତି ପ୍ରାୟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଯାନ ବାହନ ଚଳାଚଳରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି।

## ଅନୁ ଗର୍ଗ...

ଝାରସୁଗୁଡ଼ାର ଉପଜିଲ୍ଲାପାଳ ଭାବେ ୧୯୯୩ ଅଗଷ୍ଟ ୩୦ରୁ ୧୯୯୪ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଲେ। ପରବର୍ତ୍ତୀ ସମୟରେ ସେ କଳାହାଣ୍ଡି ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ୧୯୯୮ ମସିହା ମେ ମାସରେ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟେରୀ ଭାବେ ନିଯୁକ୍ତି ମିଳିଥିଲା। ୨୦୧୨ ଅକ୍ଟୋବରରୁ ୨୦୧୫ ଏପ୍ରିଲ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ ଓ ୨୦୨୩ ମସିହାରେ ରାଜ୍ୟ ଉନ୍ନୟନ କମିଶନର ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା। ଶ୍ରୀମତୀ ଗର୍ଗ ବର୍ତ୍ତମାନ ଜଳସମ୍ପଦ ଏବଂ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ତୁଲାଉଛନ୍ତି।

## ଭାରତକୁ ମାଗିଲା...

ନିର୍ଭରଶୀଳ। ବାଂଲାଦେଶର ରପ୍ତାନୀରେ ଭାରତର ଅଂଶ ପ୍ରାୟ ୯୫ ପ୍ରତିଶତ ରହିଛି। ଏବେ ମହମ୍ମଦ ୟୁନୁସ ତାହା ବୁଝି ପାରିଛନ୍ତି। ସ୍ଥିତି ଅଧିକ ବିଗିଡ଼ି ଗଲେ ଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ସୃଷ୍ଟି ହେବ। ଭାରତ ଶସ୍ତାରେ ଯୋଗାଉଥିବା ସାମଗ୍ରୀକୁ ଅଣଦେଖା କଲେ ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ତେଣୁ ଅଧିକ ଅର୍ଥ ଦେଇ ପାକିସ୍ତାନ, ଚୀନ୍ କିମ୍ବା ଆଉ କୌଣସି ଦେଶରୁ ଚାଉଳ ଆଣିବାକୁ ବାଂଲାଦେଶ ପଛଘୁଞ୍ଚା ଦେଉଛି। ଏଥିପାଇଁ ୫୫ ହଜାର ଟନ୍ ଚାଉଳ ଦେବାଲାଗି ଭାରତକୁ ୟୁନୁସ ସରକାର ଅନୁରୋଧ କରିଛନ୍ତି। ବାଂଲାଦେଶ ସମ୍ବାଦପତ୍ର 'ଡେଲି ଷ୍ଟାର' ଅନୁଯାୟୀ, ଟନ୍ ପିଛା ୩୫୫ ଡଲାର (ପ୍ରାୟ ୩୨ ହଜାର ଟଙ୍କା) ମୂଲ୍ୟରେ ଭାରତରୁ ୫୦ ହଜାର ଟନ୍ ଚାଉଳ ମଗା ଯାଇଛି। ପାକିସ୍ତାନ ଏଥିପାଇଁ ୩୯୫ ଡଲାର ମାଗୁଥିଲା। ଭାରତ ବ୍ୟତୀତ ଆଉ କୌଣସି ରାଷ୍ଟ୍ରରୁ ଏତେ କମ୍ ମୂଲ୍ୟରେ ଚାଉଳ ମିଳିବନି ବୋଲି ବାଂଲାଦେଶ ଅଧିକାରୀ କହିଛନ୍ତି। ବାଂଲାଦେଶ ୯ ଲକ୍ଷ ଟନ୍ ଚାଉଳ ଆମଦାନୀ କରିବାକୁ ଚାହୁଁଛି। ପ୍ରତି ପର୍ଯ୍ୟାୟରେ ୫୦ ହଜାର ଟନ୍ ଲେଖାଏଁ ପଠାଇବାକୁ କୁହାଯାଇଛି।

ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବାଂଲାଦେଶ ଭାରତ ଉପରେ ନିର୍ଭର କରୁଛି। ଏଥିରେ ରହିଛି ଚାଉଳ ସମେତ ଗହମ, ଡାଲି, ଚିନି, ପିଆଜ, ରସୁଣ ଏବଂ ଅଦା। ରୁଷ-ୟୁକ୍ରେନ ଯୁଦ୍ଧ ପରେ ଏହିସବୁ ସାମଗ୍ରୀ ପାଇଁ ଭାରତ ଛଡ଼ା ବାଂଲାଦେଶ ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଅନ୍ୟ ସୂତ୍ରରୁ ଯୋଗାଣ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଥିବାରୁ ସେଠାରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିବାରେ ଲାଗିଛି। ୟୁକ୍ରେନ ଯୁଦ୍ଧ ପରେ ବାଂଲାଦେଶ ଭାରତ ଠାରୁ ବର୍ଷକୁ ୪୫ ଲକ୍ଷ ଟନ୍ ଗହମ, ୨୦ ଲକ୍ଷ ଟନ୍ ଚାଉଳ, ୭ ଲକ୍ଷ ଟନ୍ ପିଆଜ, ୩୦ ହଜାର ଟନ୍ ଡାଲି, ୧୫ ଲକ୍ଷ ଟନ୍ ଚିନି, ୧୦ ହଜାର ଟନ୍ ରସୁଣ ଏବଂ ଦେଢ଼ ଲକ୍ଷ ଟନ୍ ଅଦା ଆମଦାନୀ କରୁଛି। ଏହାସହିତ ପାଣି ଓ ବିଦ୍ୟୁତ ପାଇଁ ମଧ୍ୟ ବାଂଲାଦେଶ ଭାରତ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରଶୀଳ।

ଅନ୍ୟପକ୍ଷରେ ଚାଉଳ ରପ୍ତାନୀ କରିବାକୁ ଭାରତର ବ୍ୟବସାୟୀ ରାଜି ହେଉନାହାନ୍ତି। ସାର୍ବଭୌମତ୍ୱକୁ ବାଜିରେ ଲଗାଇ ବନ୍ଧୁତା କରାଯାଇପାରିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି। ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ୟୁନୁସ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନେ ଚାହୁଁଛନ୍ତି। ତେବେ ବାଂଲାଦେଶ ବ୍ୟବସାୟୀ ସଂଘ କହୁଛି ଯେ ରାଜନୈତିକ ସ୍ତରରେ ତିକ୍ତତା ବଢ଼ିଥିଲେ ମଧ୍ୟ ବାଣିଜ୍ୟିକ ଦୃଷ୍ଟିରୁ ଭାରତ ସହ ଭଲ ସମ୍ପର୍କ ରହିଛି। ଏହା ଉପରେ ରାଜନୀତିର କୌଣସି ପ୍ରଭାବ ପଡ଼ିବାକୁ ଦିଆଯିବନି। ତେଣୁ ସେମାନେ ଭାରତକୁ ଚାଉଳ ଦେବାକୁ ଅନୁରୋଧ କରିଛନ୍ତି।

## ସୁଧୁରୁନି ଧାନ କିଣା...

ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସିଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଓ ଉପଜିଲ୍ଲାପାଳ ପ୍ରକାଶ ମିଶ୍ରଙ୍କୁ ଏମ୍‌ଏସ୍‌ପି ମୂଲ୍ୟରେ ଚାଷୀଙ୍କଠାରୁ ମକା କିଣିବା ପାଇଁ ଲିଖିତ ପ୍ରତିଶୃତି ଦେବା ପାଇଁ କୃଷକ ମହାସଂଘ ଦାବି ରଖିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଦେଇ ନ ଥିବା ଯୋଗୁଁ ଆନ୍ଦୋଳନକୁ ଚାଲୁ ରଖାଯିବ ବୋଲି କୃଷକ ମହାସଂଘ କହିଛି। ଜିଲ୍ଲାରେ କୃଷକମାନଙ୍କ ଆନ୍ଦୋଳନ ଯୋଗୁଁ ୪ଟି ବ୍ଲକରେ ସାଧାରଣ ପରିବହନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଆନ୍ଦୋଳନର ଆଜି ତୃତୀୟ ଦିନରେ ଜିଲ୍ଲାର ଅନ୍ୟ କେତୋଟି ବ୍ଲକ୍‌ରେ ଚାଷୀ ଆନ୍ଦୋଳନ କରି ଚକ ଅଖ ବନ୍ଦ କରିବେ ବୋଲି ଆଲୋଚନା ଚାଲିଛି।

## ଜିଲ୍ଲାପାଳଙ୍କୁ କୋଟପାଡ଼...

ଅଭିଯୋଗ ଅନୁଯାୟୀ, ଗତ ୧୧ ଡିସେମ୍ବର ୧୧ ତାରିଖଠାରୁ କୋଟପାଡ଼ ବ୍ଲକ ଅଞ୍ଚଳରେ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ମଣ୍ଡିରେ ଧାନ କ୍ରୟ କରାଯାଇନାହିଁ। ଟୋକନ୍ ଆସିଥିବାରୁ ଚାଷୀମାନେ ଧାନ ମଣ୍ଡିରେ ଶୀତ ରାତିରେ ଧାନକୁ ଜଗି ରହିବାକୁ ବାଧ୍ୟ ହେଉଛନ୍ତି। ଚାଷୀମାନେ ସମବାୟ ସମିତିର ଶାଖା ପରିଚାଳକ, ଜିଲ୍ଲା ଯୋଗାଣ ଅଧିକାରୀ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ବୈଠକ କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ପାରିନି। ମଣ୍ଡିଗୁଡ଼ିକୁ ନୋଡାଲ ଅଫିସର, ମିଲର୍ କିମ୍ବା କ୍ରୟକାରୀ ସଂସ୍ଥାର ପ୍ରତିନିଧି ଆସୁ ନ ଥିବାରୁ ପରିସ୍ଥିତି ଜଟିଳ ହେଉଛି। କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଯଦି ୩ ରୁ ୪ ଦିନ ମଧ୍ୟରେ ମଣ୍ଡିରେ ଧାନ କ୍ରୟ ଆରମ୍ଭ ନ ହୁଏ, କୋଟପାଡ଼ ବ୍ଲକର ସମସ୍ତ ଚାଷୀ ରାସ୍ତାରୋକ ଓ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ଡିସେମ୍ବର ମାସ ୧୨ ତାରିଖରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ଇତିମଧ୍ୟରେ ୧୪ ଦିନ ବିତି ଯାଇଥିଲେ ମଧ୍ୟ ମଣ୍ଡିରୁ ଧାନ ଉଠୁନାହିଁ। ମଣ୍ଡିକୁ ମିଲର୍ କିମ୍ବା କୌଣସି ଅଧିକାରୀ ଆସୁ ନାହାନ୍ତି। ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଚାତକ ଭଳି ଚାହିଁ ରହିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ମଣ୍ଡିରେ ଧାନ ପଡ଼ି ରହିଛି। 'ପରବ' ଥିବାରୁ ଧାନମଣ୍ଡିରେ ଧାନ କିଣିବା ବିଳମ୍ବ ହେଉଛି। ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ

**ବରଗଡ଼ରେ ଆଜିଠୁ ରାଜତନ୍ତ୍ର**



ବରଗଡ଼, ୨୪।୧୨ (ସମିସ): ବରଗଡ଼ରେ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିରାଟ ଶୋଭାଯାତ୍ରା ହାଟପଦା ସ୍ଥିତ ରାଜ ଦରବାରରେ ପହଞ୍ଚିଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସାଂସଦ ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସପି ପ୍ରହଲ୍ଲାଦ ସହାୟ ମୀନା, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ଗୋପାଳ ଦାଶ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ପ୍ରତିକ୍ଷୀତ ୭୮ ତମ ଧନୁଯାତ୍ରା ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା।


## ଖରିଫ ଧାନ ସଂଗ୍ରହ, ୨୦୨୫-୨୬

ବିଜ୍ଞାପନ ସଂଖ୍ୟା: ୦୫ | ତାରିଖ: ୨୪.୧୨.୨୦୨୫

ଏତଦ୍ୱାରା କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତା. ୨୬.୧୨.୨୦୨୫ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତି ନିଆଯାଇଅଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS)ମାନଙ୍କ ରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

" ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷମୁକ୍ତ ହୋଇଥିବ ।"

ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଶୁକ୍ର, ଶନି    ସମୟ – ସକାଳ ୮ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-**

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩,୧୦୦.୦୦ |

**ନିବେଦକ**
**ଉପଜିଲ୍ଲାପାଳ, ଆଠଗଡ଼-ତଥା-ଅଧକ୍ଷ**
**ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର**


XXVII-23

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.: 2388/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ବାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲ୍ଲା : ମାଲକାନଗିରି ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲ୍ଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୁ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର, ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି ଠାରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

ଭୂମି ଅନୁସୂଚୀ
ମୌଜା: ମୁଣ୍ଡାଗୁଡା, ଥାନା- ମାଥିଲି ନଂ.-୧୦୮, ତହସିଲ- ମାଥିଲି, ଜିଲ୍ଲା- ମାଲକାନଗିରି
ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା -ପି ରାମଚନ୍ଦ୍ର ଧୋବା ଜା-: ଧୋବା ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା ପି-ମାଧବ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭରତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭରତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭରତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭରତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭରତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭରତ ପରମା ପି-ମଙ୍ଗରାଜ ପରମା ଜା- ଭୂମିଆ ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୬୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୬ | ଧାନ ଏକ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୬ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୬ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୬ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୯୪ | ୨୬୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦନାୟକ ପି-ଭଗବାନ ନାୟକ , ସୀତା ନାୟକ ସ୍ୱା-ମୁକୁନ୍ଦ ନାୟକ ଜା-: ଭୂମିଆ ବା-ମାଥିଲି |
| | ୨୬୫ | ୨.୬୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫ /୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା ପି-ହାଡୁ ବନ୍ଧୁ ହୋତା ଜା-: ବ୍ରାହ୍ମଣ ବା-ମାଥିଲି |
| ୬୨/୨୮ | ୨୯୩/୫୩ ୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟୁଲୁ ମାଡି ପି-ପାଣ୍ଡୁ ମାଡି ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯ ୪ | ୦.୨୧୦ | ୦.୨୧୦୦ | ଘରବାରୀ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୨୩୮ | ୩୧୯/୭୦ ୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ ସ୍ୱା-ଦିଲ୍ଲିପ କୁମାର କର ଜା-ବ୍ରାହ୍ମଣ ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦ ୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣି ପାତ୍ର ସ୍ୱା-:ଇ. ରାଜ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୦ | ୩୧୯/୭୦ ୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୧ | ୩୧୯/୭୦ ୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ରଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୨ | ୩୧୯/୭୦ ୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ମଲ୍ଲିକ ଜା-:ଭଣ୍ଡାରୀ ବା-ମାଥିଲି |
| ୬୨/୨୪୩ | ୩୧୯/୭୦ ୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ ପି- ବିଶ୍ୱ ନାଥ ସାମଲ ଜା-:ଖଣ୍ଡାୟତ ବା-ମାଥିଲି |
| ୬୨/୨୪୯ | ୩୧୯/୭୦ ୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ ପି-ଇଶ୍ୱର ଚନ୍ଦ୍ର ପଟ୍ଟନାୟକ ଜା-କରଣ ବା-ମାଥିଲି |
| ୬୨/୨୫୦ | ୩୧୯/୭୦ ୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଳୁ ବିଶୋଇ ପି-କରପା ବିଶୋଇ ଜା-କାଳଞ୍ଜି ବା-ଧବଳପୁର ଗଞ୍ଜାମ |
| ୬୨/୨୫୧ | ୩୧୯/୭୦ ୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି ପି-ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଜା-:କରଣ ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦ ୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ ସ୍ୱା-ସୁଧାକର ସେଠି ଜା-ଧୋବା ବା-ମାଥିଲି |
| ୬୨/୨୫୩ | ୩୧୯/୭୦ ୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ ପ-ସନାତନ ସାମର୍ଲ ଜା-ଖଣ୍ଡାୟତ ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦ ୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ ଜା-ଖଣ୍ଡାୟତ ବା-ଏଡୁକେସନ କଲୋନି ମାଲକାନଗିରି |
| ୬୨/୨୧୭ | ୩୧୯/୭୦ ୭ | ୦.୮୦୧ | ୦.୪୨୫୨ | ଧାନ ଏକ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡ୍ରିପାଣୀ |
| ୬୨/୨୪୨ | ୩୨୪/୭୦ ୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ବାରିକ ଜା-ଭଣ୍ଡାରି ବା-ମାଥିଲି |
| ୬୨/୨୪୭ | ୩୨୫/୭୦ ୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହି ପି-ମୁକ୍ତିକାନ୍ତ ପାଣିଗ୍ରାହି ଜା-:ବ୍ରାହ୍ମଣ ବା-୧୧୯ କଲୋନି ମାଲକାନଗିରି |
| ୬୨/୨୧୬ | ୩୧୧/୫୬ ୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ ପି-ଗଙ୍ଗାଧର ନାୟକ ଜା-:ଖଣ୍ଡାୟତ ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦ ୮' | ୦.୧୦୯ | ୦.୦୮୨୧ | ଧାନ ଦୁଇ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡ୍ରିପାଣୀ |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପିତା- ସତ୍ୟ ନାରାୟଣ ପଟ୍ଟନାୟକ, ଜା- କରଣ ବା - ଅମ୍ବା ଗୁଡା ଜୟପୁର, ଧୋବା ରଣା, ପି- ଭରତ ରଣା, ଜା- ରଣା, ବା- ପାଣ୍ଡ୍ରିପାଣୀ |
| ୬୨/୨୬୯ | ୩୧୧/୫୬ ୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି- ପଂଚାନନ ମିଶ୍ର, ଜା- ବ୍ରାହ୍ମଣ, ବା- ନିଜଗାଁ |
| ୬୨/୨୭୦ | ୩୧୧/୫୬ ୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜିବ ନାୟକ, ପି- ଲକ୍ଷ୍ମଣ ନାୟକ, ଜା- ଗୌଡ,ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

ତଫସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୁଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ ,ମାଲକାନଗିରି


OIPR-24074/14/0019/2526

## ଆଜିର ଇତିହାସ

- ୧୭୭୧- ଶାହା ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୭୭- ଜଣାଶୁଣା ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଦେହାନ୍ତ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।

## ଆଜି ଆସିଥିଲେ

# ମହାନ୍ ଜନନାୟକ ଅଟଳ ବିହାରୀ ବାଜପେୟୀ



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଆଜି ଜନ୍ମ ଜୟନ୍ତୀ। ଜଣେ ଉଦାରବାଦୀ ନେତା ଭାବେ ବାଜପେୟୀ ଥିଲେ ବେଶ୍ ଲୋକପ୍ରିୟ। ନିଜର ଭାଷଣର ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ଜଣେ ରାଜନେତା ଭାବେ ସେ ଯେତିକି ପରିଚିତ ହୋଇଥିଲେ ତାଙ୍କର କାଳଜୟୀ କବିତା ପାଇଁ ସେତିକି ଲୋକପ୍ରିୟ ହୋଇଥିଲେ । ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ଥିଲେ ଯାହାଙ୍କ କଥା ଓ କବିତାରେ ବିରୋଧୀ ବି ତାଳି ମାରିବାକୁ ପଛାଉ ନ ଥିଲେ । ତିନି ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ବାଜପେୟୀ । ସେ ୧୯୨୪ ମସିହା ଆଜିର ଦିନରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ ହେଉଛି କୃଷ୍ଣା ଦେବୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍)ରେ ସ୍ୱୟଂସେବକ ହୋଇଥିଲେ। ଏପରିକି ସେ ଅଧାରୁ ପାଠଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କାନପୁରରେ ଏଲ୍ଏଲ୍‌ବି ପଢ଼ା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ୍ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ବାଜପେୟୀ ୧୯୫୧ରେ ରାଜନୀତିରେ ପାଦ ଥାପିଲେ। ୧୯୫୫ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସାଂସଦ ହୋଇଥିଲେ । ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାର୍‌ଜୀ ଦେଶାଇ ସରକାର ସମୟରେ ସେ ବିଦେଶ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ବାଜପେୟୀ ୩ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। କେବଳ ଉଦାରବାଦ ହିଁ ନୁହେଁ ପରାକ୍ରମରେ ମଧ୍ୟ ବାଜପେୟୀଙ୍କ ଜବାବ ନଥିଲା। ସେ ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ସହ ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକ ପ୍ରୟାସ କରିଥିଲେ। ନିଜ ଦଳର ଅନେକ ନେତାଙ୍କ ଦ୍ୱାରା ବିରୋଧର ଶିକାର ହେବା ସତ୍ତ୍ୱେ ସେ ପାକିସ୍ତାନ ଯାତ୍ରା କରିଥିଲେ। ହେଲେ ଏହାପରେ ୧୯୯୯ ମସିହାରେ ପାକିସ୍ତାନ କାରଗିଲ ଯୁଦ୍ଧ ଆରମ୍ଭ କରି ବିଶ୍ୱାସଘାତ କରିଥିଲା। ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା। ଯୁଦ୍ଧରେ ଭାରତର ବିଜୟ ପାଇଁ ଭାରତୀୟ ସେନାର ପରାକ୍ରମ ସହ ବାଜପେୟୀଙ୍କ ନେତୃତ୍ୱକୁ ସାରା ବିଶ୍ୱ ପ୍ରଶଂସା କରିଥିଲା। ବାଜପେୟୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିସାନ' ସ୍ଲୋଗାନରେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ଦେଶ ପ୍ରତି ଥିବା ତାଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।



# ଅକ୍ଟୋବର ୨ରେ 'ଦୃଶ୍ୟମ୍ ୩'


ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ 'ଦୃଶ୍ୟମ୍' ଓ 'ଦୃଶ୍ୟମ୍ ୨'କୁ ଦର୍ଶକୀୟ ଆଦୃତି ମିଳିଥିଲା। କ୍ରାଇମ୍ ଥ୍ରୀଲର୍ ଉପରେ ଆଧାରିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ଇତିମଧ୍ୟରେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ଏହି ଫିଲ୍ମ ଅକ୍ଟୋବର ୨, ୨୦୨୬ରେ ପରଦାକୁ ଆସିବ। ତେବେ ଫିଲ୍ମ ନିର୍ମାତା ଏକ ଭିଡିଓ ମାଧ୍ୟମରେ 'ଦୃଶ୍ୟମ୍ ୩' ବିଷୟରେ ଘୋଷଣା କରିଛନ୍ତି। ୧ ମିନିଟ୍ ୧୩ ସେକେଣ୍ଡର ଏହି ଭିଡିଓରେ ଅଜୟଙ୍କ ଦମ୍‌ଦାର୍ ସ୍ୱର ଶୁଣାଯାଉଛି। ଭିଡିଓରେ ଅଜୟ ଲୋକଙ୍କୁ ତାଙ୍କ ପରିବାର ସମ୍ପର୍କରେ କହୁଥିବାର ଶୁଣାଯାଉଛି। ଭିଡିଓର ଶେଷରେ ବିଜୟ ସଲଗାଁଓକର(ଅଜୟ) କହୁଛନ୍ତି, 'କାହାଣୀ ଏବେ ସରି ନାହିଁ। ଶେଷ ଅଂଶ ବାକି ଅଛି।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଜୟ ପାଠକ ରହିଛନ୍ତି। 'ଦୃଶ୍ୟମ୍ ୨' ଯେଉଁଠାରେ ସରିଥିଲା, ସେହିଠାରୁ 'ଦୃଶ୍ୟମ୍ ୩'ର କାହାଣୀ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅନ୍ୟ କେଉଁ କଳାକାରମାନେ କାମ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏଠାରେ ପ୍ରକାଶ ଥାଉ କି 'ଦୃଶ୍ୟମ୍' ମୋହନଲାଲଙ୍କ ମଲାୟାଲମ୍ ଫିଲ୍ମର ହିନ୍ଦୀ ରିମେକ୍। ଏହି ଫିଲ୍ମ ୨୦୧୫ରେ ଆସିଥିଲା। ଏହା ବକ୍ସଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ସାତ ବର୍ଷ ପରେ ୨୦୨୨ରେ 'ଦୃଶ୍ୟମ୍ ୨' ଆସିଥିଲା। ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜନେସ୍ କରିଥିଲା। ଏବେ ଏହାର ଚାରି ବର୍ଷ ପରେ 'ଦୃଶ୍ୟମ୍ ୩' ଆସିବ। କିଛି ଦିନ ପୂର୍ବରୁ ମୋହନଲାଲ 'ଦୃଶ୍ୟମ୍ ୩' (ମଲାୟାଲମ୍) ସୁଟିଂ ଆରମ୍ଭ କରିଥିବା ଘୋଷଣା କରିଥିଲେ। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ମଲାୟାଲମ୍ ନିର୍ମାତା ଏହାକୁ ହିନ୍ଦୀରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି।




# ପବିତ୍ର ବଡ଼ଦିନ

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ଖୁସିରେ ଖ୍ରୀଷ୍ଟମାସ ତଥା ପବିତ୍ର ବଡ଼ଦିନକୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବଡ଼ ଧୂମଧାମ୍‌ରେ ପାଳନ କରିଥାନ୍ତି । ପବିତ୍ର ଗ୍ରନ୍ଥ ବାଇବେଲ୍‌ରେ ଯୀଶୁଙ୍କ ଜନ୍ମଦିନକୁ ନେଇ ସଠିକ୍ ତାରିଖ ଉଲ୍ଲେଖ ନ ଥିଲେ ମଧ୍ୟ ଏହି ଦିନକୁ ସାରା ବିଶ୍ୱରେ କ୍ରିସ୍‌ମାସ୍ ଭାବେ ପାଳନ କରାଯାଇଥାଏ। ବାଇବେଲ ଅନୁସାରେ, ଭଗବାନ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ପୃଥିବୀରେ ପ୍ରେମ ଏବଂ ଶ୍ରଦ୍ଧାର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଧରାବତରଣ କରିଥିଲେ । ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ଦୟା, କ୍ଷମା, କରୁଣାର ଅବତାର ଥିଲେ ପ୍ରଭୁ ଯୀଶୁ। ମାନବ ସମାଜକୁ ଦିଗ୍‌ଦର୍ଶନ ଦେବା ଲାଗି ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସେ ଧରାବତରଣ କରିଥିଲେ। ସମାଜର ମଙ୍ଗଳ ପାଇଁ ସେ ହସିହସି ପ୍ରାଣବଳି ଦେଇଥିଲେ। ପ୍ରଭୁ ଯୀଶୁ ମାନବ ସମାଜକୁ ପ୍ରେମ ଏବଂ ମାନବିକତା ଶିକ୍ଷା ଦେଇଥିଲେ। ସେ ଜଗତର ଲୋକଙ୍କୁ ପ୍ରେମ ଏବଂ ଭାଇଚାରା ସହିତ ବଞ୍ଚିବାକୁ ବାର୍ତ୍ତା ଦେଇଥିଲେ। ଏହି ଦିନଟିକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବଡ଼ଦିନ ପାଳନ ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ବଡ଼ଦିନ ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି କ୍ରିସ୍‌ମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି କ୍ରିସ୍‌ମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ସାଧାରଣତଃ ପାଇନ୍ ବା ଫର୍ ଗଛ କିମ୍ବା ଚେରି ଗଛରେ କ୍ରିସ୍‌ମସ୍ ଟ୍ରି ପ୍ରସ୍ତୁତ ହୋଇଥାଏ। ତ୍ରିଭୂଜାକାର ଗଛ ଡାଳରେ ରଙ୍ଗିନ ବଲ୍, ଚକୋଲେଟ୍ ଓ ତାରା ଖଞ୍ଜାଯାଇ ଏହାକୁ ସଜାଯାଏ। ଖ୍ରୀଷ୍ଟମାସ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। । ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସଭିଁଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ଏହା ଖ୍ରୀଷ୍ଟମାସ ସହିତ ଜଡିତ ଏକ ଲୋକପ୍ରିୟ କାଳ୍ପନିକ ଚରିତ୍ର । ଖ୍ରୀଷ୍ଟମାସ ରାତିରେ ବଡ଼ ଧଳା ଦାଢ଼ି ରଖିଥିବା ସାନ୍ତା କ୍ଲଜ୍ ସ୍ୱର୍ଗରୁ ପ୍ରତ୍ୟେକ ଘରକୁ ଓହ୍ଲାଇ ଆସି ଖ୍ରୀଷ୍ଟମାସ ଗଛ ପାଖରେ ପିଲାମାନଙ୍କ ପାଇଁ ଉପହାର ଛାଡ଼ି ଯାଆନ୍ତି ବୋଲି କୁହାଯାଏ । ତେଣୁ ଏହି ଦିନରେ କିଛି ବ୍ୟକ୍ତି ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି। ସାନ୍ତାକ୍ଲଜ୍ ବିଷୟରେ ଅନେକ ଲୋକକଥା ରହିଛି । ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମତରେ, ସନ୍ଥ ନିକୋଲାସଙ୍କୁ ହିଁ ସାଣ୍ଟାକ୍ଲଜ୍ ଭାବେ ବର୍ଣ୍ଣିତ କରାଯାଇଛି । ସମଗ୍ର ବିଶ୍ୱର ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ନିଜ ନିଜ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ଭକ୍ତି ଓ ବିଶ୍ୱାସର ସହିତ ପାଳନ କରନ୍ତି ।

# ଫାଇବର ଦିଏ ଦୀର୍ଘାୟୁ



ଫିଟ୍ ରହିବା ତଥା ଦୀର୍ଘାୟୁ ହେବା ଲାଗି ଆଜିକାଲି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି। କିଏ ଜିମ୍ ଯାଉଛନ୍ତି ତ ଆଉ କିଏ ମହଙ୍ଗା ସପ୍ଲିମେଣ୍ଟ ନେଉଥିବା ବେଳେ ଅନେକ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାରି ଭିତରେ ଲଣ୍ଡନର ପ୍ରତିଷ୍ଠିତ ହାର୍ଟ ସର୍ଜନ ଡାକ୍ତର ଜେରେମି ଲଣ୍ଡନ କହିଛନ୍ତି, ଦୀର୍ଘାୟୁ ହେବା ପାଇଁ ତଥା ଉତ୍ତମ ସ୍ୱାସ୍ଥ୍ୟ ଲାଗି ଏସବୁର କୌଣସି ଆବଶ୍ୟକତା ନାହିଁ। ତାଙ୍କ ମତରେ, ନିତିଦିନ ଖାଦ୍ୟରେ ହିଁ ଦୀର୍ଘାୟୁ ହେବାର ରହସ୍ୟ ଲୁଚି ରହିଛି। ଦୀର୍ଘାୟୁ ହେବା ଲାଗି ମୁଖ୍ୟ ଉପାଦାନ ହେଉଛି ଫାଇବର୍ ବା ତନ୍ତୁ। ଏହା କୌଣସି ଚମତ୍କାରୀ ଔଷଧ ନୁହେଁ କିମ୍ବା ଏହାର ପ୍ରଭାବ ତୁରନ୍ତ ଦେଖିବାକୁ ମିଳି ନ ଥାଏ। ଏହାର ପ୍ରଭାବ ଧୀରେ ଧୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଡାକ୍ତର ଜେରେମି ଏହାକୁ ନେଇ ଏକ ଭିଡିଓ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ସେ କହିଛନ୍ତି, ବୟସାଧିକ ଲୋକଙ୍କୁ ଫାଇବରଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ। କାରଣ ବୟସ ବଢ଼ିଲେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଭଲ ରହେ। ହେଲେ ବାସ୍ତବରେ ଫାଇବର ପ୍ରତ୍ୟେକ ବୟସବର୍ଗଙ୍କ ଲାଗି ଜରୁରି। ଫାଇବର ହୃଦୟ ଏବଂ ମେଟାବଲିଜିମ୍ ସ୍ୱାସ୍ଥ୍ୟକୁ ମଜଭୁତ ରଖେ। ଏହାଦ୍ୱାରା ମଧୁମେହ ଏବଂ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ଏପରିକି ପାଚନତନ୍ତ୍ର ଉପରେ ଫାଇବରର ସବୁଠୁ ଭଲ ପ୍ରଭାବ ପଡ଼ିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ଏଥିଯୋଗୁ ଅନ୍ତନଳୀ ରୋଗ ହେବା ଆଶଙ୍କା କମ୍ ଥାଏ। ସେହିପରି ଆବଶ୍ୟକତା ଅନୁସାରେ, ଫାଇବର ଗ୍ରହଣ କଲେ ଏହା ଯୋଗୁଁ କୋଲନ୍ କ୍ୟାନସର ଆଶଙ୍କା ହ୍ରାସ ପାଏ। ତେଣୁ ଫାଇବରକୁ କେବଳ ଖାଦ୍ୟ ହଜମ ପାଇଁ ନୁହେଁ, ବରଂ ପୂରା ସ୍ୱାସ୍ଥ୍ୟ ସହିତ ଯୋଡ଼ି ଦେଖିବା ଉଚିତ। କିଛି ଫାଇବର ଅନ୍ତନଳୀରେ ଥିବା ଥିବା ଭଲ ଜୀବାଣୁକୁ ଖାଦ୍ୟ ପ୍ରଦାନ କରେ। ଏହି ଜୀବାଣୁ ଶରୀରରେ ମେଟାବୋଲିଜିମ୍‌ରେ ସୁଧାର ଆଣେ ଏବଂ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହି ପ୍ରକ୍ରିୟା ବୟସ ବୃଦ୍ଧି ସହିତ ହେଉଥିବା ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଅଧିକାଂଶ ଲୋକ ନିତିଦିନ ପର୍ଯ୍ୟାପ୍ତ ପରିମାଣର ଫାଇବର ଗ୍ରହଣ କରି ନ ଥାନ୍ତି। ତେବେ ଗବେଷଣାନୁସାରେ, ଫାଇବର ସେବନ ଯେତେ ବଢ଼େ, ଏହାର ଫାଇଦା ବି ସେହି ଅନୁସାରେ ବୃଦ୍ଧି ପାଏ। ଅନ୍ୟପକ୍ଷରେ ଫାଇବର ପାଇଁ କିଛି ଅଲଗା ଖାଦ୍ୟ ଖାଇବାର ଆବଶ୍ୟକତା ନାହିଁ, ବରଂ ନିତିଦିନ ଖାଉଥିବା ଖାଦ୍ୟରେ ହିଁ ଏହା ରହିଛି। ତେଣୁ ଫାଇବର ଲାଗି ନାସପାତି, ସେଓ, ଷ୍ଟ୍ରବେରି, ରସବେରି, କଦଳୀ, ଗାଜର, ବିଟ୍, ବ୍ରୋକଲି କନ୍ଦମୂଳ ଆଦିକୁ ଖାଦ୍ୟରେ ସାମିଲ କରିବା ଭଲ।



# କାଫେକୁ ସମର୍ପିତ ଭବିଷ୍ୟତ ଚିଠି

ପ୍ୟାରିସ୍‌ରେ 'କାଫେ ପ୍ଲି' ନାମକ ଏକ ନିଆରା କାଫେ ଏବେ ଚର୍ଚ୍ଚା ସାଉଁଟୁଛି। ଏହି କାଫେ ଗ୍ରାହକଙ୍କୁ ନିଜ ଆଶା, ସ୍ୱପ୍ନ ତଥା ଗୁପ୍ତ କଥାକୁ କାଗଜରେ ଲେଖିବାର ଅନୁମତି ପ୍ରଦାନ କରିଥାଏ। ଅବଶ୍ୟ ଗ୍ରାହକ କାଗଜରେ ଲେଖୁଥିବା କଥା ସିଲ୍ ହୋଇଯିବା ପରେ କାଫେ ଏହାକୁ ସୁରକ୍ଷିତ ଭାବେ ସାଇତି ରଖେ। କେବଳ ସେତିକି ନୁହେଁ, ଉକ୍ତ କାଫେ ପାଞ୍ଚ ବର୍ଷ କି ୨୦ ବର୍ଷ ପରେ ଚିଠିଟିକୁ ସମାନ ତାରିଖରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାମ କରେ। ଏହି କାଫେଟିକୁ ୨୦୨୪ ମସିହା ଜୁଲାଇରେ ଜେନେଭିଭ ଲ୍ୟାଣ୍ଡସମ୍ୟାନ୍ ପ୍ରତିଷ୍ଠା କରିଥିଲେ। ୟୁରୋପର ଏହା ପ୍ରଥମ କାଫେ, ଯାହାକି ଭବିଷ୍ୟତ ଉଦ୍ଦେଶ୍ୟରେ ଲେଖାଯାଉଥିବା ଚିଠି ଲାଗି ସମର୍ପିତ। ଦକ୍ଷିଣ କୋରିଆର ସିଓଲରେ ଥିବା 'ନଲଡ୍ୟାମ୍ ସ୍ୱେଶ୍' ନାମକ କାଫେଦ୍ୱାରା ପ୍ରେରିତ ହୋଇ ଜେନେଭିଭ ଏଭଳି ଏକ କାଫେ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ତେବେ ଗ୍ରାହକ ଲଫାପା, ପୋଷ୍ଟକାର୍ଡ, କଲମ, ପେନ୍‌ସିଲ, ସିଲିଂ ୱାକ୍ସ, ଷ୍ଟିକର ଆଦିରେ ନିଜ ମନକଥା ଲେଖିବାର ସୁଯୋଗ ପାଇଥାନ୍ତି। ନିଜ ପାଇଁ ହେଉ ଅବା ନିଜ ମନର ମଣିଷ ପାଇଁ ପ୍ରତ୍ୟେକ ଚିଠିକୁ ଜଣେ ନିଜ ପସନ୍ଦ ଅନୁସାରେ ଲେଖିପାରିବେ। ଏହି କାଫେକୁ ଗ୍ରାହକ ଆସିବା ପରେ କଫି କି ପେଷ୍ଟ୍ରି ଅର୍ଡର ଦେବାକୁ ହୁଏ। ଏହାପରେ ଗ୍ରାହକ ଜଣକ କେଉଁଥିରେ ନିଜର ମନକଥା ଲେଖିବେ ତାହା ବାଛିବାକୁ ହୋଇଥାଏ। ଜଣେ ଏଠାରେ ନିଜ ପାଇଁ କି ଅନ୍ୟ କାହା ପାଇଁ ଚିଠି ଲେଖିପାରିବେ। ଲେଖିବା ପରେ ଲଫାପାକୁ ସୁନ୍ଦର ଭାବେ ସଜାଇ ତାହାକୁ ସିଲ୍ କରାଯାଏ। ଅବଶ୍ୟ ଏହି ସିଲ୍ ମହମକୁ ତରଳାଇ କରିବାକୁ ହୋଇଥାଏ। ଏହାପରେ ଗ୍ରାହକ ଚିଠିକୁ କାଫେରେ ଥିବା ବାକ୍ସ ମଧ୍ୟରେ ରଖନ୍ତି। କାନ୍ଥରେ ଥିବା ପ୍ରତ୍ୟେକ ବାକ୍ସ ବିଭିନ୍ନ ଡେଲିଭରି ସମୟକୁ ନେଇ ରହିଛି। ଏଠାରେ ବର୍ଷେ, ପାଞ୍ଚବର୍ଷ କିମ୍ବା ୨୦ ବର୍ଷରେ ଚିଠି ପହଞ୍ଚାଇବାର ସୁବିଧା ଅଛି। ଅବଶ୍ୟ ଚିଠିଟିକୁ ଯେଉଁ ଦିନ ପହଞ୍ଚାଇବାର ଥାଏ, ସେହି ବାକ୍ସକୁ ଚୟନ କରିବାକୁ ହୋଇଥାଏ। ଏହାପରେ କାଫେ କର୍ମଚାରୀ ଏହାକୁ ସୁରକ୍ଷିତ ଭାବେ ସାଇତି ରଖନ୍ତି ଏବଂ ଯେଉଁ ତାରିଖରେ ପ୍ରାପ୍ତକର୍ତ୍ତାଙ୍କ ପାଖରେ ପହଞ୍ଚିବାର ଥାଏ, ସେଦିନ ଚିଠିକୁ ଡେଲିଭରି ଦିଆଯାଏ। ଅବଶ୍ୟ ଚିଠି ପହଞ୍ଚାଇବା ପାଇଁ ଲୋକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ। ବର୍ଷକ ପାଇଁ ୧୫୦୦, ପାଞ୍ଚ ବର୍ଷ ଲାଗି ୨୪୦୦, ୨୦ ବର୍ଷ ଏଲାଗି ୪,୩୦୦ ଟଙ୍କା ଦେବାକୁ ହୁଏ।

# କ୍ରିସ୍‌ମାସ୍ କେଶ ବିନ୍ୟାସ

କ୍ରିସ୍‌ମାସ୍ ପାର୍ଟିକୁ ନେଇ ମହିଳାମାନେ ଅଧିକ ଉତ୍ସାହିତ ଥାଆନ୍ତି। ଏଥିପାଇଁ ସାଜସଜଠୁ ନେଇ ବେଶପୋଷାକ ପ୍ରତି ଧ୍ୟାନ ଦିଅନ୍ତି। ଏଥିପାଇଁ ମହିଳାମାନେ ମେକ୍‌ଅପ୍ ସହ କେଶ ବିନ୍ୟାସ ମଧ୍ୟ କରନ୍ତି। ସେହିପରି କ୍ରିସ୍‌ମାସ୍‌ରେ ଆକର୍ଷଣୀୟ କେଶ ବିନ୍ୟାସ ଚାହୁଁଥିଲେ ମାଳି, ବୋ- କ୍ଲିପ୍ ଆଦି ଲଗାଇପାରିବେ। ଏହା କେଶକୁ ସୁନ୍ଦର କରିଥାଏ।



- କ୍ରିସ୍‌ମାସ୍ ପାର୍ଟିରେ ରେଡ୍ ଆଉଟ୍‌ଫିଟ୍ ସହ ଏକ ସୁନ୍ଦର ଲୁକ୍ ଚାହୁଁଥିଲେ, ବୋ-ଡିଜାଇନ ନାଲିରଙ୍ଗ ହେୟାର ଆସେସରିଜ୍ ବ୍ୟବହାର କରିପାରିବେ।
- ସେହିପରି ମହିଳାମାନେ କେଶରେ କ୍ଲିପ୍ ବଦଳରେ ନାଲି , ସବୁଜ ରଙ୍ଗ କ୍ଲିପ୍ ଲଗାଇପାରିବେ।
- କ୍ରିସ୍‌ମାସ୍ ପାର୍ଟିରେ କେଶକୁ ଖୋଲା କରି ଏଥିରେ ନାଲି ବୋ କ୍ଲିପ୍ ଲଗାଇପାରିବେ। ଏହା କେଶକୁ ଖୁବ୍ ସୁନ୍ଦର ମାନିଥାଏ।
- ସେହିପରି କେଶକୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏଥିରେ ଛୋଟ ନାଲିମାଳି, ଛୋଟ ବଲ୍ ଲଗାଇ କେଶକୁ ସଜାଇପାରିବେ। ସେହିପରି ଚାହିଁଲେ ନାଲି ରିବନ ଫିତାବାନ୍ଧି କେଶକୁ ସୁନ୍ଦର କରିପାରିବେ। କେଶକୁ ବାନ୍ଧିବା ବଦଳରେ ଛାଡ଼ିଲେ, ଭଲ ମାନିଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ବିଜୟ ହଜାରେ ଟ୍ରଫିରେ ରେକର୍ଡ ବର୍ଷା

# ବିହାର ଓ ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ





ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୧୨(ଏଜେନ୍ସି/ସମିସ): ଭାରତର ଲିଷ୍ଟ-ଏ (ଘରୋଇ ଦିନିକିଆ ଫର୍ମାଟ) କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜି ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଦୁଇଟି ବିଶ୍ୱରେକର୍ଡ ସହ ଅଧା ଡଜନରେ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ୬ ୱିକେଟରେ ୫୭୪ ରନ୍ କରି ବିଶ୍ୱର ସମସ୍ତ ଲିଷ୍ଟ-ଏ' (ଅନ୍ତର୍ଜାତୀୟ ମ୍ୟାଚ୍ ସମେତ) କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର କରିଛି। ଏହି ମ୍ୟାଚ୍‌ରେ ଟିନ୍‌ଏଜ୍ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ୨୭୨ ଦିନରେ ଶତକ ହାସଲ କରି ବିଶ୍ୱର ସର୍ବକନିଷ୍ଠ ସେଞ୍ଚୁରିଆନ୍ ଭାବେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ୍ ଗନି ୩୨ ବଲ୍‌ରେ ଶତକ ହାସଲ କରି ଭାରତରେ ଦ୍ରୁତତମ ଓ ବିଶ୍ୱରେ ତୃତୀୟ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏଠାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀ ୩୬ ବଲ୍‌ରେ ଓ ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇଶାନ କିସାନ ୩୩ ବଲ୍‌ରେ ଶତକ ହାସଲ କରି ଯଥାକ୍ରମେ ଭାରତର ଚତୁର୍ଥ ଓ ଦ୍ୱିତୀୟ ଦ୍ରୁତତମ ଶତକହାସଲ କରିବାରେ ରେକର୍ଡ କରିଛନ୍ତି।

ଓଡ଼ିଶା ମଧ୍ୟ ଆଜିର ରେକର୍ଡ ବହିରେ ସାମିଲ ହୋଇଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଦଳର ଓପନର ସ୍ୱସ୍ତିକ ସାମଲ ୨୧୨ ରନ୍ କରି ରାଜ୍ୟର ପ୍ରଥମ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ସତ୍ତ୍ୱେ ଦଳ ୫ ୱିକେଟରେ ପରାଜିତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଅନେକ ଖେଳାଳି ମଧ୍ୟ ବ୍ୟକ୍ତିଗତ ରେକର୍ଡ ବହିରେ ନିଜ ନାମ ଲିପିବଦ୍ଧ କରିଛନ୍ତି।

### ଲିଷ୍ଟ-ଏ'ରେ ବିଶ୍ୱ ରେକର୍ଡ ଦଳଗତ ସ୍କୋର

**ବିହାର-୫୭୬/୪ ବନାମ ଅରୁଣାଚଳ ପ୍ରଦେଶ**

ରାଞ୍ଚି: ଏଠାରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୨୦୨୫-୨୬ ସିଜନ ବିଜୟ ହଜାର ଟ୍ରଫି ପ୍ଲେଟ୍ ଲିଗ୍‌ର ଏକ ମ୍ୟାଚ୍‌ରେ ବିହାର ୫୦ ଓଭରରେ ୫୭୬ ରନ୍ ସଂଗ୍ରହ କରିଛି। ଦିନିକିଆ ବା ୫୦ ଓଭର ଫର୍ମାଟରେ ଏହି ବିଶ୍ୱରେ ସର୍ବାଧିକ ଦଳଗତ ସ୍କୋର। ପୂର୍ବରୁ ଏହି ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ନଭେମ୍ବର ୨୧ ତାରିଖ ବେଙ୍ଗାଲୁରୁରେ ଖେଳାଯାଇଥିବା ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ୱିକେଟରେ ୫୦୬ ରନ୍ କରି ଏହି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ଏହି ଫର୍ମାଟରେ କେବଳ ଦୁଇଥର ଗୋଟିଏ ଦଳ ୫୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଏହି ତାଲିକାରେ ଇଂଲଣ୍ଡ ଦଳ ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ଦଳ ୪ ୱିକେଟରେ ୪୯୮ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଛି। ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୯୦, ଆୟୁଷ ଲୋହାରୁକା ୧୧୬ ଓ ସାକିବୁଲ ଗନି ୪୦ ବଲ୍‌ରେ ଅପରାଜିତ ୧୨୮*ରନ କରିଥିଲେ। ବିହାର ଏହି ମ୍ୟାଚ୍‌କୁ ୩୯୭ ରନ୍‌ରେ ଜିତିଥିଲା।

### ସର୍ବକନିଷ୍ଠ ସେଞ୍ଚୁରିଆନ୍: ବୈଭବ ସୂର୍ଯ୍ୟବଂଶୀ

**୧୪ ବର୍ଷ ୨୭୨ ଦିନ ବନାମ ଅରୁଣାଚଳ**

ରାଞ୍ଚି: ଅରୁଣାଚଳ ବିପକ୍ଷ ମ୍ୟାଚ୍‌ରେ ଟିନ୍ ଏଜ୍ ଓପନର ବୈଭବ ସୂର୍ଯ୍ୟବଂଶୀ ୮୪ବଲ୍‌ରେ ୧୯୦ ରନ୍ କରିଛନ୍ତି। ଏଥିରେ ୧୬ଟି ଚୌକା ଓ ୧୫ଟି ଛକା ରହିଛି। ଏହା ଫଳରେ ସେ ମାତ୍ର ୧୪ ବର୍ଷ ୨୭୨ ଦିନରେ ସମସ୍ତ ଲିଷ୍ଟ-ଏ' ମ୍ୟାଚ୍‌ରେ ସର୍ବକନିଷ୍ଠ ଶତକ ହାସଲ କରିବାର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଜହୁର ଇଲାହୀଙ୍କ ନାମରେ ଥିଲା। ୧୯୮୬ ରେଲୱେ ବିପକ୍ଷ ମ୍ୟାଚ୍‌ରେ ଜହୁର ମାତ୍ର ୧୫ ବର୍ଷ ୨୦୯ ଦିନରେ ଶତକ ହାସଲ କରି ଏହି ରେକର୍ଡ କରିଥିଲେ। ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓ ୧୩ ବର୍ଷରେ ଆଇପିଏଲ୍‌ରେ ଶତକ ହାସଲ କରି ସର୍ବକନିଷ୍ଠ ଖେଳାଳି ହେବାର ଯୋଗ୍ୟତା ଅର୍ଜନ କରିଥିଲେ।

### ଗନିଙ୍କ ୩୨ ବଲ୍‌ରେ ଶତକ

**ଲିଷ୍ଟ-ଏ'ରେ ଭାରତରେ ଦ୍ରୁତତମ**

ରାଞ୍ଚି: ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ୍ ଗନି ମାତ୍ର ୩୨ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ଲିଷ୍ଟ-ଏ' କ୍ରିକେଟରେ ସେ ଭାରତର ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଏହି ରେକର୍ଡ ଗତବର୍ଷ ପଞ୍ଜାବର ଅନ୍‌ମୋଲପ୍ରୀତ୍ ସିଂହଙ୍କ ନାମରେ ଥିଲା। ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଅନ୍‌ମୋଲପ୍ରୀତ୍ ୩୫ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ମାତ୍ର ୩୬ ବଲ୍‌ରେ ଶତକ ପୂରଣ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଗନି ରେକର୍ଡ କରିବାର ୧୦ ମିନିଟ୍ ପୂର୍ବରୁ ଆଜି ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଝାଡଖଣ୍ଡ ଅଧିନାୟକ ଇଶାନ କିସାନ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଥିଲେ। ଗନି ତାଙ୍କ ରେକର୍ଡକୁ ଭାଙ୍ଗିଦେଇଥିଲେ। ଲିଷ୍ଟ-ଏ'ରେ ବିଶ୍ୱରେ ଦ୍ରୁତତମ ଶତକ ହାସଲକାରୀଭାବେ ଗନିଙ୍କଠାରୁ ଦୁଇଜଣ କମ୍ ବଲ୍‌ରେ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟେ ଟାସ୍‌ମାନିଆ ବିପକ୍ଷ ମ୍ୟାଚ୍‌ରେ ସାଉଥ୍ ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ୨୯ ବଲ୍‌ରେ ଓ ୨୦୧୪-୧୫ ସିଜନରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ ୩୧ ବଲ୍‌ରେ ଶତକ ହାସଲ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ବିଶ୍ୱର ପ୍ରଥମ ୫ଜଣ ଦ୍ରୁତତମ ଶତକହାସଲକାରୀଙ୍କ ମଧ୍ୟରେ ଭାରତର ୩ ଜଣ ଖେଳାଳି ରହିଛନ୍ତି।

### ବିଶ୍ୱ ଲିଷ୍ଟ-ଏ'ରେ ୫ଟି ସର୍ବୋଚ୍ଚ ଦଳଗତ ସ୍କୋର

| ସ୍କୋର | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ/ବର୍ଷ |
|---|---|---|---|---|
| ୫୭୪/୬ | ବିହାର | ଅରୁଣାଚଳ ପ୍ର. | ରାଞ୍ଚି | ୨୪-୧୨-୨୦୨୫ |
| ୫୦୬/୨ | ତାମିଲନାଡୁ | ଅରୁଣାଚଳ ପ୍ର. | ବେଙ୍ଗାଲୁରୁ | ୨୧-୧୧-୨୦୨୨ |
| ୪୯୮/୪ | ଇଂଲଣ୍ଡ | ନେଦରଲାଣ୍ଡସ | ଆମଷ୍ଟଲଭିନ୍ | ୧୭-୬-୨୦୨୨ |
| ୪୯୬/୪ | ସରେ | ଗ୍ଲୁସେଷ୍ଟରସାୟର | ଓଭାଲ | ୨୯-୪-୨୦୦୭ |
| ୪୮୧/୬ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ନଟିଂହାମ | ୧୯-୬-୨୦୧୮ |

### ବିଶ୍ୱ ଲିଷ୍ଟ-ଏ'ରେ ୧୦ଟି ଦ୍ରୁତତମ ଶତକ

| ବଲ୍ | ଖେଳାଳି | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ତାରିଖ/ବର୍ଷ |
|---|---|---|---|---|
| ୨୯ | ଜେକ୍ ଫ୍ରେଜର | ସାଉଥ୍ ଅଷ୍ଟ୍ରେଲିଆ | ଟାସ୍‌ମାନିଆ | ୨୦୨୩-୨୪ |
| ୩୧ | ଏବି ଡିଭିଲର୍ସ | ଦ.ଆଫ୍ରିକା | ୱେଷ୍ଟଇଣ୍ଡିଜ୍ | ୨୦୧୪-୧୫ |
| ୩୨ | ସାକିବୁଲ ଗନି | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୩ | ଇଶାନ କିସାନ | ଝାଡଖଣ୍ଡ | କର୍ଣ୍ଣାଟକ | ୨୦୨୫-୨୬ |
| ୩୫ | ଅନ୍‌ମୋଲପ୍ରୀତ୍ ସିଂହ | ପଞ୍ଜାବ | ଅରୁଣାଚଳ | ୨୦୨୪-୨୫ |
| ୩୬ | କୋରୀ ଆଣ୍ଡରସନ | ନ୍ୟୁଜିଲାଣ୍ଡ | ୱେଷ୍ଟଇଣ୍ଡିଜ୍ | ୨୦୧୪ |
| ୩୬ | ଜି ରୋଜ୍ | ସମରସେଟ୍ | ଡେଭନ | ୧୯୯୦ |
| ୩୬ | ବୈଭବ ସୂର୍ଯ୍ୟବଂଶୀ | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୭ | ସାହିଦ୍ ଆଫ୍ରିଦୀ | ପାକିସ୍ତାନ | ଶ୍ରୀଲଙ୍କା | ୧୯୯୬ |
| ୩୮ | ରୋଭମାନ ପାୱେଲ | ଜାମାଇକା | ଲିୱାର୍ଡ ଆଇଲାଣ୍ଡ | ୨୦୧୯-୨୦ |

## ସ୍ୱସ୍ତିକ-୨୧୨: ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍



ଅଲୁର: ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ସ୍ୱସ୍ତିକ ସାମଲ ୨୧୨ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ଓପନର ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ରନ୍ କରିଥିଲେ। ଏହା ଫଳରେ ବିଜୟ ହଜାରେ ଟ୍ରଫିରେ ସେ ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍ ହୋଇଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ବିବିସିସି (ବିଶ୍ୱ ବିଜୟୀ ଚନ୍ଦ୍ରଚୂଡ଼) ମହାପାତ୍ର ୨୦୦୫ ଜାନୁଆରୀ ୧୫ରେ ଯାଦବପୁର ୟୁନିଭର୍ସିଟି ଗ୍ରାଉଣ୍ଡରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ କରିଥିବା ୧୪୫ ରନ୍ ଓଡ଼ିଶାର ଲିଷ୍ଟ-ଏ'ରେ ସର୍ବାଧିକ ସ୍କୋର ରହିଥିଲା।

---

**● ଜାନୁଆରୀ ୧୧ରୁ ୩୧ ସୀମିତ ଓଭର ସିରିଜ୍**

# ଭାରତ ଗସ୍ତ ଲାଗି ନ୍ୟୁଜିଲାଣ୍ଡ ଦଳ

ଅକ୍‌ଲାଣ୍ଡ,୨୪।୧୨(ଏଜେନ୍ସି): ଆସନ୍ତାବର୍ଷ ଭାରତ ଗସ୍ତରେ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ପ୍ରମୁଖ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଜନ୍ ବ୍ରେସ୍‌ୱେଲଙ୍କୁ ଦିନିକିଆ ଓ ମିଚେଲ ସାଣ୍ଟନରଙ୍କୁ ଟି-୨୦ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍‌ରେ ୩ଟି ଦିନିକିଆ ମ୍ୟାଚ୍ ଜାନୁଆରୀ ୧୧, ୧୪ ଓ ୧୮ ରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଯଥାକ୍ରମେ ଭଦୋଦରା, ରାଜକୋଟ ଓ ଇନ୍ଦୋରରେ ଖେଳାଯିବ। ସେହିପରି ଟି-୨୦ ମ୍ୟାଚ୍ ଗୁଡିକ ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ୨୩, ଗୁଆହାଟୀରେ ୨୫, ବିଶାଖାପାଟଣାରେ ୨୮ ଓ ତିରୁଅନନ୍ତପୁରମରେ ୩୧ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଦିନିକିଆ ଦଳ:** ମାଇକେଲ ବ୍ରେସ୍‌ୱେଲ୍ (ଅଧିନାୟକ), ଜୋସ୍ କ୍ଲାର୍କସନ, ଡେଭନ କନୱେ, ମିଚେଲ ହେ', ହେନରୀ ନିକୋଲସ୍, ୱିଲ ୟଙ୍ଗ୍, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନକ୍ସ, ଆଦିତ୍ୟ ଅଶୋକ, କ୍ରିଷ୍ଟିଆନ୍ କ୍ଲାର୍କ, କାଏଲ ଜାମିସନ, ମାଇକେଲ ରାଏ।

**ନ୍ୟୁଜିଲାଣ୍ଡ ଟି-୨୦ ଦଳ:** ମାର୍କ ଚାପ୍‌ମ୍ୟାନ୍, ଟିମ୍ ସେଇଫର୍ଟ, ମାଇକେଲ ବ୍ରେସ୍‌ୱେଲ, ବେଭନ ଜ୍ୟାକବ୍ସ, ଡାରିଲ ମିଚେଲ, ଜେମ୍ସ ନୀଶାମ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଇସ୍ ସୋଧି।

---

**ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଉଦ୍‌ଘାଟିତ**

# କଣ୍ଟାବାଞ୍ଜିକୁ ହରାଇ ବିଶାଖାପାଟଣା ସେମିରେ



ପାଇକମାଳ,୨୪।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ କଣ୍ଟାବାଞ୍ଜି ଫ୍ରେଣ୍ଡସକୁ ହରାଇ ବିଶାଖାପାଟଣା ରେଲୱେ ସେମିଫାଇନାଲକୁ ପ୍ରବେଶ କରିଛି। କଣ୍ଟାବାଞ୍ଜି ଦଳ ଟସ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶମ୍ଭୁ ହାତୀ ୭୯ ରନ, ଶେଖର ହାତୀ ୫୬ ଓ ଅଂଶୁମାନ ମିଶ୍ର ୫୨ ରନ ସଂଗ୍ରହ କରିଥିଲେ। ଜବାବରେ ୨୨୦ ରନ ବିଜୟ ଲକ୍ଷ୍ୟ ନେଇ ବିଶାଖାପାଟଣା ୧୮.୫ ଓଭରରେ ୬ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଏମ ୱଶବନ୍ତ ୫୯, ଏନଏଲରୟରାଜୁ ୫୮ ଓ ଏମଏସ ଦୀପକ ୪୮ରନ ସଂଗ୍ରହ କରିଥିଲେ। କଣ୍ଟାବାଞ୍ଜି ଦଳରୁ ଗୌରବ ରାଉତ, ବିଜୟ ୨ଟି ଲେଖାଏ ୱିକେଟ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାମାୟା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଏମଡି ଟଙ୍କଧର ସାହୁ ଓ ସମ୍ମାନିତ ଅତିଥି ଭାବେ ଛିନ୍ଦେଇକେଲା ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ନନ୍ଦିକିଶୋର ନନ୍ଦ, ଛିନ୍ଦେଇକେଲା ହାଇସ୍କୁଲ ପ୍ରଧାନଶିକ୍ଷକ କାହ୍ନୁଚରଣ ମେହେର, ମାଳତୀକୁଅଁର ପ୍ରମୁଖ ଖେଳ ଉଦ୍‌ଘାଟନ କରିଥିଲେ। ବିଶାଖାପାଟଣା ରେଲୱେ ଦଳର ଏନଏଲ ରାଜୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆସନ୍ତାକାଲି ପ୍ରୟାଗରାଜ (ୟୁପି) ଓ ରାୟପୁର (ଛତିଶଗଡ) ମଧ୍ୟରେ ମ୍ୟାଚ୍ ହେବ ବୋଲି ଉପଦେଷ୍ଟା ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଓସିଏ ଅମ୍ପାୟାର ଚୁଡାମଣି ପାଢ଼ୀ ଓ ବିଶ୍ୱମ୍ବର ମହାକୁଡ ଖେଳ ପରିଚାଳନା କରିଥିଲେ।

---

## ସନ୍ତୋଷ ଟ୍ରଫିରେ ଓଡ଼ିଶାର କ୍ରମାଗତ ବିଜୟ

କଟକ, ୨୪।୧୨ (ସମିସ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟକ କାର୍ତ୍ତିକ ହନ୍ତାଳ ମ୍ୟାଚର ୪୨ତମ ମିନିଟ୍‌ରେ ଏହି ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲେ। ଫଳରେ ଏବେ ଦୁଇଟି ମ୍ୟାଚରୁ ୨ଟି ବିଜୟ ସହ ଓଡ଼ିଶା ୬ ପଏଣ୍ଟ ପାଇ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଗ୍ରୁପ୍ ମ୍ୟାଚ ଶୁକ୍ରବାର ଆୟୋଜକ ଛତିଶଗଡ଼କୁ ଭେଟିବ।

---

**ଜାତୀୟ କ୍ରୀଡ଼ା ପୁରସ୍କାର**

## ହାର୍ଦ୍ଦିକ ପାଇବେ 'ଖେଳରତ୍ନ', ୨୪ଜଣଙ୍କୁ ଅର୍ଜୁନ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳର ଉପ-ଅଧିନାୟକ ହାର୍ଦ୍ଦିକ ସିଂହଙ୍କ ନାମ ଚଳିତ ବର୍ଷ ଲାଗି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ଖେଳରତ୍ନ' ପୁରସ୍କାର ଲାଗି ସୁପାରିସ କରାଯାଇଛି। ଏକମାତ୍ର କ୍ରୀଡ଼ାବିତ୍ ଭାବେ ହାର୍ଦ୍ଦିକଙ୍କ ନାମକୁ ଚୟନ କମିଟି କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇଛି। ସେହିଭଳି ଯୁବ ଚେସ୍ ତାରକା ଦିବ୍ୟା ଦେଶମୁଖ ଓ ଆଥ୍‌ଲେଟ୍ ତେଜସ୍ୱିନ ଶଙ୍କରଙ୍କ ସମେତ ୨୪ଜଣ କ୍ରୀଡ଼ାବିତଙ୍କ ନାମ 'ଅର୍ଜୁନ' ପୁରସ୍କାର ଲାଗି ସୁପାରିସ ହୋଇଛି। ୨୭ ବର୍ଷୀୟ ହାର୍ଦ୍ଦିକ ୨୦୨୧ ଟୋକିଓ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟପଦକ ବିଜୟୀ ହୋଇଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଚଳିତ ବର୍ଷ ଏସିଆ କପ୍‌ରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ୨୭ ବର୍ଷୀୟ ହାର୍ଦ୍ଦିକ ବର୍ତ୍ତମାନ ସୁଦ୍ଧା ଭାରତ ପାଇଁ ୧୬୬ଟି ମ୍ୟାଚ୍ ଖେଳିସାରିଛନ୍ତି।

**ସୁପାରିସ କ୍ରୀଡ଼ାବିତ୍‌ଙ୍କ ନାମ:**

**ଖେଳରତ୍ନ: ହାର୍ଦ୍ଦିକ ସିଂହ**

**ଅର୍ଜୁନ ପୁରସ୍କାର:** ତେଜସ୍ୱିନ ଶଙ୍କର, ପ୍ରିୟଙ୍କା, ନରେନ୍ଦ୍ର, ଭିଦିତ ଗୁଜରାଥି, ଦିବ୍ୟା ଦେଶମୁଖ, ଧନୁଶ ଶ୍ରୀକାନ୍ତ, ପ୍ରଣତି ନାୟକ, ରାଜକୁମାର ପାଲ୍, ସୁରଜିତ୍, ନିର୍ମଳା ଭାଟି, ରୁଦ୍ରାଂଶ ଖଣ୍ଡେୱାଲ, ଏକତା ଭ୍ୟାନ, ପଦ୍ମନାଭ ସିଂ, ଅରବିନ୍ଦ ସିଂ, ଅଖିଳ ଶୋଓରାନ, ମେହୁଲି ଘୋଷ, ସୁତୀର୍ଥ ମୁଖାର୍ଜୀ, ସୋନମ ମଲିକ, ଆରତି ପଲ୍, ତ୍ରିସା ଜୋଲି. ଗାୟତ୍ରୀ ଗୋପୀଚାନ୍ଦ, ଲାଲରେମସିଆମି, ମହମ୍ମଦ ଅଫଜାଲ ଓ ପୂଜା।

---

# ସ୍ୱସ୍ତିକଙ୍କ ଦ୍ୱିଶତକ, ବିପ୍ଳବଙ୍କ ଶତକ ବୃଥା; ଓଡ଼ିଶା ପରାସ୍ତ



ଭୁବନେଶ୍ୱର,୨୪।୧୨(ସମିସ): ପ୍ରଥମ ଓଡ଼ିଆ ଖେଳାଳି ଭାବେ ସ୍ୱସ୍ତିକ ସାମଲଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ବିଜୟ ହଜାରେ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବୃଥା ଯାଇଛି। ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଏ'ର ପ୍ରଥମ ମୁକାବିଲାରେ ପ୍ରତିଦ୍ୱନ୍ଦ୍ୱୀ ସୌରାଷ୍ଟ୍ର ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିବା ଫଳରେ ଦଳକୁ ନିରାଶ କରିଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ଓ ବିପ୍ଳବ ୯୧ ବଲ୍‌ରୁ ୧୦୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୪୫ ରନ୍ କରିଥିଲା। ଲିଷ୍ଟ-ଏ'ରେ ଓଡ଼ିଶାର ଏହା ଚତୁର୍ଥ ସର୍ବାଧିକ ସ୍କୋର। ଜବାବରେ ୨୨ ବର୍ଷୀୟ ଡେବ୍ୟୁଟାଣ୍ଟ ଖେଳାଳି ସମର ଗଜ୍ଜରଙ୍କ ଅପରାଜିତ ୧୩୨ ଓ ଅଭିଜ୍ଞ ଚିରାଗ ଜାନିଙ୍କ ୮୬ ରନ୍ ସହାୟତାରେ ସୌରାଷ୍ଟ୍ର ୭ଟି ବଲ ଓ ୫ଟି ୱିକେଟ ବାକିଥାଇ ଏହି ମ୍ୟାଚ୍ ଜିତିନେଇଥିଲା। ଦଳକୁ ଫେରିଥିବା ଦେବବ୍ରତ ପ୍ରଧାନ ୩ଟି, ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ଓ ବିପ୍ଳବ ଚତୁର୍ଥ ୱିକେଟରୁ ୨୬୧ ରନ୍‌ର ପାର୍ଟନରସିପ୍ କରିଥିଲେ। ଲିଷ୍ଟ-ଏ'ରେ ଓଡ଼ିଶା ଖେଳିଥିବା ମ୍ୟାଚ୍‌ରେ ଏହା ରେକର୍ଡ ରନ୍। ପୂର୍ବରୁ ତ୍ରିପୁରା ବିପକ୍ଷରେ ବିବିସିସି ମହାପାତ୍ର ଓ ଶିବସୁନ୍ଦର ଦାସ ପ୍ରଥମ ୱିକେଟରୁ ସର୍ବାଧିକ ୨୩୯ ରନ୍ କରିଥିଲେ।

### ପରିଶ୍ରମ, ଆତ୍ମବିଶ୍ୱାସର ଫଳ ପାଇଛି: ସ୍ୱସ୍ତିକ

ବିଜୟ ହଜାରେ ଟ୍ରଫି ଆରମ୍ଭରୁ ଦ୍ୱିଶତକୀୟ ପାଳି ଖେଳି କ୍ରିକେଟ ଜଗତରେ ଚହଳ ସୃଷ୍ଟି କରିଛନ୍ତି ଓଡ଼ିଶା ଦଳର ଓପନର ସ୍ୱସ୍ତିକ ସାମଲ। ପ୍ରଥମ ଓଡ଼ିଆ ଭାବେ ସ୍ୱସ୍ତିକ ଏଭଳି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ନିକଟ ଅତୀତରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ କଟକ ପାନ୍ଥର୍ସକୁ ଚାମ୍ପିଅନ କରାଇଥିଲେ ଏହି ୨୫ବର୍ଷୀୟ ଡାହାଣହାତୀ ବ୍ୟାଟରଜଣକ। ଏବେ ତାଙ୍କର ବିସ୍ଫୋରକ ପାଳି ଜାତୀୟ ସ୍ତରରେ ଗୁଞ୍ଜରଣ ସୃଷ୍ଟି କରିଛି। ସୌରାଷ୍ଟ୍ର ବିପକ୍ଷରେ ୧୬୯ ବଲରୁ ୨୧ଟି ଚୌକା ଏବଂ ୮ଟି ଛକା ବଳରେ ୨୧୨ରନର ପାଳି ଖେଳିଥିବା ସ୍ୱସ୍ତିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...

**ପ୍ର: ପ୍ରାରମ୍ଭିକ ୱିକେଟ ପତନ ପରେ କ୍ରିଜରେ ତିଷ୍ଠି ରହି ଦ୍ୱିଶତକ ହାସଲ କରିବା ସହଜ ଥିଲା?**

ଉ: ତୃତୀୟ ୱିକେଟ ପତନ ସୁଦ୍ଧା ମୁଁ ୨୦/୨୫ ବଲ ଖେଳିଥିଲି। ଅଧିନାୟକ ବିପ୍ଳବ(ରାଜା) ଭାଇ କ୍ରିଜକୁ ଆସିବା ପରେ କଣ ରଣନୀତି ହେବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ତେବେ ପ୍ରତିପକ୍ଷକୁ ଆଉ ୱିକେଟ ଭେଟି ନଦେଇ ଖେଳକୁ ୪୦ ଓଭର ପର୍ଯ୍ୟନ୍ତ ଟାଣି ନେବା ହିଁ ଲକ୍ଷ୍ୟ ରଖିଥିଲୁ। ତାହା ଭିତରେ ଉଭୟ ନିଜ ଉପରୁ ଚାପ ହଟାଇ ବଡ ସଟ୍ ମାରି ଦଳ ପାଇଁ ଉପଯୋଗୀ ପାଳି ଖେଳି ପାରିଥିଲୁ।

**ପ୍ର: ହାତଗଣତି ଭାରତୀୟ ଖେଳାଳି ବିଜୟ ହଜାରେ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି। ଆପଣ ହେଉଛନ୍ତି ପ୍ରଥମ ଓଡ଼ିଆ। ଏଭଳି ବିରଳ ସଫଳତା ପାଇଁ ପ୍ରସ୍ତୁତି କିପରି କରିଥିଲେ?**

ଉ: ଏବେ ନିଜ ଉପରେ ଅଧିକ ଧ୍ୟାନ ଦେଉଛି। ସମ୍ପୂର୍ଣ୍ଣ ଶୃଙ୍ଖଳିତ ଢ଼ଙ୍ଗରେ କ୍ୟାରିୟରକୁ ଆଗକୁ ବଢ଼ାଇ ନେବା ପାଇଁ ଉଦ୍ୟମ କରୁଛି। ଦ୍ୱିଶତକ ମାରି ପାରିବି ବୋଲି ଆତ୍ମବିଶ୍ୱାସ ଥିଲା। ଆଜି ସେହି ବିଶ୍ୱାସ କାର୍ଯ୍ୟରେ ପରିଣତ ହୋଇଛି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ଇମେଲ୍ - hr@nandighoshatv.com

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS